

ଫୋନରେ ମୋଦୀଙ୍କୁ ଜନ୍ମଦିନର ଶୁଭେଚ୍ଛା ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 178 | ଭାଗ ୩୩ | ସଂଖ୍ୟା ୧୭୮ | Thursday 18 September 2025 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର ୧୮ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




## ମ୍ୟାଚ ପୂର୍ବରୁ ହାଇଡ୍ରାମା

- ସର୍ତ୍ତ ମାନିଲାନି ଆଇସିସି
- ମୁଣ୍ଡ ନୁଆଁଇଲା ପାକିସ୍ତାନ

**ଦୁବାଇ,୧୭।୯:** ଏସିଆ କପ୍-୨୦୨୫ର ଦଶମ ମୁକାବିଲା ୟୁଏଇ ସହିତ ହେବାକୁ ଥିବା ବେଳେ ପାକିସ୍ତାନର ହାଇଡ୍ରାମା ଦେଖିବାକୁ ମିଳିଛି। କ୍ରିକେଟ୍ ମ୍ୟାଚ୍‌ରେ ଭାରତ ଠାରୁ ଶୋଚନୀୟ ପରାଜୟ ପରେ ପାକିସ୍ତାନ ବିଚଳିତ ହୋଇପଡ଼ିଛି। ଏହାରି ମଧ୍ୟରେ ପିସିବି ୟୁଏଇ ସହିତ ମ୍ୟାଚ୍ ପୂର୍ବରୁ ଆଇସିସି ସାମ୍ନାରେ ଦୁଇଟି ପ୍ରମୁଖ ସର୍ତ୍ତ ରଖିଥିଲା। ପାକିସ୍ତାନ କହିଥିଲା, ଯଦି ଦୁଇଟି ଦାବି ପାଳନ କରା ନଯାଏ, ତାହେଲେ ଆଜି ଖେଳାଯିବାକୁ ଥିବା ମ୍ୟାଚ୍‌ରେ ସାମିଲ ହେବୁ ନାହିଁ। ମାତ୍ର ଆଇସିସି କୌଣସି ଦାବିକୁ ପାଳନ କରିନାହିଁ। ଏହା ପରେ ପାକିସ୍ତାନକୁ ପୁଣି ଥରେ ମୁଣ୍ଡ ନୁଆଁଇବାକୁ ପଡ଼ିଛି। ପାକିସ୍ତାନ ଶେଷରେ ମ୍ୟାଚ୍ ଖେଳିବା ପାଇଁ ଷ୍ଟାଡିୟମକୁ ଓହ୍ଲାଇଲା। ୟୁଏଇ ମ୍ୟାଚ ପୂର୍ବରୁ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ତାର ଦଳକୁ ହୋଟେଲରୁ ପଡିଆକୁ ନ ଯିବାକୁ ନିର୍ଦ୍ଦେଶ ଦେଇଥିଲା। ପାକିସ୍ତାନୀ ନ୍ୟୁଜ୍ ଏଜେନ୍ସି ଜିଓ ନ୍ୟୁଜ୍ ଅନୁଯାୟୀ, ପାକିସ୍ତାନୀ ଦଳ ଦୁବାଇ ଷ୍ଟାଡିୟମକୁ ଠିକ୍ ସମୟ ମଧ୍ୟରେ ଯାଇ ନଥିଲା। ପାକିସ୍ତାନ ଦଳ ଦୁବାଇ ଇଣ୍ଟରନ୍ୟାସନାଲ୍ ➪ପୃଷ୍ଠା-୬

# ଜନ୍ମଦିନରେ ବଡ଼ ଉପହାର

## ସୁସ୍ଥ ନାରୀ- ସଶକ୍ତ ପରିବାର ଅଭିଯାନର ଶୁଭାରମ୍ଭ



- ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ
- ଓଡ଼ିଶାର ଦେଢ଼କୋଟି ମହିଳା ଅଭିଯାନରେ ଉପକୃତ ହେବେ
- ମୋଦୀଙ୍କ ଯୋଜନା ନାରୀଙ୍କୁ ସହଯୋଗର ହାତ ବଢ଼ାଇଛି

**ଭୁବନେଶ୍ୱର,୧୭।୯(ସଂଚାର ବ୍ୟୁରୋ):** ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶର ଧାର୍ ଠାରେ ସୁସ୍ଥ ନାରୀ-ସଶକ୍ତ ପରିବାର ଅଭିଯାନର ଦେଶବ୍ୟାପୀ ଶୁଭାରମ୍ଭ କରିଛନ୍ତି। ମହିଳାମାନଙ୍କ ସ୍ୱାସ୍ଥ୍ୟ, ପୋଷଣ ଉପରେ ଫୋକସ ହୋଇଥିବା ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ଅନୁଷ୍ଠିତ ହେଉଛି। ଏହି ଅବସରରେ ଆଜି ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରିମଣ୍ଡଳର ସଦସ୍ୟ, ବିଧାୟକ ଓ ନେତୃମଣ୍ଡଳୀ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହ ଯୋଡିହୋଇଥିଲେ। କାର୍ଯ୍ୟକ୍ରମରେ ଆୟୋଜିତ ହେଲଥ୍ ସ୍କ୍ରିନିଂ ଷ୍ଟଲ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରି ବୁଲି ଦେଖିଥିଲେ। କାର୍ଯ୍ୟକ୍ରମ ପରେ ଗଣମାଧ୍ୟମକୁ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ ➪ପୃଷ୍ଠା-୬



## ଦୀର୍ଘ ନିରାମୟ ଜୀବନ କାମନା କଲେ ମୁଖ୍ୟମନ୍ତ୍ରୀ

- ପ୍ରଧାନମନ୍ତ୍ରୀଙ୍କ ଜୀବନ ମା' ଭାରତୀ'ର ସେବାରେ ଉତ୍ସର୍ଗୀକୃତ
- ନିଜ ଅନୁଭବରୁ ଲୋକଙ୍କ ସମସ୍ୟା ଜାଣିଥାନ୍ତି ପ୍ରଧାନମନ୍ତ୍ରୀ
- ତାଙ୍କ ନିଷ୍ପତ୍ତିରେ ଲୋକଙ୍କ ସମସ୍ୟା ଦୂର ହୋଇଥାଏ

**ଭୁବନେଶ୍ୱର, ୧୭।୯(ସଂଚାର ବ୍ୟୁରୋ):** ନିଜର ଜନ୍ମଦାତୀ ମା'ଙ୍କ ସ୍ମୃତିରେ ଗଛଟିଏ ଲଗାନ୍ତୁ ଏବଂ ସେହି ଗଛଟିକୁ ନିଜ ପରିବାରର ସଦସ୍ୟ ଭଳି ଦେଖାଶୁଣା କରନ୍ତୁ। ଗଛ ଯେପରି ଫୁଲ, ଫଳ ଧରି ଆପଣଙ୍କ ପରିଶ୍ରମକୁ ସାର୍ଥକ କରିବ। ଏହା ହେବ ଆମର ପ୍ରିୟ ପ୍ରଧାନମନ୍ତ୍ରୀଙ୍କୁ, ଧରିତ୍ରୀ ମାତାଙ୍କୁ ଓ ଆମର ଆଗାମୀ ପିଢ଼ିକୁ ଓଡ଼ିଶାବାସୀଙ୍କ ଶ୍ରେଷ୍ଠ ଉପହାର। ଆଜି ସ୍ଥାନୀୟ ଏକାମ୍ର କଲେଜ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ୭୫ତମ ଜନ୍ମଦିନ ଅବସରରେ 'ଏକ୍ ପେଡ୍ ମା କେ ନାମ୍' ଅଭିଯାନର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ➪ପୃଷ୍ଠା-୬

# କଂଗ୍ରେସକୁ କପି କରି ବିଜେଡି ଭାଣ୍ଡିଆ

- ଟଙ୍କା ମଞ୍ଜୁର ପରେ ସରକାରଙ୍କୁ ଗାଳି
- ପଦାରେ ପଡ଼ିଲା ଅପାରଗତା



**ଭୁବନେଶ୍ୱର,୧୭।୯(ସଂଚାର ବ୍ୟୁରୋ) :** କଂଗ୍ରେସ ଉଠାଇଥିବା ପ୍ରସଙ୍ଗକୁ କପି କରି ବିଜେଡି ଆଜି ଭାଣ୍ଡିଆ ହୋଇଛି। କଂଗ୍ରେସ ଗତକାଲି ସାମ୍ବାଦିକ ସମ୍ମିଳନୀ କରି ଆଦିବାସୀ ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ପ୍ରସଙ୍ଗ ଉଠାଇଲା ପରେ ରାଜ୍ୟ ସରକାର ତୁରନ୍ତ ଅର୍ଥ ମଞ୍ଜୁର କରିଥିବା ବେଳେ ବିଜେଡି ତାହାର ଟେର ନପାଇ ଆଜି ସେହି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ ଗାଳିଦେବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ବିଧାନସଭାର ଅବ୍ୟବହିତ ପୂର୍ବରୁ ମୁଖ୍ୟ ବିରୋଧୀ ଦଳର ଏଭଳି ଆଚରଣ ଏକେ ଦଳର ଅପାରଗତାକୁ ପଦାରେ ପକାଇଛି। ଗତକାଲି କଂଗ୍ରେସ ସାମ୍ବାଦିକ ସମ୍ମିଳନୀ କରି ଆଦିବାସୀ ଛାତ୍ରଛାତ୍ରୀମାନେ ଷ୍ଟାଇପେଣ୍ଡ ପାଉନଥିବା କହିଥିଲା। ଏହି ଖବର ପାଇବାପରେ ସରକାରୀ କଳ ଚଳଚଞ୍ଚଳ ହୋଇ ଉଠିବା ସହିତ ତତ୍କାଳ ପଦକ୍ଷେପ ଗ୍ରହଣ କରିଥିଲା। ସରକାର ୧୭ ଆଦିବାସୀ ଜିଲ୍ଲାର ୧୫,୨୨୯ ଛାତ୍ରଛାତ୍ରୀଙ୍କର ବକେୟା ଥିବା ୬ ମାସର ଛାତ୍ରବୃତ୍ତି ତୁରନ୍ତ ପ୍ରଦାନ କରିଛନ୍ତି। ଏ ବାବଦରେ ସରକାର ୧୦, ୦୫,୧୧,୪୦୦ ଟଙ୍କା ଜାରି କରିଛନ୍ତି। ଏଥି ସହିତ ଯେଉଁ ଆଦିବାସୀ ଛାତ୍ରଛାତ୍ରୀଙ୍କର ସ୍କୁଲ ଫି, ପୋଷାକ, ବହି ଓ ପାଠ୍ୟ ଉପକରଣ ବାବଦ ବକେୟା ଥିବା ୪୦ କୋଟି ୫୮ ଲକ୍ଷ ଟଙ୍କା ମଧ୍ୟ ତତ୍କାଳ ରିଲିଜ କରିଛନ୍ତି।

ତେବେ ରାଜ୍ୟ ସରକାର ଅର୍ଥ ପ୍ରଦାନ କରିବା ସଂକ୍ରାନ୍ତରେ ବିଜେଡି କିଭଳି ଜାଣି ପାରିଲା ନାହିଁ, ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିବା ବେଳେ ଆଭ୍ୟନ୍ତରୀଣ କନ୍ଦଳରେ ମାତିଥିବା ଦଳୀୟ ନେତାଙ୍କୁ ଏଥିପାଇଁ ସମୟ ପାଇଲେନାହିଁ ବୋଲି କର୍ମୀମାନେ କହୁଛନ୍ତି। ବିଧାନସଭାକୁ ଦୃଷ୍ଟିରେ ରଖି କଂଗ୍ରେସ ସହିତ ଲଢୁଥିବା ବିଜେଡି କୌଣସି ପ୍ରସଙ୍ଗକୁ ହାତଛଡା କରୁନଥିବାବେଳେ ଆଦିବାସୀ ଛାତ୍ରଛାତ୍ରୀ ପ୍ରସଙ୍ଗରେ କିନ୍ତୁ କପି କରି ଧରାପଡିଯାଇଛି ବୋଲି ଚର୍ଚ୍ଚା ହେଉଛି।

## ୨୩ରେ ରତ୍ନଭଣ୍ଡାରକୁ ଅଳଙ୍କାର ସ୍ଥାନାନ୍ତରଣ



**ଭୁବନେଶ୍ୱର, ୧୭।୯(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ପରିଚାଳନା ନେଇ ଦୁଇଟି ବଡ଼ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତିଯେ, ଧାଡି ଦର୍ଶନ ନେଇ ଯେଉଁ ସମସ୍ୟା ଥିଲା ତାହା ଆଜି ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି କ୍ରମେ ଦୂର ହୋଇଛି। ଶ୍ରୀମନ୍ଦିର ଭିତରେ ଥିବା ହୁଣ୍ଡି ଯୋଗୁଁ ଧାଡ଼ିଦର୍ଶନ ସମ୍ଭବ ହୋଇପାରୁନଥିଲା । ତେଣୁ ହୁଣ୍ଡି ସ୍ଥାନାନ୍ତରଣ ନେଇ ଆଜି ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିଛି । ଶ୍ରୀମନ୍ଦିର ପ୍ରଶାସନ ଓ ପୁରୀ ଜିଲ୍ଲାପାଳ ନିଯୋଗମାନଙ୍କ ସହ ଆଲୋଚନା ପରେ ହୁଣ୍ଡି କେଉଁଠିକୁ ସ୍ଥାନାନ୍ତର ହେବ ସେଥିନେଇ ନିଷ୍ପତ୍ତି ନେବେ । ଏହା ପରେ ପରୀକ୍ଷାମୂଳକ ଭାବେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି । ଏଥି ସହିତ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସ୍ୱରୂପ ଚଳିତ ସେପ୍ଟେମ୍ବର ୨୩ ତାରିଖରେ ଅଳଙ୍କାର ଭର୍ତ୍ତି ସିନ୍ଧୁକକୁ ରତ୍ନଭଣ୍ଡାର ଭିତରକୁ ନିଆଯିବା ଶ୍ରୀମନ୍ଦିର ପ୍ରଶାସନ ଓ ଉଚ୍ଚସ୍ତରୀୟ କମିଟିର ଉପସ୍ଥିତିରେ ସିନ୍ଧୁକ ଗୁଡିକୁ ରତ୍ନଭଣ୍ଡାର ଭିତରକୁ ନିଆଯିବ ବୋଲି ଆଜି ରତ୍ନଭଣ୍ଡାର ସବକମିଟିର ଆଲୋଚନା କ୍ରମେ ନିଷ୍ପତ୍ତି ନିଆଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

- ଖୁବ ଶୀଘ୍ର ହେବ ପରୀକ୍ଷା ମୂଳକ ଧାଡ଼ି ଦର୍ଶନ ବ୍ୟବସ୍ଥା
- ପୂର୍ବାହ୍ନ ୭ଟା ୧୭ ପରେ ପଡୁଛି ମାହେନ୍ଦ୍ର ବେଳା

ଭୁବନେଶ୍ୱରରେ ହତ୍ୟା, କେନ୍ଦୁଝରରେ ମୃତଦେହ

## ସ୍ୱାମୀ ଦୀପକ ଗିରଫ



- ହତ୍ୟା ପରେ ସିମେଣ୍ଟ ଅଖାରେ ବାନ୍ଧି ପୋତିଥିଲା
- ଅଭିଯୁକ୍ତକୁ କ୍ରାଇମ ସ୍ପଟ୍‌କୁ ନେଇ ସିନ୍ ରିକ୍ରିଏସନ
- ପୋଲିସ ସ୍କାନରେ ଆଉ ୨ ସହଯୋଗୀ

**ଭୁବନେଶ୍ୱର,୧୭।୯(ସଂଚାର ବ୍ୟୁରୋ) :** ଲେଡି କନେଷ୍ଟବଳ ହତ୍ୟା ମାମଲାରେ କ୍ରାଇମ ସ୍ପଟରେ ଡେମୋ ଦେଖାଇଲା ଅଭିଯୁକ୍ତ ଦୀପକ ରାଉତ। ଘଟଗାଁରେ ମୃତଦେହ ପୋତିଥିବା ସ୍ଥାନରେ କ୍ରାଇମସିନ ରିକ୍ରିଏସନ କଲା ପୋଲିସ। ସେପ୍ଟେମ୍ବର ୭ରେ ନିଖୋଜ ନେଇ ଅଭିଯୋଗ ହୋଇଥିଲା। କନେଷ୍ଟବଳ ଦୀପକ ରାଉତଙ୍କ ସହ ଶୁଭମିତ୍ରାଙ୍କ କୋର୍ଟ ମ୍ୟାରେଜ ହୋଇଥିଲା। ମହିଳା କନେଷ୍ଟବଳଙ୍କ ନିକଟରୁ ୧୦ ଲକ୍ଷ ନେଇଥିଲା ଅଭିଯୁକ୍ତ ଦୀପକ। ଟଙ୍କାକୁ ନେଇ ➪ପୃଷ୍ଠା-୬

## ଇଭିଏମ୍‌ରେ ରହିବ ପ୍ରାର୍ଥୀଙ୍କ ରଙ୍ଗୀନ ଫଟୋ: ନିର୍ବାଚନ କମିଶନ



**ନୂଆଦିଲ୍ଲୀ, ୧୭।୯:** ଭାରତ ନିର୍ବାଚନ ଆୟୋଗ ଇଭିଏମ୍ ବାଲଟ୍ ପେପରଗୁଡ଼ିକର ସ୍ପଷ୍ଟତା ଏବଂ ପଠନୀୟତା ବୃଦ୍ଧି କରିବା ପାଇଁ ନିର୍ବାଚନ ଆଚରଣ ନିୟମ, ୧୯୬୧ର ନିୟମ ୪୯ଖ ଅନୁଯାୟୀ ବିଦ୍ୟମାନ ନିର୍ଦ୍ଦେଶାବଳୀକୁ ସଂଶୋଧନ କରିଛନ୍ତି। ନିର୍ବାଚନ ପ୍ରକ୍ରିୟାକୁ ସୁଗମ, ଉନ୍ନତ ଏବଂ ଭୋଟରଙ୍କ ପାଇଁ ସୁବିଧା ବୃଦ୍ଧି କରିବା ପାଇଁ ନିର୍ବାଚନ ଆୟୋ ଦ୍ୱାରା ଗତ ୬ ମାସରେ ନିଆଯାଇଥିବା ୨୮ ଟି ପଦକ୍ଷେପ ସହ ଏହି ପଦକ୍ଷେପ ସଙ୍ଗତ। ବର୍ତ୍ତମାନଠାରୁ, ଇଭିଏମ୍ ବାଲଟ୍ ପେପରରେ ପ୍ରାର୍ଥୀଙ୍କ ରଙ୍ଗୀନ ଫଟୋ ମୁଦ୍ରିତ ହେବ। ଭଲ ଦୃଶ୍ୟମାନତା ପାଇଁ ପ୍ରାର୍ଥୀଙ୍କ ମୁହଁ ତିନି-ଚତୁର୍ଥାଂଶ ସ୍ଥାନ ଅଧିକାର କରିବ। ପ୍ରାର୍ଥୀଙ୍କ କ୍ରମିକ ସଂଖ୍ୟା/ ନୋଟା ଭାରତୀୟ ➪ପୃଷ୍ଠା-୬

- କ୍ରମିକ ସଂଖ୍ୟା ସ୍ପଷ୍ଟ ଭାବରେ ପ୍ରଦର୍ଶିତ ହେବ
- ବିହାରରୁ ଆରମ୍ଭ, ଆଗାମୀ ନିର୍ବାଚନରେ ବ୍ୟବହାର

ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ 'ସେବା ପକ୍ଷ' ପାଳିଲେ କେନ୍ଦ୍ରମନ୍ତ୍ରୀ

## 'ସେବା ପକ୍ଷ' ଆଣିବ ସକାରାତ୍ମକ ପରିବର୍ତ୍ତନ

- ସମ୍ବଲପୁର ସୈନିକ ସ୍କୁଲ ପରିସରରେ ଗଛ ଲଗାଇଲେ
- ବିଜେପି ଯୁବ ମୋର୍ଚ୍ଚାର ରକ୍ତଦାନ ଶିବିର ଉଦ୍‌ଘାଟିତ
- 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନରେ ଯୋଗଦେଲେ
- ସ୍ୱାସ୍ଥ୍ୟ କାର୍ଡ ଓ ଟିବି ରୋଗୀଙ୍କୁ ପୁଷ୍ଟି କିଟ୍ ବିତରଣ



**ସମ୍ବଲପୁର, ୧୭।୯ (ସଂଚାର ବ୍ୟୁରୋ):** ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଜନନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ନିଜ ସଂସଦୀୟ କ୍ଷେତ୍ରରେ 'ସେବା ପକ୍ଷ' ପାଳନ କରିବା ସହ ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି।

ଶ୍ରୀ ପ୍ରଧାନ ଆଜି ପ୍ରଥମେ ସମ୍ବଲପୁର ସୈନିକ ସ୍କୁଲ ପରିସରରେ 'ସେବା ପକ୍ଷ' କାର୍ଯ୍ୟକ୍ରମ ଅଧୀନରେ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ନାଗରିକ ଓ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନଙ୍କ ସହ ବୃକ୍ଷରୋପଣ କରିଥିଲେ। ପରେ ବିଜେପି ଯୁବ ମୋର୍ଚ୍ଚା ଦ୍ୱାରା ଆୟୋଜିତ ଏକ ରକ୍ତଦାନ ➪ପୃଷ୍ଠା-୬

ଡିଜେ ବିରୋଧରେ ସର୍କୁଲାର ଜାରି

## ନିୟମ ଉଲ୍ଲଙ୍ଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ



- ଜରିମାନା ସହ ପଞ୍ଜିକରଣ ଓ ଫିଟନେସ୍ ରଦ୍ଦ କରାଯିବ
- ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପଦକ୍ଷେପ ନେଲା ପରିବହନ ପ୍ରାଧିକରଣ

**କଟକ/ଭୁବନେଶ୍ୱର,୧୭।୯(ସଂଚାର ବ୍ୟୁରୋ):** ବିଗତ କିଛି ଦିନ ମଧ୍ୟରେ ବେଆଇନ ଡିଜେ ଗାଡ଼ି ଯୋଗୁଁ ସାମ୍ନାକୁ ଆସିଥିବା ଅଘଟଣକୁ ନେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗଭୀର ଚିନ୍ତାପ୍ରକଟ କରିଛନ୍ତି। ଏହି ଡିଜେ ଯାନଗୁଡ଼ିକ ବେଆଇନ ଭାବେ ଯାନର ଷ୍ଟ୍ରକଚର୍ ବା ମୂଳଢାଞ୍ଚାରେ କରୁଥିବା ପରିବର୍ତ୍ତନ, ଯାନର ଉଚ୍ଚତା, ଲମ୍ବ ଏବଂ ପ୍ରସ୍ଥରେ ପରିବର୍ତ୍ତନ, ଯାନରେ ଲଗାଉଥିବା ଅତି ଉଚ୍ଚ ସ୍ୱରର ଲାଉଡ ସ୍ପିକର ଏବଂ ଚିକମିକ୍ କରୁଥିବା ବେଆଇନ ଆଲୋକ ଇତ୍ୟାଦିକୁ ରୋକିବା ନିମନ୍ତେ ଏଣିକି କଠୋର ଆଭିମୁଖ୍ୟ ➪ପୃଷ୍ଠା-୬



### କାନ ଡେରିଥା

ଗଛ ଲଗାପାଇଁ ଲୋକଙ୍କ
ଆଗ୍ରହ
ଗଛକୁ କାଟନ୍ତି ମାଫିଆ
ବନ ବିଭାଗର ସଲାସୁତୁରାରେ
କଟା ଯାଏ ରାତି ଅଧିଆ
ବିଭାଗର କଥା ଧୂଆଁ...
କହିବେ ଗଛ ତ ସୁରକ୍ଷିତ ଅଛି
ଆମେ କରିବୁ ବା କିଆଁ ।

■ ଦେବାଶିଷ

# ଓପିଜିସିର ଚତୁର୍ଥ ୟୁନିଟ୍ ଅଚଳ ; ଦିନକୁ କୋଟିଏ କ୍ଷତି

**ମିଳିମିଶି ଦୋଷ ଲୁଚାଇଛନ୍ତି**

**୨୦ଦିନ ହେଲା ବନ୍ଦ ରହିଛି**

**ଭୁବନେଶ୍ୱର,୧୭।୯(ସଂଚାର ବ୍ୟୁରୋ) :** ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଓଡ଼ିଶା ତାପଜ ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ଚତୁର୍ଥ ୟୁନିଟ୍‌ର ଉତ୍ପାଦନ ୨୦ଦିନ ହେଲା ବନ୍ଦ ରହିଛି। କର୍ତ୍ତୃପକ୍ଷ ଏହାକୁ ମରାମତି କରିପାରୁ ନଥିବାରୁ ଦିନକୁ ୬୬୦ ମେଗାୱାଟ ବିଜୁଳି ଉତ୍ପାଦନ ଠପ୍ ହୋଇଯାଇଛି। ଏହାର ଅଳ୍ପଦିନ ପୂର୍ବରୁ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ତୃତୀୟ ୟୁନିଟ୍‌ଟି ବି ବନ୍ଦ ରହିଛି। ଫଳରେ ୧୭୪୦ ମେଗାୱାଟ ବିଜୁଳି ଉତ୍ପାଦନ କ୍ଷମତା ଥିବା ଓପିଜିସିରୁ ଦୈନିକ ୧୩୨୦ ମେଗାୱାଟ ବିଜୁଳି ଉତ୍ପାଦନ ବ୍ୟାହତ ହେଉଛି। ଚତୁର୍ଥ ୟୁନିଟ୍ ଅଚଳ ସହିତ ବ୍ୟାପକ କ୍ଷତି ହେଉଥିବା ବେଳେ କର୍ତ୍ତୃପକ୍ଷ କୌଣସି ପ୍ରକାରେ ଏହାକୁ ଚାପିବାରେ ସକ୍ଷମ ହୋଇଛନ୍ତି। ମରାମତି ପାଇଁ ଦିନ ରାତି ଲାଗିଥିଲେ ବି ସେଥିରେ ସଫଳ ହୋଇପାରୁ ନାହାନ୍ତି । ଅନ୍ୟ ପକ୍ଷରେ ଓପିଜିସିରୁ ଶସ୍ତାରେ ବିଜୁଳି କିଣୁଥିବା ଗ୍ରିଡ୍‌କୋ ମଧ୍ୟ ଏ ନେଇ କୌଣସି ସୂଚନା ବାହାରକୁ ଛାଡୁନାହିଁ। ମୋଟାମୋଟି ଭାବେ ଶକ୍ତିବିଭାଗ, ଓପିଜିସି କର୍ତ୍ତୃପକ୍ଷ ଓ ଗ୍ରିଡ୍‌କୋ ସମସ୍ତେ ଏକ ପ୍ରକାର ନିରବତା ଅବଲମ୍ବନ କରିଛନ୍ତି। ଉଲ୍ଲେଖନୀୟ ଯେ ଗ୍ରିଡ୍‌କୋ ଓପିଜିସିରୁ ୟୁନିଟ୍ ପିଛା ୨ଟଙ୍କା ୭୦ ପଇସାରେ ବିଦ୍ୟୁତ୍ କିଣି ବିତରଣ କମ୍ପାନୀମାନଙ୍କୁ ଯୋଗାଇଥାଏ । ତେବେ ମିଳିଥିବା ସୂଚନା ଅନୁଯାୟୀ ଚତୁର୍ଥ ୟୁନିଟ୍ ବ୍ରଏଲର ଟ୍ୟୁବରେ ଲିକ୍ ଯୋଗୁଁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। କର୍ତ୍ତୃପକ୍ଷ ଏହାକୁ ସହଜରେ ମରାମତି କରିପାରୁ ନାହାନ୍ତି। ତେବେ ଓପିଜିସିରେ ହେଉଥିବା ଆଲୋଚନା ଅନୁଯାୟୀ ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀଙ୍କ ଅନଭିଜ୍ଞତା ଯୋଗୁଁ ଏଭଳି ସ୍ଥିତି ଉପୁଜିଛି। ଓପିଜିସି ଏବେ ଏକ ପ୍ରକାର ଥଇଥାନ କେନ୍ଦ୍ରରେ ପରିଣତ ହୋଇଥିବାରୁ ଅନ୍ୟ ସଂସ୍ଥାରୁ ଅବସରପ୍ରାପ୍ତ ବାବୁମାନେ କୌଣସି ପ୍ରକାରେ ଧରାଧରି କରି ଏଠାରେ ଥଇଥାନ ହୋଇଯାଉଛନ୍ତି। ମୋଟା ଅଙ୍କର ବେତନରେ ଏଠାକୁ ଆସୁଥିବାବେଳେ ସେମାନଙ୍କର ପ୍ରଦର୍ଶନ ସେତେଟା ଭଲ ରହୁନାହିଁ। ଫଳରେ ଏକକାଳୀନ ଓପିଜିସିର ଦୁଇଟି ବଡ ଉତ୍ପାଦନ ୟୁନିଟ୍ ବନ୍ଦ ରହିଛି।



ଉଲ୍ଲେଖନୀୟ ଯେ ଓପିଜିସିର ମୋଟ୍ ୪ଟି ବିଦ୍ୟୁତ୍ ଉତ୍ପାଦନ ୟୁନିଟ୍ ରହିଛି । ଏଥିରୁ ୨୧୦ ମେଗାୱାଟ କ୍ଷମତା କରି ୨ଟି ୟୁନିଟ୍ ଥିବାବେଳେ ୬୬୦ ମେଗାୱାଟ କରି ଦୁଇଟି ୟୁନିଟ୍ ରହିଛି । ବର୍ତ୍ତମାନ ବଡ ଉତ୍ପାଦନ ୟୁନିଟ୍ ଦୁଇଟି ଅଚଳ ହୋଇପଡିବା ଯୋଗୁଁ କେବଳ ଓପିଜିସି କର୍ତ୍ତୃପକ୍ଷ ୪୪୦ ମୋଗାୱାଟ ବିଜୁଳି ଉତ୍ପାଦନରେ ସକ୍ଷମ ହେଉଛନ୍ତି। ଓପିଜିସିର ସମସ୍ତ ବିଦ୍ୟୁତ୍ ଗ୍ରିଡ୍‌କୋ ଖରିଦ କରୁଥିବାବେଳେ ବର୍ତ୍ତମାନ ସ୍ଥାନିରେ ଗ୍ରିଡ୍‌କୋ କର୍ତ୍ତୃପକ୍ଷ କେଉଁ ସୂତ୍ରରୁ ୧୩୨୦ ମେଗାୱାଟ ବିଜୁଳି କେତେ ଦରରେ ଖରିଦ କରୁଛନ୍ତି ସେ ସଂକ୍ରାନ୍ତରେ ଅନୁଧ୍ୟାନ ଜାରି ରହିଛି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଓପିଜିସିରେ ମାର୍କେଟ ବେସଡ୍ ସାଲାରୀ (ଏମବିଏସ୍) ଲାଗୁ ହୋଇଥିବାରୁ ଏଠାରେ ଅଧିକାରୀମାନେ ବାର୍ଷିକ ୪୦ ଲକ୍ଷରୁ କୋଟିଏ ଟଙ୍କା ପର୍ଯ୍ୟନ୍ତ ବେତନ ପାଇଥାନ୍ତି। ଏଥିଯୋଗୁଁ ଶକ୍ତି ବିଭାଗ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସଂସ୍ଥାରୁ ଅବସରପ୍ରାପ୍ତ ଅଧିକାରୀମାନେ ବି ଏଠାରେ ଆସି ନିଯୁକ୍ତ ହେଉଛନ୍ତି। ଏତେ ପରିମାଣର ମୋଟା ଅଙ୍କର ପାଉଣା ନେଉଥିଲେ ମଧ୍ୟ ଓପିଜିସିରେ ନିୟମିତ ଭାବେ ସଙ୍କଟ ପରିଲକ୍ଷିତ ହେଉଛି। କେତେବେଳେ ପାଉଁଶ ପୋଖରୀ ପାଚେରୀ ଭୁଷୁଡୁଛି ତ ଆଉ କେତେବେଳେ ଉତ୍ପାଦନ ୟୁନିଟ୍ ଅଚଳ ହେଉଛି। ତେଣୁ ଅବସରପ୍ରାପ୍ତ ଅଧିକାରୀଙ୍କୁ ଏଠାରେ ଥଇଥାନ ବଦଳରେ ଦକ୍ଷ ଯୁବ ଅଧିକାରୀଙ୍କୁ ନିଯୁକ୍ତି ଦେବାପାଇଁ ମତପ୍ରକାଶ ପାଉଛି।

## ‘ସୁସ୍ଥ ନାରୀ ସଶକ୍ତ ପରିବାର’ ଅଭିଯାନର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ



**କେନ୍ଦ୍ରାପଡ଼ା,୧୭।୯(ସଂଚାର ବ୍ୟୁରୋ):** ‘ସୁସ୍ଥ ନାରୀ ସଶକ୍ତ ପରିବାର ‘ଅଭିଯାନର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆଜି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ ନାୟକ, ଜିଲ୍ଲାପାଳ ରଘୁରାମ ଆର ଆୟର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମନୋରଞ୍ଜନ ରାଉତଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।ଏହି ଅଭିଯାନ ଆଜି ଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅଭିଯାନରେ ସବୁ ବର୍ଗର ମହିଳାଙ୍କର ବିସ୍ତୃତ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ଏହି ଅଭିଯାନରେ ଅଣସଂକ୍ରାମକ, ଯକ୍ଷ୍ମା, ରକ୍ତହୀନତା, ସିକିଲସେଲ ଓ ଥାଲାସେମିଆ ଆଦି ରୋଗର ଚିହ୍ନଟ, ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ବୟସାନୁଯାୟୀ ଟୀକାକରଣ କରାଯିବ। ତତସହିତ ଋତୁସ୍ରାବ ଜନିତ ପରିଚ୍ଛନ୍ନତା ଏବଂ ଖାଦ୍ୟରେ ତେଲ, ଚିନି କମ କରିବା ଉପରେ ସଚେତନ କରାଯିବ। ଏହା ସହିତ ଏହି ଅଭିଯାନରେ ରକ୍ତଦାନ ଶିବିର ମଧ୍ୟ ଆୟୋଜିତ ହେବ। ଆଜିଠାରୁ ଏହି କାର୍ଯ୍ୟକ୍ରମ ଜିଲ୍ଲାର ସମସ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଉପଖଣ୍ଡ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାଲିବ। ରାଜନଗର ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ, ବିଧାୟକ ଏବଂ ଜିଲ୍ଲାପାଳ ଜଣେ ଯକ୍ଷ୍ମା ରୋଗୀକୁ ପୁଷ୍ଟିକର ପ୍ୟାକେଟ ପ୍ରଦାନ କରିଛନ୍ତି। ବହୁ ସଂଖ୍ୟାରେ ମହିଳା ଏହି ଅଭିଯାନରେ ନିଜକୁ ସାମିଲ କରି ସୁସ୍ଥ ରହିବା ସହ ପରିବାରକୁ ସଶକ୍ତ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ମହିଳାମାନେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିବା ବେଳେ ସାଙ୍ଗରେ ଆଧାର କାର୍ଡ ଆଣିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

## ଯାକଜମକରେ ପାଳିତ ହେଲା ବିଶ୍ୱକର୍ମା ପୂଜା

**ପଟ୍ଟାମୁଣ୍ଡାଇ,୧୭।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ନିଆରା ଢଙ୍ଗରେ ବିପୁଳ ଆନନ୍ଦ ଉଲ୍ଲାସର ସହିତ ଯାକଯମକରେ ପାଳିତ ହୋଇଯାଇଛି ବିଶ୍ୱକର୍ମା ପୂଜା ଓ ଆଜି ପ୍ରତ୍ୟୁଷରୁ ବିଶ୍ୱ ସର୍ଜନାର ବିନ୍ଧାଣୀ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ପାଇଁ ସମଗ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳ ଉତ୍ସବ ମୁଖର ହୋଇପଡ଼ିଥିଲା ଓ ପଟ୍ଟାମୁଣ୍ଡାଇ ସହର ଓ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରଭୁ ବିଶ୍ୱକର୍ମାଙ୍କ ସଦୃଶ୍ୟ ମୃଣ୍ମୟ ମୂର୍ତ୍ତି ଶୋଭାପାଉଥିବା ବେଳେ ଆକର୍ଷଣୀୟ ସାଜସଜ୍ଜା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ମନଲୋଭା ହୋଇଥିଲା ଓ ନିର୍ମାଣ ଦାୟିତ୍ୱରେ ଥିବା ବଡ଼ବାବୁ ଠାରୁ ଶ୍ରମିକ ପର୍ଯ୍ୟନ୍ତ ସମସ୍ତେ ଏକାକାର ହୋଇ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜାରେ ମାତିଥିଲେ ଓ ଏହି ପୂଜା ରେ ବିଭିନ୍ନବର୍ଗର ଲୋକମାନେ ସାମିଲ ହେବା ସହିତ ଭାଇଚାରାର ଭିନ୍ନ ମାହୋଲ ଦେଖିବାକୁ ମିଳିଥିଲା ଓ ପଟ୍ଟାମୁଣ୍ଡାଇ ବିଦ୍ୟୁତ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତ ବିଭାଗ ଉଠାଜଳସେଚନ ବିଭାଗ, ଜଳସମ୍ପଦ ବିଭାଗ, ଗ୍ରାମ୍ୟଉନ୍ନୟନ ବିଭାଗ, ଗ୍ରାମ୍ୟଜଳଯୋଗାଣ ଓ ପରିମଳ ବିଭାଗ, କୋଣାର୍କ ଟ୍ରେଡ଼ର୍ସ ଜଂଜାଳୀ ଟ୍ରେଡ଼ର୍ସ ନଳିନୀ ଇଲେଟ୍ରୋନିକ୍ସ ସଞ୍ଜୟ ଇଲେଟ୍ରୋନିକ୍ସ, ଜେନା ପ୍ଲାଏଉଡ ଆଣ୍ଡ ଟ୍ରେଡସ୍, ଗଜାନନ ଇଲେକ୍ଟ୍ରୋନିସ, ପତିତପାବନ ସାନିଟାରୀ, ଆଦି ବିଭିନ୍ନ ମ୍ୟାସିନାରୀ ସଂସ୍ଥାରେ ବିଶ୍ୱ ସର୍ଜନାର ବିନ୍ଧାଣୀ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ଯାକଯମକରେ ପାଳନ କରାଯାଇଥିଲା ।

ଆହାର ମୁହଁରେ ପାହାର

# ଟିକେଟ ଅଛି ହେଲେ ଖାଦ୍ୟ ନାହିଁ

### ଖାଦ୍ୟ ନଥିବାରୁ ହୋହାଲ୍ଲା କଲେ ରୋଗୀଙ୍କ ସମ୍ପର୍କୀୟ



**କେନ୍ଦ୍ରାପଡା,୧୭।୯(ସଂଚାର ବ୍ୟୁରୋ):** ସରକାରଙ୍କ ଦ୍ୱାରା ସାଧାରଣ ଗରିବ ନିଷ୍ପେସିତ ଏବଂ ରୋଗୀଙ୍କ ସଂପର୍କୀୟ ମାନଙ୍କୁ ଭୋକରୁ ଦୂର କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଦିନ ଏହି ବାବଦରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବିଭିନ୍ନ ସହର ଓ ମେଡ଼ିକାଲ ଭଳି ସ୍ଥାନ ମାନଙ୍କରେ ମାତ୍ର ୫ ଟଙ୍କା ରେ ଖାଦ୍ୟ ପରସା ଯାଉଛି। କିନ୍ତୁ ଏହି କାଦ୍ୟ ଭୋକ ଉପାସରେ ରହୁଥିବା ସାଧାରଣ ଲୋକେ ବା ନିଜର କାର୍ଯ୍ୟ ପାଇଁ ଗୁରୁତ୍ୱ ପୂର୍ଣ୍ଣ ସ୍ଥାନ ମାନଙ୍କରେ ଯାଉଥିବା ଲୋକେ ଏହି ଖାଦ୍ୟ ରୁ ବଞ୍ଚିତ ହେଉଥିବା ଘଟଣା ସାମ୍ନାକୁ ଆସିଛି। ଯାହା ଫଳରେ ଏହି ଯୋଜନା ବାଟମାରଣା ହେଉଥିବା ଜଣାପଡ଼ିଛି। ଏଭଳି ଘଟଣା କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଆହାର କେନ୍ଦ୍ରରେ ଦେଖିବାକୁ ମିଳିଛି। ଏହି କେନ୍ଦ୍ରରେ ପ୍ରତ୍ୟେକ ଦିନ ମଧାହ୍ନ ରେ ୩୦୦ ମିଲ୍ ଆସୁଥିବା ବେଳେ ରାତ୍ର ରେ ୧୫୦ ଟି ମିଲ ଯୋଗାଇ ଦେଉଥିବା ସୂଚନା ମିଳିଛି। କିନ୍ତୁ ଏହି ଖାଦ୍ୟ ଦିନ ୧୧ ଟାରୁ ୧୨ ଟା ମଧରେ ପରସିବା ପାଇଁ ନିୟମ ଥିବା ବେଳେ କିନ୍ତୁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଏହି କେନ୍ଦ୍ରରେ ମାତ୍ର କିଛି ସମୟ ରେ ଖାଦ୍ୟ ମିଳୁନଥିବା ଲୋକେ ଅଭିଯୋଗ କରିଛନ୍ତି। ସବୁଠୁ ବଡ଼ କଥା ହେଉଛି ତିନିଶହ ମିଲ କୁ ତିନିଶହ ଟିକେଟ ଥିବା ବେଳେ ମାତ୍ର କିଛିଟା ଟିକେଟ ବିକ୍ରି କରି ଖାଦ୍ୟ ଶେଷ ହୋଇଯାଉଥିବା ଦେଖା ଦେଇଛି। ଯାହା ଫଳରେ ଅଧିକାଂଶ ଲୋକେ ପୂର୍ବରୁ ଟିକେଟ ୫ଟଙ୍କା ଦେଇ ଟିକେଟ ନେବା ପରେ ମଧ ଏହି ଖାଦ୍ୟ ଖାଇବାରୁ ବଞ୍ଚିତ ହେଉଛନ୍ତି। ଯାହା ଫଳରେ ସୋମବାର ଦିନ ୫୦ରୁ ଉର୍ଦ୍ଧ୍ୱ ଲୋକେ ଆହାର କେନ୍ଦ୍ର ସମ୍ମୁଖରେ ହୋହାଲ୍ଲା କରିଥିବା ଦେଖିବାକୁ ମିଳିଛି। ଟିକେଟ ଥାଇ ମଧ ଖାଦ୍ୟ କେଉଁ ଆଡେ ଯାଉଛି ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଖାଦ୍ୟ ବଣ୍ଟନ ଦାୟିତ୍ୱରେ ଏକ ନିର୍ଦ୍ଧିଷ୍ଟ ସଂସ୍ଥା ଦୀର୍ଘ ବର୍ଷ ଧରି ଦାୟିତ୍ୱରେ ଥିବା ବେଳେ ଏହି ଅଭିଯୋଗ ଏକାଧିକ ବାର ଆସୁଛି। କିନ୍ତୁ କେନ୍ଦ୍ରାପଡା ପୌର ପରିଷଦ ଅଧୀନରେ ଥିବା ଆହାର କେନ୍ଦ୍ର ଉପରେ କେବେ କୌଣସି ଅଧିକାରୀଙ୍କ ନଜର କି ଅନୁଧାନ ମଧ କରାଯାଉନି। ଯାହା ଫଳରେ ଏହି ଦାୟିତ୍ୱ ରେ ଥିବା ସଂସ୍ଥା ଏବଂ ତାଙ୍କ କର୍ମଚାରୀ ପ୍ରତ୍ୟେକ ଦିନ ମନମାନି କରିବା ସହ ଖାଦ୍ୟ କମ ପରିମାଣ ବଣ୍ଟନ କରି ଆହାର କେନ୍ଦ୍ର କୁ ତାଲା ମାରି ଦେଉଛନ୍ତି। ଖାଦ୍ୟ ନପାଇ ଶେଷରେ କେନ୍ଦ୍ର ସମ୍ମୁଖରୁ ଫେରିଯାଇଛନ୍ତି ଲୋକେ। ଏହି ସଂକ୍ରାନ୍ତରେ ପୌର ଅଧିକାରୀ ଙ୍କୁ ପଚାରିବାରୁ କହିଛନ୍ତି କି ଏହା ଉପରେ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଅନ୍ୟପଟେ ଏହି ଘଟଣାରେ ଉପରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁବର ଆର୍ ଆୟାର୍ ଙ୍କ ପ୍ରତିକ୍ରିୟା ନେବାରୁ ଏହି ଘଟଣା ରେ ଏକ ସୋତନ୍ତ୍ର ଟିମ୍ ତଦନ୍ତ କରିବା ସହିତ ତଦନ୍ତ ରିପୋର୍ଟ ଅନୁସାରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ବାର୍ଦ୍ଧକ୍ୟ ଭତ୍ତା ଅପେକ୍ଷାରେ ବୃଦ୍ଧ ଦମ୍ପତି



**ମହାକାଳପଡ଼ା, ୧୭।୯(ସଂଚାର ବ୍ୟୁରୋ):** ବୃଦ୍ଧଙ୍କୁ ବୟସ ୭୦ ଓ ବୃଦ୍ଧାଙ୍କୁ ବୟସ ୬୫ ବର୍ଷ ଛୁଇଁଲାଣି। ହେଲେ ଆଜି ପର୍ଯ୍ୟନ୍ତ ସେ ବାର୍ଦ୍ଧକ୍ୟ ଭତ୍ତା ପାଇ ପାରିନାହାଁନ୍ତି। ଯେଉଁଥିପାଇଁ ସେ ଦୁଃଖ କଷ୍ଟରେ ଚଳୁଥିବା ଆଖି ଛଳଛଳ କରି କହିଛନ୍ତି। ସୂଚନା ଯୋଗ୍ୟ ମହାକାଳପଡ଼ା ବ୍ଲକ ଗୋଗୁଆ ପଞ୍ଚାୟତ ଅନ୍ତର୍ଗତ ଗୁଲୁଡିଆ ଗ୍ରାମର ସଚ୍ଚିନ ମିତ୍ର ଓ ତାଙ୍କ ପତ୍ନୀ ଶେଫାଳୀ ମିତ୍ର ବୟସର ଅପରାହ୍ନରେ ପହଞ୍ଚି ସାରିଛନ୍ତି। ସଚ୍ଚିନ ଙ୍କୁ ବୟସ ୭୦ ହୋଇଥିଲା ବେଳେ ଶେଫାଳୀ ଙ୍କୁ ୬୫ ବୟସ ହେଲାଣି। ହେଲେ ଆଜି ପର୍ଯ୍ୟନ୍ତ ସେ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ସରକାରଙ୍କ ନିୟମ ଅନୁସାରେ ଜଣେ ବ୍ୟକ୍ତି ୬୦ ବର୍ଷରେ ଉପନୀତ ହେଲେ ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ। ହେଲେ ଏହି ବୃଦ୍ଧ ଦମ୍ପତି ଙ୍କ ପାଇଁ ସରକାରଙ୍କ ନିୟମ ଯେପରି ଅଲଗା ହୋଇ ପଡ଼ିଛି। ଅବଶ ଶରୀରରେ କାମ କରିବାକୁ ବଳ ଜୁଟେଇ ପାରୁନଥିବା ବୃଦ୍ଧ ଦମ୍ପତି ଏବେ ନିଜ ପାଉଟି କରିବା ଚିନ୍ତାରେ ପଡ଼ିଛନ୍ତି। ରାସନ୍ କାର୍ଡ ରେ ମାସକୁ ଯେଉଁ ୧୦ କିଲୋ ଚାଉଳ ମିଳୁଛି, ସେହି ଚାଉଳରେ କଷ୍ଟରେ ବଞ୍ଚୁଛନ୍ତି ବୃଦ୍ଧ ଦମ୍ପତି। ଏମିତି ପରିସ୍ଥିତିରେ ଆଜି ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ନମିଳିବାରୁ ସେ ଆହୁରି ଚିନ୍ତାରେ ପଡ଼ିଛନ୍ତି। ତାଙ୍କର ଭତ୍ତା ଟଙ୍କା ଗଣ୍ଡାକ ମିଳିଲେ ସୁରୁଖୁରୁରେ ଦୁଇ ପ୍ରାଣୀଙ୍କ ଜୀବନ ସୁରୁଖୁରୁରେ ଚଳି ଯାଆନ୍ତା ବୋଲି କହିଛନ୍ତି ସଚ୍ଚିନ ମିତ୍ର। ସେହିପରି ଘଟଣାକୁ ଗୁରୁତର ସହ ନେଇ ପ୍ରଶାସନ ବୃଦ୍ଧ ଦମ୍ପତି ଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବାକୁ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ତରଫରୁ ଦାବି ହେଉଛି।

### ରାସ୍ତା ପାଇଁ ନାବାଳକଙ୍କ ଜୀବନ ଯିବା ଘଟଣା

## ଖୁବଶୀଘ୍ର ରାସ୍ତା କାର୍ଯ୍ୟ ଆରମ୍ଭ ହେବ



**ମହାକାଳପଡ଼ା, ୧୭।୯ (ସଂଚାର ବ୍ୟୁରୋ):** ଗାଁ କୁ ଆମ୍ବୁଲାନ୍ସ ଆସି ନପାରିବାରୁ ଜଣେ ନଦୀରେ ଗୁରୁତର ନାବାଳକଙ୍କୁ ମେଡିକାଲ୍ ରେ ପହଞ୍ଚାଇବା ବିଳମ୍ବ ହେବାରୁ ଜୀବନ ଚାଲିଯାଇଛି। ଏନେଇ ମହାକାଳପଡ଼ା ବିଧାୟକଙ୍କୁ ଅବଗତ କରାଇବା ପରେ ଖୁବ୍ ଶୀଘ୍ର ଜଙ୍ଗଲଘେରି କୁ ରାସ୍ତା କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ପେଟଛେଲା ପଞ୍ଚାୟତ ର ଆଦିବାସୀ ଅଧ୍ୟୁଷିତ ଜଙ୍ଗଲଘେରି ଗାଁ ର ଖୁଦି ଭକ୍ତାଙ୍କ ୧୧ ବର୍ଷୀୟ ପୁଅ ଶିବୁ ଭକ୍ତା ମଙ୍ଗଳବାର ଗାଁ ନିକଟ ରାମଚଣ୍ଡୀ ଗଳିଆ ନଦୀରେ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ବିଲରେ କାମ କରୁଥିବା କିଛି ଲୋକ ଦେଖିବାକୁ ପାଇ ନାବାଳକକୁ ଉଦ୍ଧାର କରିଥିଲେ। ହେଲେ ଗାଁ ରୁ ଥିବା ରାସ୍ତା କାଦୁଅ ପଚପଚ ଯୋଗୁଁ ଗାଁ କୁ ଆମ୍ବୁଲାନ୍ସ ଆସିପାରି ନଥିଲା। ଲୋକେ ଗୁରତର ନାବାଳକକୁ ବାଉଁଶ ଦୋଳା ସାହାଯ୍ୟରେ କାନ୍ଧରେ କାନ୍ଧେଇ ଦେଢ଼ କିଲୋମିଟର ଦୂର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାକୁ ନେବାକୁ ବାଧ ହୋଇଥିଲେ। ସେଠାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡ଼ାକ୍ତର ଶିବୁଙ୍କୁ ମୃତ ଘୋଷଣା କରିଥିଲେ। ୧୧ ବର୍ଷୀୟ ଶିବୁଙ୍କ ମୃତ୍ୟୁ ପରେ ଶିବୁଙ୍କ ବୁଢ଼ୀ ମାଆ ଦୁଃଖୀ ଭକ୍ତା ସୋମବାର ମହାକାଳପଡ଼ା ବ୍ଲକ ରେ ଜିଲାପାଳ ଓ ଏସ୍ପିଙ୍କ ମିଳିତ ଜନଶୁଣାଣୀ ଶିବିରରେ ପହଞ୍ଚି ଗ୍ରାମରେ ରାସ୍ତାଟିଏ ପାଇଁ ବିଧାୟକ ଙ୍କ ସମେତ ଜିଲାପାଳଙ୍କୁ ଗୁହାରି କରିଥିଲେ। ରାସ୍ତାଟିଏ ନଥିବାରୁ ତାଙ୍କ ନାତିର ସିନା ଜୀବନ ଚାଲିଗଲା ହେଲେ ସେଇ ରାସ୍ତା ପାଇଁ ଆଉ କାହାରି ଯେମିତି ଅସୁବିଧା ନହେଉ ବୋଲି ସେ ଅଭିଯୋଗ ରେ ଉଲ୍ଲେଖ କରିଥିଲେ। ଏମିତି ଦୁଃଖଦ ଘଟଣା ସମ୍ପର୍କରେ ଜାଣି ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଙ୍କ ଆଖି ମଧ ଛଳଛଳ ହୋଇ ଯାଇଥିଲା। ବିଗତ ଦିନରେ ଯାହା ସମସ୍ୟା ରହିଛି ତାହାର ସମାଧାନ ପାଇଁ ସେ ନିରନ୍ତର ପ୍ରୟାସ କରୁଛନ୍ତି। ଯେଉଁ ସମସ୍ୟାର ଗୁରୁତ୍ୱ ରହିଛି ସେଥିପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି। ବର୍ଷା ଶେଷ ହେବାପରେ ତୁରନ୍ତ ଜଙ୍ଗଲଘେରି ର ରାସ୍ତା କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବିଧାୟକ ଶ୍ରୀ ନାୟକ ପ୍ରତିଶ୍ରୁତି ଦେଇଛନ୍ତି।

## ବାରଡାଙ୍ଗ ପଞ୍ଚାୟତରେ ଚାରାରୋପଣ



**ମହାକାଳପଡ଼ା, ୧୭।୯(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପବିତ୍ର ଜନ୍ମ ଦିବସ ଅବସରରେ ଆଜି ବାରଡାଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନନ୍ତାର ଚାନ୍ଦିନୀ ପଡ଼ିଆ ଠାରେ ‘ଏକ ପେଡ୍ ମା କେ ନାମ୍ ଜରିଆରେ ୫୦୦ ରୁ ଉର୍ଦ୍ଧ୍ୱ ଗଛ ଲଗାଯାଇଛି। ଏହି କାର୍ଯ୍ୟକ୍ରମରେ ବାରଡାଙ୍ଗ ପଞ୍ଚାୟତର ସରପଞ୍ଚ ଅରବିନ୍ଦ ଜେନା, ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ରୋହିତ ହାଂସଦା, ସଞ୍ଜୟ ଦଳାଇ, ଚିତ୍ତରଞ୍ଜନ ପ୍ରଧାନ, ରଶ୍ମି ରଞ୍ଜନ ସାମଲ, ବିରବର ମହାନ୍ତି, ସମ୍ବିତ ମହାନ୍ତି, ଦେବେନ୍ଦ୍ର ମଲ୍ଲିକ, ଆକାଶ କର, ଅନିଲ ମଲ୍ଲିକ, ପ୍ରଦୀପ ନାଉରୀ, ସାଗର ମଲ୍ଲିକଙ୍କ ସମେତ ବରିଷ୍ଠ ଓ ଯୁବକ ମାନେ ଉପସ୍ଥିତ ଥିଲେ।

## ‘ଏକ ପେଡ଼ ମା’କେ ନାମ’ ବିଭିନ୍ନ ପଞ୍ଚାୟତ ପକ୍ଷରୁ ବୃକ୍ଷ ରୋପଣ



**ଆଳି, ୧୭।୯ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଙ୍କ ୭୫ ତମ ଜନ୍ମଦିନ ଅବସରରେ ‘ଏକ ପେଡ଼ ମା’ କେ ନାମ‘ ର ଅଭିଯାନରେ ଦେଶରେ ବୃକ୍ଷ ରୋପଣ କରାଯିବାକୁ ଥିବାବେଳେ ଓଡିଶା ସରକାର ରାଜ୍ୟର କୋଣ ଅନୁକୋଣରେ ଏକ କାଳୀନ ୭୫ ଲକ୍ଷ ବୃକ୍ଷ ରୋପଣ କରି ଓଡିଶା କୁ ସବୁଜ- ସୁନ୍ଦର କରିବା ପାଇଁ ନିଷ୍ପତି ନେଇଛନ୍ତି।ଯାହାକି ସନ୍ଧ୍ୟା ସୁଦ୍ଧା ୧ କୋଟିରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ କରାଯାଇଥିବା କୁହାଯାଇଛି। ଅନ୍ୟ ପଟେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ର ବିଭିନ୍ନ ଗାଁ ଗଣ୍ଡା ସ୍କୁଲ କଲେଜ ରେ ପ୍ରାୟ ୫୦୦ ଟି ଚାରା ରୋପଣ ପାଇଁ ସରକାରୀ ନିର୍ଦ୍ଦେଶ ଦିଆଯାଇଛି। ସେହି ପରି ଆଳି ବ୍ଲକର ୩୪ ପଞ୍ଚାୟତ ରେ ବୃକ୍ଷ ରୋପଣ କରାଯାଇଛି। ବାଳକାଟୀ, ମହୁ, କୋଳିଡିହ, ନରେନ୍ଦ୍ରପୁର, ଚଣ୍ଡିଆଗଡ଼ି ଆଦି ଗ୍ରାମ ପଞ୍ଚାୟତ ର ସରପଞ୍ଚ ନିଜ ପଞ୍ଚାୟତ ୱାର୍ଡ ମେମ୍ବର ଓ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ମାନଙ୍କ ସହ ପଞ୍ଚାୟତ ର କର୍ମଚାରୀ ମାନଙ୍କୁ ନେଇ ବିଭିନ୍ନ ଜାଗାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସଂପନ୍ନ କରାଯାଇଛି।

## ‘ଏକ ପେଡ ମା’କେ ନାମ’ ବିଶାଳ ଚାରାରୋପଣ

**କେନ୍ଦ୍ରାପଡ଼ା, ୧୭।୯(ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ, ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ‘ଏକ ପେଡ ମା କେ ନାମ ତଥା ‘ମା ପାଇଁ ଗଛଟିଏ ‘ଏକ ବିଶାଳ ଚାରାରୋପଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବ୍ଲକ ପେଣ୍ଠ ସମୁଦ୍ରକୂଳ ବର୍ତ୍ତୀ ଦୋବାଣ୍ଡି ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଂସଦ କେନ୍ଦ୍ରାପଡ଼ା ବୈଜୟନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲାପାଳ ରଘୁରାମ ଆର ଆୟର, ରାଜନଗର ଡିଏଫଓ ଭରଦରାଜ ଗାଉଁକର, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କ ପ୍ରତି ଅପରାଧ ବିରୋଧରେ ବିଜେଡି ପକ୍ଷରୁ ଦାବିପତ୍ର



**କେନ୍ଦ୍ରାପଡା, ୧୭।୯(ସଂଚାର ବ୍ୟୁରୋ):** ରାଜ୍ୟରେ ମହିଳା ମାନଙ୍କ ବିରୁଦ୍ଧରେ ସମ୍ପ୍ରତି ଘଟୁଥିବା ଅପରାଧ, ଅସମ୍ମାନ ଓ ଅପମାନ ଜନକ ପରିସ୍ଥିତି ପ୍ରତି ଦୃଷ୍ଟି ଆକର୍ଷଣ ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ରାପଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଜରିଆରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଜିଲ୍ଲା ମହିଳା ବିଜେଡି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଜି ଜିଲ୍ଲାର ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ରୋସ୍ନା ସାହୁଙ୍କ ନେତୃତ୍ୱରେ ମହିଳାମାନେ ଏକ ଶୋଭାଯାତ୍ରାରେ ଜିଲ୍ଲା ଆରକ୍ଷୀ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ଓଡ଼ିଶାର ସାମ୍ପ୍ରତିକ ମାମଲାରେ ମହିଳାଙ୍କ ପ୍ରତି ହେଉଥିବା ନିର୍ମମ ଆକ୍ରମଣ, ମହିଳାଙ୍କ ବିରୁଦ୍ଧରେ ଅତ୍ୟାଚାର, ଯେପରିକି ଦୁଷ୍କର୍ମ, ଗଣଦୁଷ୍କର୍ମ, ଯୌନ ଉତ୍ପୀଡ଼ନ ଏବଂ ବିଭିନ୍ନ ପ୍ରକାରର ହିଂସା, ଆଜିର ସରକାର ସମୟରେ ଏକ ନିରନ୍ତର ସମସ୍ୟାରେ ପରିଣତ ହୋଇଛି, ଯାହା ନ୍ୟାୟ ପ୍ରଦାନରେ ବ୍ୟବସ୍ଥାଗତ ବିଫଳତାକୁ ମଧ ପ୍ରକାଶ କରୁଛି। ଉପରୋକ୍ତ ତଥ୍ୟ ଏବଂ ପରିସଂଖ୍ୟାନ ଅନୁଯାୟୀ ଓଡ଼ିଶାରେ ମହିଳା ନିର୍ଯ୍ୟାତନା ଏବଂ ଅସୁରକ୍ଷିତ ପରିସ୍ଥିତିର ଏକ ଭୟଙ୍କର ଚିତ୍ର ପ୍ରଦର୍ଶନ କରୁଛି। ତେଣୁ, ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆବଶ୍ୟକୀୟ ଆଇନସମ୍ମତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବାକୁ ମହିଳାମାନେ ଦାବି କରିଛନ୍ତି। ଜିଲ୍ଲାପରିଷଦ ସଭାନେତ୍ରୀ ଲିଳିତା ଦାସ, କେନ୍ଦ୍ରାପଡା ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ଲୋହିତ ମହାନ୍ତି, ଆଲୋକ ସାହୁ, ସମ୍ବିତ ଶ୍ରୀ ଚନ୍ଦନ, ବିଜୟ କୁମାର ମଣ୍ଡଳଙ୍କ ସହିତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ଚାରାରୋପଣ କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ୧୭।୯(ସଂଚାର ବ୍ୟୁରୋ):** ଏକ ପେଡ ମା କେ ନାମ, ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଇଚ୍ଛାପୁର ସ୍ଥିତ ଇଣ୍ଡୋର ଷ୍ଟାଡିୟମଠାରେ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଅନ୍ୟ ମାନଙ୍କ ମଧରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ, ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

## ଏମ.ଏନ.ହାଇସ୍କୁଲ ସମ୍ମୁଖରୁ ୫ଲକ୍ଷର ବ୍ରାଉନସୁଗର ଜବତ

**ପଟ୍ଟାମୁଣ୍ଡାଇ, ୧୭।୯ (ସଂଚାର ବ୍ୟୁରୋ):** ସମଗ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଧଳା ଜହର କାୟା ବିସ୍ତାର କରିଛି ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଧର୍ମାନୁଷ୍ଠାନ ଅଞ୍ଚଳ ଧଳା ଜହର ବ୍ୟବସାୟର ମୁଖ୍ୟ କେନ୍ଦ୍ର ପାଲଟିଛି। ଆଜି ଓଡିଶାର ସର୍ବପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ଏମ.ଏନ ହାଇସ୍କୁଲ ସମ୍ମୁଖରୁ ୫୦ଗ୍ରାମ ବ୍ରାଉନ ସୁଗାର ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ଜବତ କରିଛି। ସ୍କୁଲ ସମ୍ମୁଖରେ ବ୍ରାଉନ ସୁଗାର ବିକ୍ରି କରୁଥିବା ପୌରାଚଂଳ ଅନ୍ତର୍ଗତ ପୋଖରିଆପଡା ଗ୍ରାମର ରାହୁଲ ବେହେରା(୨୪)କୁ ଅବକାରୀ ପୋଲିସ ଗିରଫ କରିଛି। ଜବତ ୫୦ ଗ୍ରାମ ବ୍ରାଉନ ସୁଗାର ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯୁକ୍ତ ନିକଟରୁ ଏକ ସ୍କୁଟି ଗାଡି ମଧ ଜବତ କରାଯାଇଛି। ପ୍ରକାଶ ଥାଉକି ଗତ ୧୩ ତାରିଖ ଦିନ ପଟ୍ଟାମୁଣ୍ଡାଇ ବଜାରରୁ ୮୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ କରାଯାଇ ଜଣକୁ ଗିରଫ କରାଯାଇଥିଲା। ଖବର ନେବାରୁ ଜଣାପଡ଼ିଛି ଯେ ଗତ କିଛି ମାସ ଧରି କେନ୍ଦ୍ରାପଡା ଜିଲ୍ଲାରେ ଧଳା ଜହର ବ୍ୟବସାୟର ପ୍ରାଣକେନ୍ଦ୍ର ପାଲଟିଛି ବିଶେଷ କରି ବଲେଶ୍ୱର ଓ ଜଳେଶ୍ୱର ଅଞ୍ଚଳରୁ ବ୍ୟବସାୟୀ ମାନେ ବ୍ରାଉନସୁଗାର (ଧଳାଜହର) ଆଣି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପହଞ୍ଚାଉ ଥିବାର ଅବକାରୀ ବିଭାଗ ସୂଚନା ଦେଇଛି ଓ ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଧଳାଜହର ପଠାଯାଇଥାଏ। ପଟ୍ଟାମୁଣ୍ଡାଇର ପ୍ରତ୍ୟେକ ଗ୍ରାମରେ ଧଳା ଜହର ମିଳୁଥିବାର ଦେଖିବାକୁ ମିଳିଛି। ସମଗ୍ର ରାଜ୍ୟରେ ସୁନାମ ଅର୍ଜନ କରିଥିବା ଏମଏନ ହାଇସ୍କୁଲ ସମ୍ମୁଖରୁ ଆଜି ୫ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ ହେବା ଘଟଣା ବୁଦ୍ଧିଜୀବୀ ଓ ଶିକ୍ଷାବିତ ମାନଙ୍କୁ ବ୍ୟଥିତ କରିଛି। ସମଗ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳର ଭବିଷ୍ୟତ ଯୁବପିଢୀମାନେ ଧଳା ଜହର କବଳରେ କବଳିତ ହେଉଥିବା ଦେଖାଯାଉଛି ଓ ଯାହାଫଳରେ ବିଭିନ୍ନ ଅଞ୍ଚଳରେ ନାନା ପ୍ରକାର ଅପରାଧ ଘଟୁଥିବା ଦେଖିବାକୁ ମିଳୁଛି।

## ଡେରାବିଶ ଦଧିବାମନଜୀଉଙ୍କ ମନ୍ଦିର ଜମି ହଡ଼ପଘଟଣା, ଅନଶନ ପ୍ରତ୍ୟାହୃତ



**ଡେରାବିଶ, ୧୭।୯(ସଂଚାର ବ୍ୟୁରୋ):** ଡେରାବିଶର ଆରାଧ ଶ୍ରୀ ଶ୍ରୀ ଦଧିବାମନଜୀଉ ଙ୍କ ଜମି ଆତ୍ମସାତ୍ ଅଭିଯୋଗ ନେଇ ଚାଲିଥିବା ଅନଶନ ପ୍ରତ୍ୟାହୃତ ହୋଇଛି। ଡେରାବିଶ ହାଟ ଛକସ୍ଥିତ ଦଧିବାମନଜୀଉଙ୍କ ଏକ ଜାଗାକୁ ଚଞ୍ଚକତା କରାଯାଇ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଥିଲା। ଏପରିକି ଗତ ଅଗଷ୍ଟ ୧୦ ତାରିଖରେ ସ୍ଥାନୀୟ ଦୁମୁକା ଗ୍ରାମର ଜଣେ ବ୍ୟକ୍ତି ଓ ତା’ର ସହଯୋଗୀ ଉକ୍ତ ସ୍ଥାନରେ ଥିବା ଦଧିବାମନଜୀଉଙ୍କ ଶାଖା କାର୍ଯ୍ୟାଳୟର ତାଲା ଭାଙ୍ଗି ଉକ୍ତ ଘରୁ ଜିନିଷପତ୍ର ଲୁଟ୍ କରିଥିବା ନେଇ ଟ୍ରଷ୍ଟି ନାରାୟଣ ଚନ୍ଦ୍ର ସାହୁଙ୍କ ପକ୍ଷରୁ ଡେରାବିଶ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଏଥି ସହିତ ଠାକୁରଙ୍କ ସମ୍ପତ୍ତିକୁ ଉଦ୍ଧାର ପାଇଁ ମଧ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମାତ୍ର ତାଲା ଭାଙ୍ଗି ଜିନିଷ ଲୁଟ୍ ମାମଲାରେ ଡେରାବିଶ ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଓ ଚଞ୍ଚକତା ପୂର୍ବକ ଠାକୁର ସମ୍ପତ୍ତି ବିକ୍ରୟରେ ଡେରାବିଶ ତହସିଲଦାରଙ୍କ ଭୂମିକାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଥିଲେ। ତେବେ ପୂର୍ବ ସୂଚନା ଅନୁସାରେ ସୋମବାର ପୂର୍ବାହ୍ନରେ ଟ୍ରଷ୍ଟି ନାରାୟଣ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅଞ୍ଚଳର କିଛି ଜନସାଧାରଣ ଡେରାବିଶ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିଥିଲେ। ଡେରାବିଶ ତହସିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଡେରାବିଶ ଥାନା ଅଧିକାରିଣୀଙ୍କ ସମେତ କେତେକ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ଜନସାଧାରଣ ଅନଶନରେ ବସିରହିଥିଲେ। ରାତି ପ୍ରାୟ ୧୦ଟାରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲିକ, ଏସଡିପିଓ ଜ୍ୟୋତି ରଞ୍ଜନ ଗୌଡା, ତହସିଲଦାର ସରୋଜକାନ୍ତ ନାୟକ ଓ ବିଜେପି ନେତା ତେଜେଶ୍ୱର ପରିଡ଼ା, ଗୀତାଞ୍ଜଳି ସେଠୀ ଧାରଣା ସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ମା’ ପାଇଁ ବିଧାୟକ ସମର୍ପିଲେ ୩୩୫୨୬ ଗଛ



**ମହାକାଳପଡ଼ା,୧୭।୯(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ମୋଦୀଙ୍କ ୭୫ ତମ ଜନ୍ମଦିବସ ଉପଲକ୍ଷେ ସାରା ଦେଶରେ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ କରାଯାଉଛି। ଲକ୍ଷ୍ୟ ରହିଛି ଏକ ପେଡ୍ ମା କେ ଲିଏ। ମହାକାଳପଡା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ ଏହାକୁ ଗୁରୁତର ସହ ନେବା ସହିତ ମହାକାଳପଡା ନିର୍ବାଚନ ମଣ୍ଡଳୀର ସମସ୍ତ ପଞ୍ଚାୟତରେ ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ ଓ ବିଜେପି ଦଳର କାର୍ଯ୍ୟକର୍ତ୍ତା ମାନଙ୍କ ସହିତ ସାମିଲ ହୋଇଛନ୍ତି। ଆଜି ଗୋଟିଏ ଦିନରେ ବିଭିନ୍ନ ପଞ୍ଚାୟତରେ ୩୩୫୨୬ ଟି ବୃକ୍ଷ ରୋପଣ କରାଯାଇଛି। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଜରିଆରେ ବିଜୟ ଉତ୍ସବ ମନାଇଛନ୍ତି। ମହାକାଳପଡାବାସି ୨୦୨୪ ନିର୍ବାଚନରେ ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକଙ୍କୁ ୩୩୫୨୬ ଖଣ୍ଡ ଭୋଟରେ ବିଜୟୀ ଲାଭ କରାଇଥିଲେ। ଯାହାକୁ ନେଇ ମହାକାଳପଡା ମାଟିର ଜନସାଧାରଣ ଯଶ୍ୱଶ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନର ଭେଟି ଦେଇଛନ୍ତି।

# ବେଧଡ଼କଭାବେ ହେଉଛି ବେଆଇନ ବାଲି ଚାଲାଣ

### ହାତଗୁଞ୍ଜା ନେଇ ଚୁପ ବସୁଛି ପୁଲିସ ତହସିଲ ଏବଂ ଘଣି ବିଭାଗ



**କେନ୍ଦ୍ରାପଡା/ଗରଦପୁର, ୧୭।୯ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ ରାଜସ୍ୱ ଅଞ୍ଚଳରୁ ଦୈନିକ ଶହ ଶହ ଟ୍ରାକ୍ଟର ଏବଂ ହାଇୱା ମାଧମରେ ନଦୀ ପଠାରୁ ବାଲି ବେନିୟମ ଭାବରେ ଚୋରା ଚାଲାଣ ହେଉଥିବାର ଦେଖିବାକୁ ମିଳୁଛି। ଖୁଲମଖୁଲା ଭାବେ ବାଲି ବେପାର ଚାଲିଛି। ସରକାରୀ ରାଜସ୍ୱ ଫାଙ୍କି ଅନ୍ୟ ସ୍ଥାନରେ ଥିବା ପୂର୍ବ ଗଚ୍ଛିତ ବାଲି ସହିତ ନଦୀ ପଠା କୁ ଜେସିବି ଏବଂ ଶ୍ରମିକ ଙ୍କ ମାଧମରେ ତାଡି ଚୋରା ଚାଲାଣ ହେଉଛି। ସବୁ ଦେଖି ମଧ ସ୍ଥାନୀୟ ତହସିଲ ଓ ଥାନା ବାବୁ ମାନେ ଧୃତରାଷ୍ଟ୍ର ସାଜିବା ସହ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ତାଙ୍କ ସହ ସୁସମ୍ପର୍କ ରଖି ଥାନା ମଧରେ ପ୍ରତିଦିନ ଆଡ୍ଡା ଜମାଇବା ପାଇଁ ପ୍ରୋତ୍ସାହନ ଦେଉଥିବା ଦେଖିବାକୁ ମିଳୁଛି। ଅନ୍ୟ ପକ୍ଷରେ ବର୍ଷ ବର୍ଷ ଧରି ନଦୀରୁ ବାଲି ଉଠୁଥିବାରୁ ନଦୀ ଶଯ୍ୟାର ଜଳଧାରଣା କ୍ଷମତା ଏବେ ଅହେତୁକ ଭାବରେ ହ୍ରାସ ପାଇବାରେ ଲାଗିଛି। ଫଳତଃ ନଦୀ ଜଳକୁ ଭରସା କରି ଚାଷ କରୁଥିବା ଚାଷୀଙ୍କ ଅବସ୍ଥା ବେହାଲ ହୋଇ ପଡୁଛି। ଗରଦପୁର ରାଜସ୍ୱ ବିଭାଗ ପରିସୀମାରେ ପ୍ରବାହିତ ହେଉଥିବା ଚିତ୍ରୋତ୍ପଳା ନଦୀରେ ଉତ୍କୃଷ୍ଟ ମାନର ବାଲି ମିଳୁଥିବାରୁ ବାଲି ମାଫିଆଙ୍କ ନଜର ସର୍ବଦା ରହିଛି। ପୂର୍ବରୁ ପାଇକା ନଦୀର ଚାଉଳିଆବାମେରା, ତେଣ୍ଡାକୁଡ଼ା, ଅନୂପଲା, କୋଲର ବାଲିଘାଟ ରୁ ବେନିୟମ ଭାବେ ବାଲି ଲୁଟ୍ କରିଥିବା ବେଳେ ବର୍ତ୍ତମାନ ଚିତ୍ରୋତ୍ପଳା ନଦୀର ଗୋବିନ୍ଦପୁର, କୋର୍ଣିଦା ମାହାଙ୍ଗା, ଜଗନ୍ନାଥପୁର, ସମସରା ଆଦି ଅଞ୍ଚଳର ଗ୍ରାମ ମାନଙ୍କରୁ ବେଆଇନ ଭାବେ ଚୋରା ବାଲି ମାଫିଆ ମାନେ ବାଲିକୁ ନିତିଦିନ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ଲୁଟ୍ କରିବାରେ ଲାଗିଛନ୍ତି। କିନ୍ତୁ ସର୍ବାଧିକ ପାଟକୁରା ଥାନା ଅଧୀନରେ ଥିବା ସମସରା ଏବଂ ଜଗନ୍ନାଥପୁର ଅଞ୍ଚଳରୁ ବର୍ଷ ତମାମ କେବଳ ବନ୍ୟା ପ୍ରବାହିତ ସମୟ କୁ ଛାଡ଼ିଲେ ପ୍ରତ୍ୟେକ ଦିନ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ସହ ସହ ଟ୍ରିପ୍ ବାଲି ଲୁଟ ହେଉଛି। ଏହି ବାଲି ବିଭିନ୍ନ ସ୍ଥାନରେ ରେ ଗଚ୍ଛିତ ରଖି ପରେ ବାହାର ସ୍ଥାନକୁ ହାଇୱା ସାହାଯ୍ୟରେ ଚାଲାଣ କରାଯାଉଛି। ଥାନା ନିକଟରୁ ମାତ୍ର ୧୫୦ ଫୁଟୁ ଦୂରରେ ଏହି ଚୋରା ଚାଲାଣ ହେଉଥିବା ବେଳେ ଥାନା ବାବୁ ମାନେ ସବୁ ଦେଖି ନଦେଖିଲା ଭଳି ଚୁପ୍ ବସୁଛନ୍ତି। ଚିତ୍ରୋତ୍ପଳା ନଦୀ ଘାଟର ବିଭିନ୍ନ ସ୍ଥାନରୁ ଦୈନିକ ଶହ ଶହ ଟ୍ରାକ୍ଟର ଏବଂ ହାଇୱା ଯୋଗେ ବାଲି ବେଧଡକ ଚାଲାଣ ହେଉଥିବା ବେଳେ ପୁଲିସ ଓ ତହସିଲ ପ୍ରଶାସନ କିଛି ହାତଗୁଞ୍ଜା ନେଇ ଚୁପ ବସୁଥିବା ଅଭିଯୋଗ ମଧ ହେଉଛି।

# ସୁରକ୍ଷା ବଳୟରେ ବିଧାନସଭା



- ୨୫ତାରିଖ ପର୍ଯ୍ୟନ୍ତ ଚାଲିବ
- ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା
- ରହିଛି ମୋଟ ୭ଟି କାର୍ଯ୍ୟଦିବସ

**ଭୁବନେଶ୍ୱର,୧୭।୯(ସଂଚାର ବ୍ୟୁରୋ):** ଆସନ୍ତାକାଲିଠୁ ବିଧାନସଭା ମୌସୁମୀ ଅଧିବେଶନ। ସରଗରମ ହେବ ଅଧିବେଶନ। ବିଧାନସଭା ଲାଗି ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା। ପୋଲିସ କମିଶନରଙ୍କ ସହ ଡିଜି ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ଗୁଇନ୍ଦା ନିର୍ଦ୍ଦେଶକଙ୍କ ସହ ଆଇନଶୃଙ୍ଖଳା ଡିଜି ଉପସ୍ଥିତ ଥିଲେ। ଆତଙ୍କୀ ଆକ୍ରମଣ ମୁକାବିଲା ପ୍ରତିହତ ପାଇଁ ବି ପ୍ରସ୍ତୁତି ହୋଇଛି। ଆନ୍ଦୋଳନକରୀଙ୍କୁ ରୋକିବା ପାଇଁ ନିଆଯାଇଛି ସୁରକ୍ଷା ବ୍ୟବସ୍ଥା।

ତ୍ରିସ୍ତରିୟ ସୁରକ୍ଷା ବ୍ୟବସ୍ଥା ସହ ସିସିଟିଭି ନଜରରେ ରହିବ ବିଧାନସଭା। ସୁରୁଖୁରୁରେ ଗୃହ ଚଳାଇବା ପାଇଁ ଗତକାଲି ସର୍ବଦଳୀୟ ବୈଠକରେ ସବୁ ଦଳର ସହଯୋଗ ଲୋଡ଼ିଛନ୍ତି ବାଚସ୍ପତି। ଆଜି ବିଜେଡି, କଂଗ୍ରେସ ଓ ବିଜେପିର ବିଧାୟକ ଦଳ ବୈଠକ ବସି ରଣନୀତି ପ୍ରସ୍ତୁତ ହେବ। ଆସନ୍ତାକାଲିଠୁ ୨୫ତାରିଖ ପର୍ଯ୍ୟନ୍ତ ବିଧାନସଭାର ମୌସୁମୀ ଅଧିବେଶନ ବସିବ। ଏଥିରେ ମୋଟ୍ ୭ଟି କାର୍ଯ୍ୟଦିବସ ରହିଛି।

# ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ଅବଧି ବୃଦ୍ଧି

**ଭୁବନେଶ୍ୱର,୧୭।୯(ସଂଚାର ବ୍ୟୁରୋ):** ଭାରତୀୟ ରେଳବାଇ ନିମ୍ନଲିଖିତ ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ସମୟ, ରହଣି ଏବଂ ସଂରଚନାକୁ ବଜାୟ ରଖିବା ସହ ପରିଚାଳନା ଅବଧି ବୃଦ୍ଧି କରିଛି। ଏହା ଦ୍ୱାରା ଯାତ୍ରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ ହେବା ସହ ନିରନ୍ତର ଯାତ୍ରା ସୁବିଧା ଯୋଗାଇବରେ ବିଶେଷ ସହାୟକ ହେବ। ଟ୍ରେନ ନମ୍ବର ୦୮୦୧୧/୦୮୦୧୨ ଭଞ୍ଜପୁର-ପୁରୀ-ଭଞ୍ଜପୁର ସ୍ୱତନ୍ତ୍ର: ଭଞ୍ଜପୁରରୁ ୨୭ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ବଢ଼ାଯାଇଛି। ପୁରୀରୁ ୨୮ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ବଢ଼ାଯାଇଛି। ଟ୍ରେନ ନମ୍ବର ୦୨୮୩୯/୦୨୮୪୦ ଶାଳିମାର-ପୁରୀ-ଶାଳିମାର ସ୍ୱତନ୍ତ୍ର: ଶାଳିମାରରୁ ୨୮ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ବଢ଼ାଯାଇଛି। ପୁରୀରୁ ୨୯ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ବଢ଼ାଯାଇଛି। ଯାତ୍ରୀମାନଙ୍କୁ ଏହି ସମ୍ପ୍ରସାରଣକୁ ଧ୍ୟାନ ଦେବାକୁ ଏବଂ ସେହି ଅନୁସାରେ ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଉଛି।

‘ଗରିବ କଲ୍ୟାଣ ଓ ବିକାଶ ସମାବେଶ’ରେ କେନ୍ଦ୍ରମନ୍ତ୍ରୀ

# ପ୍ରଧାନମନ୍ତ୍ରୀ ଆମ ସମସ୍ତଙ୍କ ପାଇଁ ପ୍ରେରଣା

**ସମ୍ବଲପୁର, ୧୭।୯(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମ ସମସ୍ତଙ୍କ ପାଇଁ ପ୍ରେରଣା। ଆଜି କେବଳ ତାଙ୍କର ଜନ୍ମଦିନର ଅବସର ନୁହେଁ ବରଂ ‘ବିକଶିତ ଓଡ଼ିଶା’ - ‘ବିକଶିତ ଭାରତ’ର ସ୍ୱପ୍ନ ଦେଖିଥିବା ଏବଂ ତାହାକୁ ବାସ୍ତବର

- ୧୧୪୧ ଲାଭାର୍ଥୀଙ୍କୁ ସହାୟତା ପ୍ରଦାନ
- ସମ୍ବଲପୁର ହେଉଛି ଅପାର ସମ୍ଭାବନାର ଏକ କେନ୍ଦ୍ର

ରୂପ ଦେଉଥିବା ଜଣେ ମହାନ ଲିଡରଙ୍କ ଜନ୍ମଦିନ ବୋଲି ବୁଧବାର ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜନ୍ମଦିନ ଅବସରରେ ସମ୍ବଲପୁରରେ ‘ସେବା ପକ୍ଷ’ ଅଧୀନରେ ଆୟୋଜିତ ‘ଗରିବ କଲ୍ୟାଣ ଓ ବିକାଶ




ସମାବେଶ’ରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ମା’ ସମଲେଇଶ୍ୱରୀଙ୍କ ଭୂମି ସମ୍ବଲପୁରରୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଆଜି ବିଶ୍ୱର ଅଦ୍ୱିତୀୟ ଜନନେତା ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ଜନ୍ମଦିନ ଏହି ଉପଲକ୍ଷେ ଆମ ଦଳ ପକ୍ଷରୁ ଆଜି ।ରୁ ଅକ୍ଟୋବର ୨ ‘ଗାନ୍ଧୀ ଜୟନ୍ତୀ’ ପର୍ଯ୍ୟନ୍ତ ୧୫ ଦିନ ଧରି ଦେଶବ୍ୟାପୀ ‘ସେବା ପକ୍ଷ’ ପାଳନ ହେଉଛି ସେବା ପକ୍ଷରେ ସ୍ୱଚ୍ଛତା, ବୃକ୍ଷରୋପଣ, ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର, ଭୋକାଲ୍ ଫର୍ ଲୋକାଲର ପ୍ରଚାର ପାଇଁ ମେଳା, ପ୍ରଦର୍ଶନୀ, ‘ବିକଶିତ ଭାରତ ପେଣ୍ଟିଂ ପ୍ରତିଯୋଗିତା ସହ ‘ମୋଦୀ ବିକାଶ ମାରାଥନ’ର ଆୟୋଜନ ହେଉଛି ଏହି ପରିପ୍ରେକ୍ଷୀରେ ଆଜିର ସମାବେଶରେ ବିଭିନ୍ନ ସରକାରୀ ଯୋଜନାର ପ୍ରାୟ ୧୧୪୧ ଜଣ ଲାଭାର୍ଥୀଙ୍କୁ ସହାୟତା ପ୍ରଦାନ କରିବା ସୌଭାଗ୍ୟ ବୋଲି ସେ କହିଛନ୍ତି।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ, ସମ୍ବଲପୁର କେବଳ ଏକ ସହର ନୁହେଁ, ଏହା ହେଉଛି ଅପାର ସମ୍ଭାବନାର ଏକ କେନ୍ଦ୍ର। ଏହାର ସମୃଦ୍ଧ ସାଂସ୍କୃତିକ ପରମ୍ପରା, ହସ୍ତତନ୍ତ ଶିଳ୍ପ ଓ ଶୈକ୍ଷିକ ଅନୁଷ୍ଠାନ ଏହାକୁ ଏକ ବିକଶିତ ଅଞ୍ଚଳରେ ପରିଣତ କରିବାରେ ସହାୟକ ହୋଇଛି। ଏହାର ସ୍ୱଦେଶୀ ସାମଗ୍ରୀକୁ ବିଶ୍ୱସ୍ତରରେ ପହଞ୍ଚାଇବା, ମହିଳାଙ୍କୁ ସଶକ୍ତ କରିବା ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି କରିବା ପାଇଁ ଅନେକ ସୁଯୋଗ ରହିଛି। ଆସନ୍ତୁ, ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଏହି ସମ୍ଭାବନାକୁ ବାସ୍ତବତାରେ ପରିଣତ କରିବା ପାଇଁ ମିଳିତ ଭାବରେ କାର୍ଯ୍ୟ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଉପମୁଖ୍ୟମନ୍ତ୍ରୀଙ୍କ ମାରାଥନ୍ କାର୍ଯ୍ୟକ୍ରମ

**ନିମାପଡ଼ା/ଭୁବନେଶ୍ୱର, ୧୭।୯(ସଂଚାର ବ୍ୟୁ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନକୁ ସ୍ମରଣୀୟ କରିବା ପାଇଁ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆୟୋଜିତ ସେବାକାର୍ଯ୍ୟରେ ଯୋଗଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସଫେଇ କାର୍ଯ୍ୟରୁ ଆରମ୍ଭ କରି ଦୀପଦାନ ଏବଂ ବୃକ୍ଷରୋପଣ ଆଦି ଜରିଆରେ ମୋଦୀଙ୍କ ଜନ୍ମଦିନକୁ ସ୍ୱତନ୍ତ୍ର କରିବାକୁ ସେ ପ୍ରୟାସ କରିଛନ୍ତି। ସେବାପକ୍ଷ ଆରମ୍ଭର ପ୍ରଥମ ଦିନରେ ପ୍ରଭାତୀ ନିମାପଡ଼ା ଏନ୍ଏସିର ୱାର୍ଡ ନମ୍ବର ୯ଠାରେ ‘ସ୍ୱଚ୍ଛତା ହିଁ ସେବା’ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ସେ ସ୍ଥାନୀୟ ଜନସାଧାରଣଙ୍କ ସହ ମିଶି ସଫେଇ କାର୍ଯ୍ୟରେ ଯୋଗଦେଇଥିଲେ। ପରିବେଶକୁ ସ୍ୱଚ୍ଛ ରଖିବା କିଭଳି ସମସ୍ତଙ୍କ କର୍ତ୍ତବ୍ୟ ସେ ଏହି ଅବସରରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ୱଚ୍ଛତାକୁ ନେଇ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଆୟୋଜିତ ପଥପ୍ରାନ୍ତ ନାଟକକୁ ଭୁରି ଭୁରି ପ୍ରଶଂସା କରିଥିଲେ। ଏହାପରେ ନିମାପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଦିବ୍ୟାଙ୍ଗମାନଙ୍କୁ ତିନି ଚକିଆ ଯାନ ବଣ୍ଟନ କରିଥିଲେ । ଏହାପରେ ସେ ‘ସୁସ୍ଥ ନାରୀ



- ମଙ୍ଗଳାଙ୍କ ନିକଟରେ ଦୀପଜାଳି ଶୁଭ ମନାସିଲେ
- ସେବାପକ୍ଷର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ
- ସଫେଇ କଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା
- ଦିବ୍ୟାଙ୍ଗମାନଙ୍କୁ ତିନିଚକିଆ ଯାନ ବଣ୍ଟନ କଲେ
- ‘ସୁସ୍ଥ ନାରୀ ସଶକ୍ତ ପରିବାର’ ଅଭିଯାନର ଶୁଭାରମ୍ଭ

-ସଶକ୍ତ ପରିବାର’ ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, ମଧ୍ୟପ୍ରଦେଶରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ‘ସୁସ୍ଥ ନାରୀ -ସଶକ୍ତ ପରିବାର’ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି କ୍ରମରେ ଚାରିଛକ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ‘ସୁସ୍ଥ ନାରୀ -ସଶକ୍ତ ପରିବାର’ ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ସେ ଏହି ଅବସରରେ କହିଥିଲେ, “ମା’ମାନେ ପରିବାରର କେନ୍ଦ୍ର। ଏହାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର ୭୫ତମ ଜନ୍ମଦିନ ଅବସରରେ କାକଟପୁରର ପ୍ରସିଦ୍ଧ ଶକ୍ତିପୀଠ ମା’ ମଙ୍ଗଳାଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି ମଙ୍ଗଳକାମନା କରିଥିଲେ। ଶେଷରେ କାକଟପୁର ସ୍ଥିତ ମା’ ମଙ୍ଗଳା ମହାବିଦ୍ୟାଳୟ ପରିସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆୟୋଜିତ ‘ଏକ୍ ପେଡ୍ ମା’ କେ ନାମ୍’ କାର୍ଯ୍ୟକ୍ରମରେ ଭାଗନେବା ସହ ମୋଦୀଙ୍କ ଜନ୍ମଦିନର ସ୍ୱତନ୍ତ୍ର ଦିନକୁ ମନେରଖିବା ପାଇଁ ବୃକ୍ଷରୋପଣ କରିଥିଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା।

# ସୁସ୍ଥ ହେଉଛନ୍ତି ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି



**କଟକ, ୧୭।୯ (ସଂଚାର ବ୍ୟୁରୋ) :** ଓଲିଉଡ଼ ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇଛି। ଡାକ୍ତରଙ୍କ କହିବା ଅନୁଯାୟୀ, ଏହା ଏକ ସାମାନ୍ୟ ସଂକ୍ରମଣ ଏବଂ ଚିନ୍ତାର କୌଣସି କାରଣ ନାହିଁ। ସମସ୍ତ ଆବଶ୍ୟକୀୟ ପରୀକ୍ଷା କରାଯାଇଛି ଓ ରିପୋର୍ଟ ଅନୁସାରେ ତାଙ୍କର କୌଣସି ଗୁରୁତର ରୋଗ ନାହିଁ। ଅଭିନେତା ଶ୍ରୀତମ ଦାସ ହସ୍ପିଟାଲରେ ବୁଦ୍ଧାଦିତ୍ୟଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଖବର ନେଇଛନ୍ତି।

# ଛାତ୍ରୀକୁ ମାଡ଼ମାରି ଶିକ୍ଷକ ନିଲମ୍ବିତ

**ଦଶପଲ୍ଲା, ୧୭।୯ (ସଂଚାର ବ୍ୟୁରୋ) :** ଗୋଡିବିଡା ପ୍ରାଥମିକ ବିଦ୍ୟାଳୟରେ ପିଲାକଲିକୁ କେନ୍ଦ୍ରକରି ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କୁ ଅମାନୁଷିକ ଭାବେ ପିଟିଲେ ଶିକ୍ଷକ। ଝିଅ ଉପରେ ଏପରି ମାଡ଼ ହୋଇଥିବା ଦେଖି ଶିକ୍ଷକଙ୍କ ବିରୁଦ୍ଧରେ ଦଶପଲ୍ଲା ଥାନାରେ ଅଭିଯୋଗ କଲେ ଛାତ୍ରୀଙ୍କ ବାପା । ସ୍କୁଲରେ ଅନ୍ୟଜଣେ ସହପାଠୀ ତାଙ୍କ ଉପରକୁ କୌଣସି କାରଣରୁ ଚପଲ ଫୋପାଡିବା ପରେ ସେ ସେହି ଚପଲକୁ ବାହାରକୁ ଫୋପାଡି ଦେଇଥିଲେ । ସହପାଠୀ ଜଣକ ଏନେଇ ଅନ୍ତର୍ଯ୍ୟାମୀ ସାର୍‌ଙ୍କୁ ଜଣାଇବା ପରେ ସାର୍ ଅତି ଅମାନୁଷିକ ଭାବେ ନିଲୁଙ୍କ ଝିଅକୁ ବାଡିରେ ପିଟିଥିବା ଅଭିଯୋଗ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ତଦନ୍ତ କରି ଶିକ୍ଷକ ଅନ୍ତର୍ଯ୍ୟାମୀ ଦାସଙ୍କୁ ନିଲମ୍ବନ କରିଛନ୍ତି ।

# ରୋଗୀଙ୍କୁ ୧ କିମି ଷ୍ଟ୍ରେଚରରେ ବୋହିଲେ ଆମ୍ବୁଲାନ୍ସ କର୍ମଚାରୀ



**ଯାଜପୁର, ୧୭।୯(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଙ୍ଗପୁର ଗ୍ରାମର ୯୮ ବର୍ଷୀୟ ଗୌରାଙ୍ଗ ଚରଣ ସାମଲ ନାମକ ଜଣେ ବ୍ୟକ୍ତି ନିଶ୍ୱାସ ନେବାରେ ଅସୁବିଧା ଅନୁଭବ କରିଥିଲେ। ତେଣୁ ପରିବାର ଲୋକ ତାଙ୍କୁ ଡାକ୍ତରଖାନା ନେବା ପାଇଁ ୧୦୮ କୁ ଯୋଗାଯୋଗ କରିଥିଲେ। ଅଭିଯୋଗ ପାଇଁ ମଙ୍ଗଳପୁର ଡାକ୍ତରଖାନାରେ ଥିବା ୧୦୮ ଆମ୍ବୁଲାନ୍ସ ଟି ରୋଗୀଙ୍କ ପାଇଁ ନିୟୋଜିତ କରାଯାଇଥିଲା ଏବଂ ପ୍ରାୟ ୮:୪୩ ମିନିଟ ସମୟରେ ଆମ୍ବୁଲାନ୍ସ ରୋଗୀଙ୍କ ଗାଁ ନିକଟରେ ପହଞ୍ଚିଥିଲା କିନ୍ତୁ ରାସ୍ତା ଅଭାବ କାରଣରୁ ରୋଗୀଙ୍କ ଘର ପର୍ଯ୍ୟନ୍ତ ଆମ୍ବୁଲାନ୍ସ ପହଞ୍ଚି ନ ପାରି ୧ କିମି ଦୂରରେ ରହିଯାଇଥିଲା। କାଳବିଳମ୍ବ ନ କରି ୧୦୮ ଆମ୍ବୁଲାନ୍ସର ଡ୍ରାଇଭର ପ୍ରଦୀପ କୁମାର ମଲ୍ଲିକ, ଇଏମଟି ସ୍ମୃତି ସୌରଭ ସାହୁ ଏବଂ ହେଲ୍ପର ଦୀପକ କୁମାର ଜେନା ଏକ ଷ୍ଟ୍ରେଚର ଧରି ରୋଗୀଙ୍କ ପାଖରେ ପହଞ୍ଚିଥିଲେ ଏବଂ ପ୍ରାୟ ୧ କିମି ରୋଗୀଙ୍କୁ ଷ୍ଟ୍ରେଚରରେ ଆମ୍ବୁଲାନ୍ସ ନିକଟକୁ ଆଣି ରୋଗୀଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଉକ୍ତ କାର୍ଯ୍ୟ ପାଇଁ ରୋଗୀଙ୍କ ପରିବାର ଲୋକ ତଥା ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି।

# ପଲିଥିନ୍‌ରେ ଭୋଗ ନ ନେବାକୁ ଅନୁରୋଧ: ବିଏମ୍‌ସି

**ଭୁବନେଶ୍ୱର,୧୭।୯ (ସଂଚାର ବ୍ୟୁରୋ) :** ଦୁର୍ଗାପୂଜାରେ ପଲିଥିନ୍ କ୍ୟାରି ବ୍ୟାଗରେ ଭୋଗ ନ ନେବା ପାଇଁ ଲୋକଙ୍କୁ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମସି) ଅପିଲ୍ କରିଛି। ପ୍ଲାଷ୍ଟିକର ବ୍ୟବହାର ଏବଂ ଅଳିଆ ଆବର୍ଜନାକୁ ରୋକିବା ପାଇଁ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ଏଭଳି ପଦକ୍ଷେପ ଗ୍ରହଣ କରିଛି। ଏହି କିଓସ୍କଗୁଡ଼ିକ ବାରମୁଣ୍ଡା, ନୟାପଲ୍ଲୀ, ସହିଦ ନଗର, ରସୁଲଗଡ଼, ଝାରପଡ଼ା ଏବଂ ଡମଣା ଭଳି ବଡ଼ ମଣ୍ଡପରେ ସ୍ଥାପନ କରାଯିବ। ସଚେତନତା ଅଭିଯାନ ତଦାରଖ କରିବା ପାଇଁ ବିଏମସି ତିନି ଜୋନାଲ ଡେପୁଟି କମିସନରଙ୍କ ସମେତ ଅଧିକାରୀମାନଙ୍କୁ ନିଯୁକ୍ତ କରିବାକୁ ନିଷ୍ପତ୍ତି ନେଇଛି। ବରିଷ୍ଠ ଅଧିକାରୀମାନେ ପର୍ଯ୍ୟାୟକ୍ରମେ କିଓସ୍କରେ ବସିବେ। ପାରମ୍ପରିକ ପୋଖରୀ ନିକଟରେ ଖୋଳାଯାଇଥିବା କୃତ୍ରିମ ପୋଖରୀରେ ମୂର୍ତ୍ତି କିପରି ବିସର୍ଜନ କରାଯିବ ସେ ବିଷୟରେ ପୂଜା କମିଟି ସଦସ୍ୟମାନଙ୍କୁ ମଧ୍ୟ ଶିକ୍ଷା ଦିଆଯିବ ।

# ରାଜସ୍ୱ ନିରୀକ୍ଷକ ନିଲମ୍ବିତ



**କୁଚିଣ୍ଡା,୧୭।୯(ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ସଦର ତହସିଲଦାର ଜମି ପଟାମାଲିକାନା ସ୍ୱତ୍ତ୍ୱ ଦେବା ସମୟରେ କିଛି ଲୋକଙ୍କୁ ଅଣଦେଖା କରି କିଛି ଲୋକଙ୍କୁ ଅଧିକ ଅନୁକମ୍ପା ଘଟଣାରେ କୁଚିଣ୍ଡା ରାଜସ୍ୱ ନିରୀକ୍ଷକ ନିଲମ୍ବିତ ହୋଇଛନ୍ତି। ଏହି ଘଟଣାରେ ଆଗରୁ ତହସିଲଦାର ମିତାଲି ମଧୁସ୍ମିତା ଦଳେଇ ନିଲମ୍ବିତ ହୋଇଥିଲେ।

ଗତ ୧୬ ତାରିଖ କୁଚିଣ୍ଡା ସଦର କୁଚିଣ୍ଡା ରାଜସ୍ୱ ନିରୀକ୍ଷକ ଅର୍ଜୁନ ବାଗଙ୍କୁ ରାଜସ୍ୱ ବିଭାଗ ନିଲମ୍ବନ କରିଛନ୍ତି। ଏହି ଘଟଣାରେ କୁଚିଣ୍ଡାର ରାଜେଶ ଅଗ୍ରୱାଲ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ତହସିଲଦାର ଓ କୁଚିଣ୍ଡା ରାଜସ୍ୱ ନିରୀକ୍ଷକ ନିଲମ୍ବିତ ହେବା ପରେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଦୁର୍ନୀତି ବିରୁଦ୍ଧରେ ତତକ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

ଏହି ଘଟଣାରେ ଗତ ୧୬ ତାରିଖ କୁଚିଣ୍ଡା ସଦର କୁଚିଣ୍ଡା ରାଜସ୍ୱ ନିରୀକ୍ଷକ ଅର୍ଜୁନ ବାଗଙ୍କୁ ରାଜସ୍ୱ ବିଭାଗ ନିଲମ୍ବନ କରିଛନ୍ତି। ଏହି ଘଟଣାରେ କୁଚିଣ୍ଡାର ରାଜେଶ ଅଗ୍ରୱାଲ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ତହସିଲଦାର ଓ କୁଚିଣ୍ଡା ରାଜସ୍ୱ ନିରୀକ୍ଷକ ନିଲମ୍ବିତ ହେବା ପରେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଦୁର୍ନୀତି ବିରୁଦ୍ଧରେ ତତକ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

‘ଏକ ପେଡ୍ ମା’ କେ ନାମ୍ ୨.୦’

# ୩୪୬ ଅଗ୍ନିଶମ କେନ୍ଦ୍ରରେ ଚାରାରୋପଣ

**କଟକ, ୧୭।୯(ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ବିଶାଳ ବୃକ୍ଷରୋପଣ ଅଭିଯାନ “ଏକ ପେଡ୍ ମା କେ ନାମ ୨.୦” ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଓଡ଼ିଶା ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ଏହି ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଛି। ସାରା ରାଜ୍ୟରେ ୭୫ ଲକ୍ଷ ଚାରା ରୋପଣ କାର୍ଯ୍ୟକ୍ରମର ଅଂଶ ଭାବରେ, ଓଡ଼ିଶାର ସମସ୍ତ ୩୪୬ଟି ଅଗ୍ନିଶମ କେନ୍ଦ୍ର ପରିସରରେ ଶତାଧିକ ଚାରାରୋପଣ କରାଯାଇ ଦେଶରେ ସର୍ବବ୍ୟାପୀ ସବୁଜ ଅଭିଯାନରେ ଅଂଶଗ୍ରହଣ କରିଛି।




# କୃଷି ବିଭାଗ ତରଫରୁ ୨୩ ଲକ୍ଷ ଚାରାରୋପଣ

**ଭୁବନେଶ୍ୱର,୧୭।୯(ସଂଚାର ବ୍ୟୁରୋ):** କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଏହି ମହତ ଉଦେଶ୍ୟରେ ସହଭାଗୀ ହୋଇ ସମସ୍ତ ଜିଲ୍ଲାରେ ସମୁଦାୟ ୨୩ ଲକ୍ଷରୁ ଅଧିକ ଫଳ ଚାରା ରୋପଣ କରାଯିବା ନିମନ୍ତେ ପ୍ରୟାସରତ। ଏହି ଏକଦିନିଆ ବୃକ୍ଷରୋପଣ ଅଭିଯାନରେ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଦ୍ୱାରା ଭୁବନେଶ୍ୱର ଡେରାସ ଉଦ୍ୟାନ କୃଷି ଫାର୍ମରେ ଆୟୋଜିତ ହୋଇଛି , ଯେଉଁଠାରେ ୧୫୦୦ ଗୋଟି ଉତ୍ତମ ମାନର ଜାମୁକୋଳି, ଲିଚୁ, ନଡିଆ ଓ ସପୁରୀ ଫଳ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମ ପ୍ରାତଃ ୯:୩୦ରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀଙ୍କ ଦ୍ୱାରା ଉଦ୍ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ଉତ୍କର୍ଷ କେନ୍ଦ୍ର, ଡେରାସ ର ପ୍ରଶିକ୍ଷାର୍ଥୀ ଏବଂ ଫାର୍ମ କର୍ମଚାରୀ ଓ ବିଭାଗୀୟ ଅଧିକାରୀମାନେ ସକ୍ରିୟ ଭାବରେ ଯୋଗଦାନ ପୂର୍ବକ ଚାରା ରୋପଣ କରିଛନ୍ତି। ଏହି ଅଭିଯାନର ମୂଳ ଉଦେଶ୍ୟ ପ୍ରତ୍ୟେକ ଲୋକଙ୍କୁ ମା’ଙ୍କ ସ୍ମୃତି ଓ ସମ୍ମାନରେ ଗଛ ଲଗାଇବାକୁ ପ୍ରୋତ୍ସାହିତ କରିବା। ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଭିନ୍ନ କାର୍ଯ୍ୟାଳୟ ପରିସରରେ ଫଳ ଚାରାରୋପଣ ମାଧ୍ୟମରେ ସବୁଜ ଆବରଣ ବୃଦ୍ଧି କରିବା ଓ ପରିବେଶୀୟ ସୁସ୍ଥିରତାକୁ ବଢ଼ାଇବା ଏହାର ଲକ୍ଷ୍ୟ ବୋଲି ଡ଼ ପାଢ଼ୀ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ୨୩ ଲକ୍ଷ ଫଳ ଚାରା ଯଥା ଆମ୍ବ, କାଗେଜି ଲେମ୍ବୁ, ନଡିଆ, କଦଳୀ, ପଣସ ଇତ୍ୟାଦି ରାଜ୍ୟର ବିଭିନ୍ନ ଅଂଶୀଦାରମାନଙ୍କୁ ବିନା ମୂଲ୍ୟରେ ବଣ୍ଟନ କରାଯାଇଛି।



# ଅଦାଲତରୁ ଫେରିବ ଟ୍ରାଫିକ ଉଲ୍ଲଙ୍ଘନ ମାମଲା

- ଗଠନ ହେଲା ଉଚ୍ଚସ୍ତରୀୟ କମିଟି

**ଭୁବନେଶ୍ୱର,୧୭।୯(ସଂଚାର ବ୍ୟୁରୋ) :** ଟ୍ରାଫିକ ନିୟମ ଉଲ୍ଲଙ୍ଘନ ଅଭିଯୋଗରେ ଆଇନ୍ ଅଦାଲତରେ ପଡି ରହିଥିବା ମାମଲାଗୁଡିକୁ ପ୍ରତ୍ୟାହାର କରିନେଇ କିଭଳି ଏମାନଙ୍କ ଠାରୁ ଜରିମାନା ଟଙ୍କା ଆଦାୟ କରାଯାଇ ପାରିବ, ସେଥିଘେନି ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଏହି କମିଟିରେ ଆଇନ୍ ବିଭାଗର ପ୍ରମୁଖ ଶାସନ ସଚିବ ଅଧ୍ୟକ୍ଷ ରହିବେ ଏବଂ ପରିବହନ କମିଶନର ଏହାର ସଦସ୍ୟ ଆବାହକ ହେବେ। ଏମାନଙ୍କ ଛଡା ଆଇନ୍ ବିଭାଗର ଅତିରିକ୍ତ ଶାସନ ସଚିବ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଓ ଗୃହ ବିଭାଗର ଜଣେ ଲେଖାଁଏ ଅଧିକାରୀ ମଧ୍ୟ ସଦସ୍ୟ ରହିବେ। ଟ୍ରାଫିକ ନିୟମ ଉଲ୍ଲଙ୍ଘନ ଅଭିଯୋଗରେ ବହୁ ଗାଡି ଚାଳକଙ୍କ ବିରୁଦ୍ଧରେ ଇ-ଚାଲାଣମାନ କଟାଯାଉଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏମାନଙ୍କ ମଧ୍ୟରୁ ଅନେକ ଇ-ଚାଲାଣ ବାବଦ ଅର୍ଥ ଆରଟିଓ କିମ୍ବା ପୁଲିସ୍ ନିକଟରେ ପଇଠ ନକଲେ ସେମାନଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇ ଆଇନ୍ ଅଦାଲତକୁ ପଠାଇ ଦିଆଯାଇଛି। ବର୍ଷ ବର୍ଷ ଧରି ଏଭଳି ମାମଲାର ବିଚାର ହୋଇପାରୁ ନାହିଁ। ଏଭଳି ସ୍ଥିତିରେ ଆଇନ୍ ଅଦାଲତ ଉପରୁ ଚାପ ହ୍ରାସ କରିବା ସହିତ କିଭଳି ଟ୍ରାଫିକ ନିୟମ ଉଲ୍ଲଙ୍ଘନକାରୀଙ୍କ ଠାରୁ ଜୋରିମାନା ବାବଦ ଅର୍ଥ ଆଦାୟ କରାଯାଇ ପାରିବ ଏବଂ ୨୦୨୫ ଜୁଲାଇ ଶେଷ ସୁଦ୍ଧା ଯେତେସବୁ ମାମଲା ରହିଛି। ସେଗୁଡିକୁ ପ୍ରତ୍ୟାହାର କରାଯିବ ସେ ସଂକ୍ରାନ୍ତରେ ଆଇନ୍‌ଗତ ଦିଗ ଉପରେ ଆଲୋଚନା କରି ଏହି କମିଟି ନିର୍ଦ୍ଦିଷ୍ଟ ପ୍ରସ୍ତାବ ଦେବେ।

# ବିଶ୍ୱ ଓଜନ ଦିବସ ପାଳିତ



**ଭୁବନେଶ୍ୱର,୧୭।୯(ସଂଚାର ବ୍ୟୁରୋ):** ଓଡିଶା ବିଜ୍ଞାନ ଏକାଡେମୀ ଆନୁକୂଲ୍ୟରେ ଅନ୍ଧାରୁଆ ସ୍ଥିତ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନରେ ବିଶ୍ୱ ଓଜନ ଦିବସ ପାଳିତ ହୋଇଛି। ଏହି ଅବସରରେ ନାଲକୋର ଅବସରପ୍ରାପ୍ତ ସାଧାରଣ ପ୍ରବନ୍ଧକ ତଥା ରସାୟନ ବିଜ୍ଞାନୀ ଡଃ ଚିତ୍ତରଞ୍ଜନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱରେ ବୃଦ୍ଧି ପାଉଥିବା ତାପମାତ୍ରା ଓ ଓଜନ ସ୍ତର ଉପରେ ପଡୁଥିବା ଏହାର କୁପ୍ରଭାବ ସମ୍ପର୍କରେ ବୈଜ୍ଞାନିକ ତତ୍ତ୍ୱ ମାଧ୍ୟମରେ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ଏଥିପ୍ରତି ସଚେତନ ନରହିଲେ ଭବିଷ୍ୟତରେ ଏହାର କୁପରିଣାମ ବିଶ୍ୱବାସୀଙ୍କ ଉପରେ ପଡିବା ନେଇ ସୂଚନା ଦେବା ସହ ଏହାକୁ ପ୍ରତିହତ କରିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ସେହିଭଳି ଉକ୍ତ କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି, ବିଦ୍ୟୁତ ପ୍ରଭା ରାଉତ, ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଯଶୋବନ୍ତ ଜେନା, ପ୍ରତିଷ୍ଠାନର କୂଳସଚିବ ପ୍ରଫେସର ତ୍ରିଲୋକ୍ୟ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ଓ ସବୁଜିମା ପରିସର ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଉପଲକ୍ଷେ ପ୍ରତିଷ୍ଠାନ ପରିସରରେ ଔଷଧୀୟ ବୃକ୍ଷ ସହ ବିଭିନ୍ନ ପ୍ରଜାତି ବୃକ୍ଷ ରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ କର୍ମଚାରୀ ବୃନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

# ତରାବୋଇରେ ନୂତନ ପାସେଞ୍ଜର ହଲ୍ଟ ଉଦ୍‌ଘାଟିତ

**ଭୁବନେଶ୍ୱର/ଜଟଣୀ,୧୭।୯(ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅଧୀନରେ ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ରେଳ

- ନିକଟବର୍ତ୍ତୀ ଅଞ୍ଚଳ ଏବଂ ଶିକ୍ଷାନୁଷ୍ଠାନକୁ ଗମନାଗମନ ପାଇଁ ନୂତନ ସୁବିଧା
- ତରାବୋଇରେ ଗୋଟିଏ ଏକ୍ସପ୍ରେସ ଟ୍ରେନ ସହ ଚାରି ଯୋଡ଼ା ଟ୍ରେନ ରହିବ

ଲାଇନରେ ଖୋର୍ଦ୍ଧା ରୋଡ୍ ଏବଂ ଖୋର୍ଦ୍ଧା ଟାଉନ୍ ରେଳ ଷ୍ଟେସନ ମଧ୍ୟରେ ଥିବା ତରାବୋଇ ଠାରେ ଏକ ନୂତନ ପାସେଞ୍ଜର ହଲ୍ଟକୁ ଆଜି ଅପରାହ୍ନରେ ଉଦଘାଟନ କରାଯାଇଛି। ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ ଏହି ପାସେଞ୍ଜର ହଲ୍ଟକୁ ଉଦଘାଟନ କରିବା ସହ ସବୁଜ ପତାକା ପ୍ରଦର୍ଶନ କରି ତରବୋଇ ଠାରେ ମେମୁ ଟ୍ରେନର ରହଣିର ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି ଯେ, ଆଜି ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ରେଳ ଲାଇନର ତରାବୋଇରେ ନୂତନ ପାସେଞ୍ଜର ହଲ୍ଟକୁ ଉଦଘାଟନ କରି ସେ ବହୁତ ଖୁସି। ଏହି ବହୁ ପ୍ରତୀକ୍ଷିତ ସୁବିଧା




ଦୈନନ୍ଦିନ ଯାତ୍ରୀଙ୍କ ସୁବିଧା ବହୁଗୁଣିତ ହେବ। ସେ ଏହା ମଧ୍ୟ କହିଛନ୍ତି ଯେ, ଏହି ରହଣି କେବଳ ଶିକ୍ଷା କେନ୍ଦ୍ର ଏବଂ ନିକଟବର୍ତ୍ତୀ ଗ୍ରାମଗୁଡ଼ିକୁ ଉତ୍ତମ ସଂଯୋଗ ପ୍ରଦାନ କରିବ ନାହିଁ ବରଂ ବରୁଣେଇ ପାହାଡ଼, ଖୋର୍ଦ୍ଧା ଦୁର୍ଗ ଏବଂ ବରୁଣେଇ ମନ୍ଦିର ଭଳି ଐତିହାସିକ ତରାବୋଇ ଏବଂ ଆଖପାଖ ଗ୍ରାମ ପଞ୍ଚାୟତର ଲୋକମାନଙ୍କୁ ବହୁତ ଲାଭ ପ୍ରଦାନ କରିବା ସହ ଆଇଆଇଟି ଭୁବନେଶ୍ୱର, ନାଇଜର ଏବଂ ନିକଟବର୍ତ୍ତୀ ଅନ୍ୟାନ୍ୟ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଛାତ୍ର ଏବଂ ଅଧ୍ୟାପକମାନଙ୍କୁ ସେବା ଯୋଗାଇବ। ଏଠାରେ ଚାରି ଯୋଡ଼ା ଟ୍ରେନ୍ ରହଣି ପ୍ରଦାନ କରିବା ସହିତ ସ୍ଥାନଗୁଡ଼ିକୁ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ। ଏହା ଭାରତୀୟ ରେଳବାଇର ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି, ଶେଷ ମାଇଲ ସଂଯୋଗୀକରଣ ଏବଂ ଓଡ଼ିଶାର ଲୋକଙ୍କ ପାଇଁ ବର୍ଦ୍ଧିତ ଯାତ୍ରୀ ସୁବିଧା ପାଇଁ ଦୃଷ୍ଟିକୋଣ ପୂରଣ କରିବା ଦିଗରେ ଆଉ ଏକ ପଦକ୍ଷେପ ଅଟେ। ଏହି ଅବସରରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ତରାବୋଇ ପାସେଞ୍ଜର ହଲ୍ଟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ, ଯାହା ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଦାବି ପୂରଣ କରିବ ବୋଲି କହିଥିଲା ବେଳେ ଏହି ଅଞ୍ଚଳର ପ୍ରତ୍ୟେକ କୋଣରେ ଅନ୍ତର୍ଭୁକ୍ତ ବିକାଶ ଏବଂ ଉନ୍ନତ ସଂଯୋଗ ଆଣିବାରେ ଭାରତୀୟ ରେଳବାଇର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଜାନୁଆରୀ ୨୦୨୪ ରେ ରେଳ ବୋର୍ଡ ଦ୍ୱାରା ଅନୁମୋଦିତ ତରାବୋଇ ପାସେଞ୍ଜର ହଲ୍ଟ ସେପ୍ଟେମ୍ବର ୨୦୨୫ରେ ୮୦ ଲକ୍ଷ ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଛି। ଚାରି ଯୋଡ଼ା ଟ୍ରେନ୍ ଭଦ୍ରକ-ଦସପଲ୍ଲା-ଭଦ୍ରକ ମେମୁ, ଭୁବନେଶ୍ୱର-ଦସପଲ୍ଲା-ଭୁବନେଶ୍ୱର ମେମୁ, ଭୁବନେଶ୍ୱର-ଦସପଲ୍ଲା-ଭୁବନେଶ୍ୱର ଏକ୍ସପ୍ରେସ ଏବଂ ପୁରୀ-ଦସପଲ୍ଲା-ପୁରୀ ମେମୁ ନୂତନ ଭାବରେ ପ୍ରଦାନ କରାଯାଉଥିବା ତରାବୋଇ ପାସେଞ୍ଜର ହଲ୍ଟରେ ଆଜିଠାରୁ ରହଣି ପ୍ରଦାନ କରିବ। ଏହି ନୂତନ ପାସେଞ୍ଜର ହଲ୍ଟ ଷ୍ଟେସନର ଉଦଘାଟନ ଭାରତୀୟ ରେଳବାଇର ଶେଷ ମାଇଲ ସଂଯୋଗୀକରଣକୁ ଉନ୍ନତ କରି ଯାତ୍ରାର ସହଜତା ପ୍ରଦାନ କରିବ ଏବଂ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହିତ କରିବା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

জীবন অমৃত অনুচিন্তা

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଗୁରୁବାର ୧୮ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
Thursday 18 September 2025, Bhubaneswar


# ମୋଦୀ: ଏକ ଦୂରଦୃଷ୍ଟିସଂପନ୍ନ ନେତା

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ଦୂରଦୃଷ୍ଟିସଂପନ୍ନ ନେତା ଭାବରେ ବର୍ଣ୍ଣନା କରିବା ସହଜ ନୁହେଁ, କିନ୍ତୁ ଏହା ଏକ ସତ୍ୟ। ଗତ ଦଶନ୍ଧିରେ ତାଙ୍କ ନେତୃତ୍ୱରେ ଭାରତ ଏକ ନୂତନ ଯୁଗରେ ପ୍ରବେଶ କରିଛି। ମୋଦୀଙ୍କର ଦୂରଦୃଷ୍ଟି କେବଳ ରାଜନୀତିରେ ସୀମିତ ନୁହେଁ, ବରଂ ଅର୍ଥନୀତି, ସାମାଜିକ ପରିବର୍ତ୍ତନ, ବିଜ୍ଞାନ ଏବଂ ବିଦେଶ ନୀତିରେ ମଧ୍ୟ ପ୍ରତିଫଳିତ ହୋଇଛି। ତାଙ୍କର ନେତୃତ୍ୱ ଭାରତକୁ ଏକ ବିଶ୍ୱଶକ୍ତି ଭାବରେ ପରିଣତ କରିବାରେ ସହାୟକ ହୋଇଛି।



ମୋଦୀଙ୍କର ଅର୍ଥନୈତିକ ଦୂରଦୃଷ୍ଟିକୁ ନେଇ କହିବାକୁ ହେଲେ, ତାଙ୍କର 'ମେକ୍ ଇନ୍ ଇଣ୍ଡିଆ' ଯୋଜନା ଭାରତକୁ ଏକ ଉତ୍ପାଦନ କେନ୍ଦ୍ର ଭାବରେ ପରିଣତ କରିଛି। ଏହି ଯୋଜନା ଦ୍ୱାରା ବିଦେଶୀ ନିବେଶ ବୃଦ୍ଧି ପାଇଛି ଏବଂ ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ସେହିପରି 'ଡିଜିଟାଲ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଦେଶକୁ ଡିଜିଟାଲ୍ କ୍ରାନ୍ତିରେ ନେଇଯାଇଛି। ଆଧାର କାର୍ଡ, ୟୁନିଫାଇଡ୍ ପେମେଣ୍ଟ୍ ଇଣ୍ଟରଫେସ୍ (ୟୁପିଆଇ) ଏବଂ ଜନଧନ୍ ଯୋଜନା ପରି ଉଦ୍ୟମଗୁଡ଼ିକ ଗ୍ରାମୀଣ ଅଞ୍ଚଳରେ ମଧ୍ୟ ଡିଜିଟାଲ୍ ସୁବିଧା ପହଞ୍ଚାଇଛି। ଏହା ଦ୍ୱାରା ଭ୍ରଷ୍ଟାଚାର ହ୍ରାସ ପାଇଛି ଏବଂ ଅର୍ଥନୀତି ସ୍ୱଚ୍ଛ ହୋଇଛି। ନୋଟବନ୍ଦୀ ଏବଂ ଜିଏସଟି ପରି ସାହସୀ ପଦକ୍ଷେପଗୁଡ଼ିକ ପ୍ରାରମ୍ଭରେ ବିବାଦୀୟ ଥିଲେ, କିନ୍ତୁ ଦୀର୍ଘକାଳୀନରେ ଏହା ଅର୍ଥନୀତିକୁ ମଜବୁତ୍ କରିଛି। ୨୦୨୫ ସୁଦ୍ଧା ଭାରତର ଜିଡିପି ବୃଦ୍ଧି ଦର ବିଶ୍ୱରେ ଉଚ୍ଚତମ ହୋଇଛି, ଯାହା ମୋଦୀଙ୍କର ଦୂରଦୃଷ୍ଟିର ପ୍ରମାଣ। ସାମାଜିକ କ୍ଷେତ୍ରରେ ମୋଦୀଙ୍କର ଦୂରଦୃଷ୍ଟି ଆହୁରି ଉଲ୍ଲେଖନୀୟ। 'ସ୍ୱଚ୍ଛ ଭାରତ ଅଭିଯାନ' ଦେଶରେ ସ୍ୱଚ୍ଛତା ସଚେତନତା ସୃଷ୍ଟି କରିଛି। କୋଟି କୋଟି ଟଏଲେଟ୍ ନିର୍ମାଣ ହୋଇଛି, ଯାହା ମହିଳାମାନଙ୍କର ସୁରକ୍ଷା ଏବଂ ସ୍ୱାସ୍ଥ୍ୟକୁ ଉନ୍ନତ କରିଛି। 'ବେଟି ବଚାଓ ବେଟି ପଢ଼ାଓ' ଯୋଜନା ମହିଳା ଶିକ୍ଷା ଏବଂ ସଶକ୍ତିକରଣରେ ବିପ୍ଳବ ଆଣିଛି। କୋଭିଡ୍-୧୯ ମହାମାରୀ ସମୟରେ ତାଙ୍କର ନେତୃତ୍ୱ ଅତୁଳନୀୟ ଥିଲା। 'ଭାକ୍ସିନ୍ ମୈତ୍ରୀ' ଯୋଜନା ଦ୍ୱାରା ଭାରତ ବିଶ୍ୱର ଅନେକ ଦେଶକୁ ଭ୍ୟାକ୍ସିନ୍ ଯୋଗାଇଛି, ଯାହା ଭାରତର ବିଶ୍ୱବନ୍ଧୁତ୍ୱକୁ ପ୍ରଦର୍ଶିତ କରିଛି। ଏହା ସହିତ 'ଆୟୁଷ୍ମାନ୍ ଭାରତ' ଯୋଜନା ଗରିବମାନଙ୍କୁ ମାଗଣା ଚିକିତ୍ସା ପ୍ରଦାନ କରି ସାମାଜିକ ନ୍ୟାୟ ସୁନିଶ୍ଚିତ କରିଛି।

ବିଦେଶ ନୀତିରେ ମୋଦୀଙ୍କର ଦୂରଦୃଷ୍ଟି ଭାରତକୁ ବିଶ୍ୱ ମଞ୍ଚରେ ଏକ ପ୍ରଭାବଶାଳୀ ସ୍ଥାନ ଦେଇଛି। ତାଙ୍କର 'ନେବରହୁଡ୍ ଫାର୍ଷ୍ଟ' ନୀତି ପଡୋଶୀ ଦେଶଗୁଡ଼ିକ ସହିତ ସମ୍ପର୍କ ମଜବୁତ୍ କରିଛି। କ୍ୱାଡ୍ ଏବଂ ଜି-୨୦ ପରି ମଞ୍ଚରେ ଭାରତର ଭୂମିକା ବୃଦ୍ଧି ପାଇଛି। ରୁଷ୍-ୟୁକ୍ରେନ୍ ଯୁଦ୍ଧ ସମୟରେ ଭାରତର ନିରପେକ୍ଷ ଦୃଷ୍ଟିକୋଣ ବିଶ୍ୱର ଧ୍ୟାନ ଆକର୍ଷଣ କରିଛି। ଏହା ସହିତ ଚନ୍ଦ୍ରୟାନ୍-୩ ଏବଂ ଆଦିତ୍ୟ-ଏଲ୍୧ ପରି ଅନ୍ତରୀକ୍ଷ ମିଶନଗୁଡ଼ିକ ଭାରତର ବିଜ୍ଞାନୀୟ ସାମର୍ଥ୍ୟକୁ ପ୍ରଦର୍ଶିତ କରିଛି, ଯାହା ମୋଦୀଙ୍କର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରତି ପ୍ରୋତ୍ସାହନର ଫଳ।

ପରିବେଶ ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ ମଧ୍ୟ ମୋଦୀଙ୍କର ଦୂରଦୃଷ୍ଟି ପ୍ରଶଂସନୀୟ। 'ଇଣ୍ଟରନ୍ୟାସନାଲ୍ ସୋଲାର୍ ଆଲାଇଆନ୍ସ' ଯୋଜନା ଜଳବାୟୁ ପରିବର୍ତ୍ତନ ବିରୁଦ୍ଧରେ ବିଶ୍ୱବ୍ୟାପୀ ଉଦ୍ୟମକୁ ନେତୃତ୍ୱ ଦେଇଛି। ଭାରତର ନେଟ୍ ଜିରୋ ଲକ୍ଷ୍ୟ ଏବଂ ନବୀକରଣୀୟ ଉର୍ଜାରେ ନିବେଶ ଭବିଷ୍ୟତର ପରିବେଶ ସୁରକ୍ଷା ପାଇଁ ପ୍ରସ୍ତୁତି ଦର୍ଶାଉଛି।

କହିବାକୁ ହେଲେ, ନରେନ୍ଦ୍ର ମୋଦୀ ଏକ ଦୂରଦୃଷ୍ଟିସଂପନ୍ନ ନେତା ଯିଏ ଭାରତକୁ ୨୧ଶ ଶତାବ୍ଦୀର ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ପାଇଁ ପ୍ରସ୍ତୁତ କରିଛନ୍ତି। ତାଙ୍କର ନେତୃତ୍ୱରେ ଭାରତ ଏକ ସ୍ୱାଭିମାନୀ ଏବଂ ସମୃଦ୍ଧ ରାଷ୍ଟ୍ର ଭାବରେ ଉଭା ହୋଇଛି। ଭବିଷ୍ୟତରେ ମଧ୍ୟ ତାଙ୍କର ଦୂରଦୃଷ୍ଟି ଦେଶକୁ ନୂତନ ଉଚ୍ଚତାରେ ନେବ। ଏହି ଦୂରଦୃଷ୍ଟିର ପ୍ରଭାବ ଆଗାମୀ ପିଢ଼ିମାନଙ୍କୁ ପ୍ରେରଣା ଦେବ।

# ଟ୍ରମ୍ପଙ୍କ ଦୋମୁହାଁ ନୀତି




ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା),


ଭାରତ ସହ ବାଣିଜ୍ୟ ଆଲୋଚନାକୁ ସ୍ଥଗିତ ରଖିବାର କିଛି ସପ୍ତାହ ପରେ ପୁଣି ଥରେ ଆମେରିକା ଆଲୋଚନା ପାଇଁ ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋଏଲ ଏବଂ ଭାରତୀୟ ଟିମକୁ ୱାଂଶିଟନକୁ ଆମନ୍ତ୍ରଣ କରିଥିବା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ପ୍ରଶାସନ ଘୋଷଣା କରିଛି। ଦୁଇଦେଶ ମଧ୍ୟରେ ତିକ୍ତତାର ୪ମାସର ନୀରବତା ପରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସର୍ବସାଧାରଣରେ ମନ୍ତବ୍ୟ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସକରାତ୍ମକ ପ୍ରତ୍ୟୁତର ପରେ ଏହି ଘୋଷଣା ଆମେରିକା କରିଛି। ଗଲା ଗୁରୁବାର ଦିନ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ଏବଂ ଭାରତରେ ରାଷ୍ଟ୍ରଦୂତ ନିଯୁକ୍ତ ସେର୍ଗିଓ ଗୋର କହିଥିଲେ ଯେ, ଖୁବ ଶୀଘ୍ର ଦୁଇଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଓ ଚଳିତ ବର୍ଷର ଶେଷ ଆଡକୁ କ୍ୱାଦ ସମ୍ମିଳନୀ ଅନୁଷ୍ଠିତ ହେବା ନେଇ ସେମାନେ ଆଶା କରନ୍ତି। ଉଲ୍ଲେଖଯୋଗ୍ୟ ଯେ, ଦୁଇଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତିରେ ଅସହମତି ଦେବା ପରେ ପ୍ରତିକ୍ରିୟାଶୀଳ ହୋଇ ରାଷ୍ଟ୍ରପତି ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ୨୫ପ୍ରତିଶତ ଶୁଳ୍କ (ଟାରିଫ) ଲାଗୁ କରିଥିଲେ। କେବଳ ଏତକି ନୁହେଁ ଭାରତୀୟ ଛାତ୍ରଙ୍କ ଭିସା କଟକଣା, ବେଆଇନ ଭାବେ ଅନୁପ୍ରବେଶକାରୀ ଭାରତୀୟ ନାଗରିକ ଗୋଡରେ ବେଡି ପକାଇ ଦେଶାନ୍ତର କରିଥିଲେ। ଆହୁରି ମଧ୍ୟ ଅପରେସନ 'ସିନ୍ଦୁର'ରେ ଦୁଇ ଦେଇ ମଧ୍ୟରେ ଯୁଦ୍ଧ ବିରତି କରାଇଥିବା ନେଇ ଟ୍ରମ୍ପଙ୍କ ଦାବିକୁ ଭାରତ ଅଗ୍ରାହ୍ୟ କରିବା ପରେ ଆହୁରି ପ୍ରତିକ୍ରିୟାଶୀଳ ହୋଇ ପାକିସ୍ଥାନର ସେନାମୁଖ୍ୟଙ୍କୁ ହ୍ୱାଇଟ୍ ହାଉସରେ ଆତିଥେୟତା ପ୍ରଦାନ କରିଥିଲେ। କେବଳ ଏତିକି ନୁହେଁ, ରୁଷ ଠାରୁ ତେଲ ନକିଣିବା ପାଇଁ କରିଥିବା ଅନୁରୋଧକୁ ଭାରତ ଅଗ୍ରାହ୍ୟ କରିବା ପରେ ଟ୍ରମ୍ପ ଆହୁରି କ୍ରୋଧିତ ହୋଇ ୫୦ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି। ଗତ ୨୭ତାରିଖ ଠାରୁ ଏହି ଶୁଳ୍କ ଭାରତୀୟ ସାମଗ୍ରୀ ଉପରେ ଲାଗୁ ହୋଇଛି। ଦେଶର ହିତ ସହ ଭାରତ କୌଣସି ସାଲିସ୍ କରିବ ନାହିଁ ବୋଲି ସ୍ପଷ୍ଟ ଭାବରେ ଭାରତ ଘୋଷଣା କରିଥିଲା। ରୁଷ-ୟୁକ୍ରେନ ଯୁଦ୍ଧରୁ ଭାରତ ଲାଭ ଉଠାଇଛି ଏବଂ ଯୁଦ୍ଧକୁ ମୋଦୀଙ୍କ ଯୁଦ୍ଧ ବୋଲି କହିବାକୁ କୁଣ୍ଠାବୋଧ କରିନଥିଲେ। ଏହା ବ୍ୟତୀତ ନିଜେ ଟ୍ରମ୍ପ ଏବଂ ତାଙ୍କର ପ୍ରଶାସନ ବହୁ କଟୁ ମନ୍ତବ୍ୟ ଦେଇଥିଲେ। ତେବେ ଆମେରିକାର ଭାରତ ବିରୋଧି କଟୁ ମନ୍ତବ୍ୟ ପରେ ଭାରତ କୌଣସି ପ୍ରତିକ୍ରିୟା ପ୍ରକାଶ ନକରି ନିଜ ନିଷ୍ପତି ଓ ନୀତିରେ ଅଟଳ ରହିଥିଲା। କିନ୍ତୁ ନିକଟରେ ଚୀନରେ ଅନୁଷ୍ଠିତ ସଂଘାଇ ସହଯୋଗିତା ସଂଗଠନ(ଏସସିଓ) ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ରୁଷର ରାଷ୍ଟ୍ରପତି ଭ୍ଲାଡିମାର ପୁଟିନ ଏବଂ ଚୀନର ରାଷ୍ଟ୍ରପତି ସି.ଜିନପିଙ୍ଗଙ୍କୁ ଭେଟିବା ଏବଂ ତିନି ନେତା ଏକାଠି ହୋଇ ବୈଠକ କରିବା ବୋଧହୁଏ ଟ୍ରମ୍ପଙ୍କ ନିଦ ହଜାଇ ଦେଇଛି ବୋଲି କହିଲେ ଅତିରଞ୍ଜିତ ହୋଇନପାରେ। ଭାରତ ସହ ପୂର୍ବର ଦ୍ୱିପାକ୍ଷିକ ସୁସମ୍ପର୍କକୁ ଅକ୍ଷୁର୍ଣ୍ଣ ରଖିବା ଏବଂ ବାଣିଜ୍ୟ ଆଲୋଚନା ଜାରି ରଖିବାକୁ ଟ୍ରମ୍ପ ଏବେ ଚାହୁଁଥିବା ତାଙ୍କର ମନ୍ତବ୍ୟ ସଂକେତ ପ୍ରଦାନ କରେ। କହିବା ଅଯଥାର୍ଥ ହେବ ନାହିଁ ଯେ, ଭାରତ ବିରୁଦ୍ଧରେ ଆମେରିକା ୫୦ପ୍ରତିଶତ ଶୁଳ୍କ ଲାଗୁ କରିବାର ୧୦ଦିନ ପରେ ଟ୍ରମ୍ପ ଟ୍ରୁଥ ସୋସିଆଲ ନାମକ ଏକ ସାମାଜିକ ଗଣମାଧ୍ୟମ ଓ ପରେ ସର୍ବସାଧାରଣରେ କହିଥିଲେ ଯେ, ମୋଦୀ ଜଣେ ମହାନ ପ୍ରଧାମନ୍ତ୍ରୀ ସେ ମୋର ଘନିଷ୍ଟ ବନ୍ଧୁ, ମୁଁ ତାଙ୍କ ସହ ବନ୍ଧୁତା ଅକ୍ଷୁର୍ଣ୍ଣ ରଖିବି। ଭାରତ-ଆମେରିକା ସମ୍ପର୍କ ସ୍ୱତନ୍ତ୍ର। ଏ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ ସେ ଆଶା କରୁଛନ୍ତି ଯେ, ଉଭୟ ଦେଶ ପାଇଁ ଏକ ଉତମ ସମାଧାନ ପନ୍ଥା ବାହାରିବ। ମୋଦୀ ମଧ୍ୟ ପ୍ରଥମେ ସାମାଜିକ ଗଣମାଧ୍ୟମ ଏବଂ ପରେ ସର୍ବସାଧାରଣରେ କହିଥିଲେ। ଏହି ଭଲ କଥାକୁ ସ୍ୱାଗତ କରୁଛନ୍ତି। ଭାରତ-ଆମେରିକା ଘନିଷ୍ଠ ବନ୍ଧୁ ଓ ପାରମ୍ପରିକ ସହଭାଗୀ ଅଟନ୍ତି। ବିଗିଡିଥିବା ସମ୍ପର୍କ ଖୁବ ଶୀଘ୍ର ସୁଧୁରିବା ନେଇ ଆଶା ପ୍ରକଟ କରିଛନ୍ତି। ଏହା ନିସନ୍ଦେହ ଯେ, ଉଭୟ ଦେଶର ନେତା (ଟ୍ରମ୍ପ-ମୋଦୀ)ଙ୍କ ମନ୍ତବ୍ୟ ପରେ ପରିସ୍ଥିତିରେ ସୁଧାର ଆସିବା ସହ ଆମେରିକାର ୫୦ପ୍ରତିଶତ ଶୁଳ୍କ ହଟାଇ ନେବା ନେଇ ଆଶା କରାଯାଉଥିଲା। କିନ୍ତୁ ଏବେ ଟ୍ରମ୍ପ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କରାଇବା ଲାଗି ଭାରତ ଓ ଚୀନ ଉପରେ ୧୦୦ପ୍ରତିଶତ ଶୁଳ୍କ ଲାଗୁ କରିବା ପାଇଁ ୟୁରୋପୀୟ ୟୁନିୟନ ଏବଂ ଜି-୭ ରାଷ୍ଟ୍ରମାନଙ୍କ ଉପରେ ଚାପ ପକାଇଥିବା ରିପୋର୍ଟ ପ୍ରକାଶ ପାଇଛି। ଏହା ଯଦି ସତ୍ୟ ହୋଇଥାଏ, ତେବେ ଅତ୍ୟନ୍ତ ସାଂଘାତିକ ଏବଂ ଟ୍ରମ୍ପଙ୍କ ଦୋମୁହାଁ ନୀତିକୁ ପଦାରେ ପକାଇଛି ବୋଲି କୁହାଯାଇପାରିବ। ଏହା ନିସନ୍ଦେହ ଯେ, ଟ୍ରମ୍ପ ସ୍ଥିର ଚିତ ସମ୍ପନ୍ନ ନେତା ନୁହଁନ୍ତି। ଟ୍ରମ୍ପଙ୍କ ଦ୍ୱିତୀୟ ପାଳି ରାଷ୍ଟ୍ରପତିତ୍ୱ କାଳରେ ଏବେ ସେ ଆମେରିକାକୁ ସମୃଦ୍ଧ କରିବା ପାଇଁ ବିଶ୍ୱର ବିଭିନ୍ନ ରାଷ୍ଟ୍ରଙ୍କ ଉପରେ ୧୦ପ୍ରତିଶତରୁ ଆରମ୍ଭ କରି ୧୦୦ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିଛନ୍ତି। ତାଙ୍କର ଶୁଳ୍କ ନୀତିକୁ ଆମେରିକାର ଫେଡେରାଲ କୋର୍ଟ ଅସାମ୍ବିଧାନିକ ବୋଲି ଦର୍ଶାଇଛନ୍ତି। ତେବେ ଏହା ନିସନ୍ଦେହ ଯେ, ତାଙ୍କର ଶୁଳ୍କ ନୀତି ଭାରତର କେବଳ କ୍ଷତି ଘଟାଇବ ନାହିଁ, ଆମେରିକାକୁ ମଧ୍ୟ କ୍ଷତି ପହଁଚାଇବ। ଟ୍ରମ୍ପଙ୍କ ଦୋମୁହାଁ ନୀତି ପ୍ରତି ଭାରତ ସଜାଗ, ସତର୍କ ହେବା ଜରୁରୀ।




**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**


# ସୃଷ୍ଟି ନିର୍ଣ୍ଣାୟକ ଦେବଶିଳ୍ପୀ ବିଶ୍ୱକର୍ମା




ଡକ୍ଟର ଲକ୍ଷ୍ମଣ ସାହୁ


ବିଶ୍ୱକର୍ମା ବୈଦିକ ଓ ପୌରାଣିକ ଦେବତା ଅଟନ୍ତି। ବେଦରେ ସେ କେତେବେଳେ ସୂର୍ଯ୍ୟଙ୍କ ସହିତ ଏକ ହୋଇଛନ୍ତି ପୁଣି କେତେବେଳେ ଅଗ୍ନିଙ୍କ ସହିତ ଏକ ହୋଇ ଗଲେଣି। ଋଗବେଦର ଦଶମ ମଣ୍ଡଳରେ ଦୁଇଟି ସୂକ୍ତରେ ବିଶ୍ୱକର୍ମାଙ୍କୁ ସ୍ତୁତି କରାଯାଇଛି। କୁହାଯାଇଛି ବିଶ୍ୱକର୍ମା ବିଶ୍ୱଭୁବନରେ ଯଜ୍ଞ କରନ୍ତି - ସେ ହେତା, ଋଷି, ସେ ଆମ୍ଭ ମାନଙ୍କର ପିତା — 'ଯ ଇମା ବିଶ୍ୱଭୁବନାନି ଜୁହ୍ୱଦୃଷି ହେତା ନ୍ୟସାଦତ୍ ପିତା ନଃ।' ସେ ପୁଣି ବିଶ୍ୱଚକ୍ଷୁ, ଭୂମି ସୃଷ୍ଟି କରିଛନ୍ତି। ମହତ୍ତ୍ୱ ଦ୍ୱାରା ଆକାଶକୁ ବିସ୍ତୃତ କରିଛନ୍ତି। ସେ ହିଁ ସହସ୍ରଶୀର୍ଷୀ ବିରାଟପୁରୁଷ - ସର୍ବତ୍ର ହିଁ ତାଙ୍କ ମୁଖ, ଚକ୍ଷୁ, ବାହୁ ଓ ପଦ। ସେ ଆକାଶ ପୃଥିବୀର ସ୍ରଷ୍ଟା। ପୁନର୍ବାର ସେ ବାଚସ୍ପତି ବା ବାକ୍ୟର ଅଧିପତି। ସେ ସବୁ କିଛି ନିର୍ମାଣ କରନ୍ତି, ଧାରଣ କରନ୍ତି ଓ ଦର୍ଶନ ମଧ୍ୟ କରନ୍ତି। ଅଥର୍ବ ବେଦରେ କୁହାଯାଇଛି, ବିଶ୍ୱକର୍ମା ବିଶ୍ୱ ଦେବ, ତୁମେ ମହାନ୍, ତୁମେ ଇନ୍ଦ୍ରଙ୍କୁ ଅଭିଭୂତ କରିଛ। ତୁମେ ସୂର୍ଯ୍ୟଙ୍କୁ ପ୍ରକାଶିତ କରୁଥାଅ। ଭାଷ୍ୟକାର ଯାସ୍କ କୁହନ୍ତି, ବିଶ୍ୱକର୍ମା ସର୍ବସ୍ୱ କର୍ତ୍ତା। ଶୁକ୍ଳ ଯଜୁର୍ବେଦ ବିଶ୍ୱକର୍ମାଙ୍କୁ ଦକ୍ଷିଣା ବୋଲି କହିଛି। ଦକ୍ଷିଣ ଶବ୍ଦର ଅର୍ଥ ପ୍ରସନ୍ନ।



ଋଷି ବିଶ୍ୱସ୍ରଷ୍ଟା ବିଶ୍ୱକର୍ମାଙ୍କର ପ୍ରସନ୍ନତା କାମନା କରିଛନ୍ତି। ଯଜ୍ଞାଗ୍ନିର ଗୋଟିଏ ନାମ ଦକ୍ଷିଣାଗ୍ନି। ଆଚାର୍ଯ୍ୟ ମହୀଧର କୁହନ୍ତି, ' ଦକ୍ଷିଣା ବିଶ୍ୱକର୍ମା ବାୟୁ - ବିଶ୍ୱ କରୋତି ସର୍ବ ସୃଜତୀତି ବିଶ୍ୱକର୍ମା ବାୟୁରୟଂ ଦକ୍ଷିଣା, ଦକ୍ଷିଣସ୍ୟା ଦିଶି ଆର୍ଯ୍ୟବର୍ଷାତ୍ ଭୂୟୋ ବାତି।' ବୃହଦେବ ତାଙ୍କ ମତରେ ବିଶ୍ୱକର୍ମା ବର୍ଷାକାଳୀନ ସୂର୍ଯ୍ୟ। ସେ କହନ୍ତି ଗ୍ରୀଷ୍ମମାସ ଅତିକ୍ରାନ୍ତ ହେଲେ ଯାହାଙ୍କ ବିନା ପୃଥିବୀ ରହିପାରେନା, ସେ ବିଶ୍ୱର କର୍ମ (କୃଷିକର୍ମ) ସୃଷ୍ଟି କରନ୍ତି, ଏହି ଦୃଷ୍ଟିରୁ ତାଙ୍କୁ ବିଶ୍ୱକର୍ମା କୁହାଯାଏ। "ବିଶ୍ୱ କର୍ମୈଷ ତେନ ହଃ"। ସେଥିପାଇଁ ବୋଧହୁଏ ବର୍ଷା ଆଗମନେ ଭାଦ୍ରବ ସଂକ୍ରାନ୍ତିରେ ବିଶ୍ୱକର୍ମାଙ୍କୁ ପୂଜା କରାଯାଇଥାଏ। ସେ ବର୍ଷାର ଦେବତା ଇନ୍ଦ୍ର ହୋଇଥିବାରୁ ତାଙ୍କର ବାହନ ହସ୍ତୀ।

ଦେବଶିଳ୍ପୀ ବିଶ୍ୱକର୍ମା ସମସ୍ତ ଶିଳ୍ପ ଓ ଶିଳ୍ପୀଙ୍କ କୁଳଦେବତା। ପୁରାଣରେ ଉଲ୍ଲେଖ ଅଛି ସେ ଅଷ୍ଟମ ବସୁଦେବତା ପ୍ରଭାସଙ୍କ ଔରସରେ ଯୋଗସିଦ୍ଧାଙ୍କ ଗର୍ଭରୁ ଜନ୍ମଗ୍ରହଣ କରିଥିଲେ। ମତାନ୍ତରେ ପ୍ରଜାପିତା ବ୍ରହ୍ମାଙ୍କ ନାଭି କମଳରୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଜନ୍ମ। ଚତୁର୍ଭୁଜ ବିଶ୍ୱକର୍ମା, ବାମ ଉପର ହାତରେ ବଟାଳି ଓ ବାମ ତଳ ହାତରେ ମାର୍ତ୍ତୁଲି, ଦକ୍ଷିଣ ଉପର ହାତରେ ଚକ୍ର ଓ ତଳ ହାତରେ ଆଶୀର୍ବାଦ କରୁଥିବାର ଦେଖାଯାଏ। ଦିବ୍ୟ ବସ୍ତ୍ର ପରିହିତ ଗଳାରେ ରତ୍ନହାର, ଅନୁପମ ରତ୍ନଅଳଙ୍କାରରେ ବିଭୂଷିତ, କର୍ଣ୍ଣରେ ମକର କୁଣ୍ଡଳ ଶୋଭା ପାଇଥାଏ। ସେ ଜ୍ଞାନ ଓ ଅବସ୍ଥାରେ ସମୃଦ୍ଧ ହୋଇଥିଲେ ମଧ୍ୟ କିଶୋର ପରି ସର୍ବଦା ପ୍ରତିଭାତ ହୁଅନ୍ତି। ଅତ୍ୟନ୍ତ ସୁନ୍ଦର ତେଜସ୍ୱୀ କାମଦେବଙ୍କ ପରି କାନ୍ତିମାନ ଅଟନ୍ତି ବିଶ୍ୱକର୍ମା। ସକଳ ଶିଳ୍ପକଳାର ସୃଷ୍ଟିକର୍ତ୍ତା। କୁହାଯାଏ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ବିଶ୍ୱକର୍ମା ସମଗ୍ର ସୃଷ୍ଟି ରଚନା କରିଥିଲେ। ଦେବତାମାନଙ୍କର ସମସ୍ତ ଶସ୍ତ୍ର ବିମାନ ଆଦି ତାଙ୍କଦ୍ୱାରା ବିନିର୍ମିତ। ସ୍ୱର୍ଗର ଅମରାବତୀ ହିଁ ତାଙ୍କ ନିର୍ମାଣର ଶ୍ରେଷ୍ଠ ନିଦର୍ଶନ।

ମଣିଷର କାର୍ଯ୍ୟର ପାର୍ଥକ୍ୟରେ ଯେପରି ଜାତିର ସୃଷ୍ଟି ସେହିପରି ଭଗବାନଙ୍କୁ ମଧ୍ୟ ନାନା ରୂପରେ ପରିକଳ୍ପନା କରାଯାଇଛି। ଯେତେବେଳେ ସୃଷ୍ଟି କରନ୍ତି ସେତେବେଳେ ସେ ବ୍ରହ୍ମା, ଯେତେବେଳେ ପାଳନ କରନ୍ତି ସେତେବେଳେ ବିଷ୍ଣୁ, ଯେତେବେଳେ ସଂହାର କରନ୍ତି ସେତେବେଳେ ସେ ରୁଦ୍ର ସେହିପରି ସେ ଯେତେବେଳେ ଶିଳ୍ପୀ ସେତେବେଳେ ସେ ବିଶ୍ୱକର୍ମା ବୋଲି ପରିଚିତ ହୁଅନ୍ତି। ବିଶ୍ୱକର୍ମା ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟିକର୍ତ୍ତା। ଅନନ୍ତଶାୟୀ ନାରାୟଣଙ୍କ ନାଭିକମଳରୁ ଉତ୍ପନ୍ନ ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା। ଏହି କାରଣରୁ ବିଶ୍ୱକର୍ମାଙ୍କୁ ବ୍ରହ୍ମାରୂପେ କଳ୍ପନା କରାଯାଇ ପୂଜା କରାହୁଏ।

ଶାସ୍ତ୍ରରେ ବିଶ୍ୱକର୍ମାଙ୍କ ପାଞ୍ଚ ଅବତାର କଥା ଉଲ୍ଲେଖ ରହିଛି ଯଥା - ବିରାଟ ବିଶ୍ୱକର୍ମା, ଧର୍ମବଂଶୀ ବିଶ୍ୱକର୍ମା, ଅଗ୍ନିବଂଶୀ ବିଶ୍ୱକର୍ମା, ସୁଧନ୍ୱା ବିଶ୍ୱକର୍ମା ଓ ଭୃଗୁବଂଶୀ ବିଶ୍ୱକର୍ମା। ସ୍କନ୍ଦ ପୁରାଣ ଅନୁଯାୟୀ ବ୍ରହ୍ମା ସ୍ୱରୂପ ଭଗବାନ ବିଶ୍ୱକର୍ମାଙ୍କର ପଞ୍ଚ ମୁଖ। ବିଶ୍ୱକର୍ମାଙ୍କର ପଞ୍ଚମୁଖ ତଥା ତାଙ୍କର ପଞ୍ଚପୁତ୍ରଙ୍କ ନାମ ହେଲା - ମନୁ, ମୟ, ତ୍ୱଷ୍ଟା, ଶିଳ୍ପୀ ଓ ଦେବଜ୍ଞ ଏମାନେ ସମସ୍ତେ ସମାଜର ସେବାକାରୀ ପ୍ରଚଣ୍ଡ ଦିବ୍ୟ ମହର୍ଷି ଅଟନ୍ତି। ଏହି ପଞ୍ଚମୁଖର ନାମକରଣ ଅନୁସାରେ ଭଗବାନ ବିଶ୍ୱକର୍ମାଙ୍କର ପଞ୍ଚ ପୁତ୍ର ସଂସାରର ହିତ ପାଇଁ ତଥା ଯାନ୍ତ୍ରିକ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ତିଆରି କରିଥିଲେ।

ଦେବଶିଳ୍ପୀ ବିଶ୍ୱକର୍ମା କନ୍ୟା ସଂକ୍ରାନ୍ତିରେ ମର୍ତ୍ତ୍ୟରେ ଆବିର୍ଭୂତ ହୋଇଥିଲେ। 'ବିଶ୍ୱ ସ୍ୱସ୍ୟ କର୍ମନ୍' ଇତି ବିଶ୍ୱକର୍ମା। ବିଶ୍ୱକର୍ମା ମଧ୍ୟ ତ୍ୱଷ୍ଟା ନାମରେ ବିଦିତ। ବାମନ ପୁରାଣ ସେ ଚିତ୍ରଙ୍ଗଦାଙ୍କ ପିତା ଥିଲେ। 'ଚିତ୍ରଙ୍ଗଦାୟଃ ପିତରଂ ମାଂ ତ୍ୱଷ୍ଟାରଂ ତପୋଧନେ' (ବାମନ ପୁରାଣ - ୬୫ /୧୦୨)। ତ୍ୱଷ୍ଟା - ତ୍ୱକ୍ଷତତ୍ ଅର୍ଥାତ୍ ତ୍ୱଷ୍ଟା ବଢ଼ାଇ, ନିର୍ମାତା, କାରିଗର ଆଦି ଅର୍ଥରେ ବ୍ୟବହୃତ ହେବା ସହିତ ବିଶେଷକରି ବିଶ୍ୱକର୍ମା ଅର୍ଥରେ ପ୍ରଯୁଜ୍ୟ। ବ୍ରହ୍ମ ବୈବର୍ତ୍ତ ପୁରାଣରେ ବିଶ୍ୱକର୍ମାଙ୍କ ବଂଶାନୁଚରିତ ବିବର୍ଣ୍ଣିତ। ପୁନଶ୍ଚ ଉକ୍ତ ପୁରାଣରୁ ଜଣାଯାଏ ଯେ, ଘୃତାଚୀ ସ୍ୱର୍ଗବେଶ୍ୟା ହିଁ ବିଶ୍ୱକର୍ମାଙ୍କ ପତ୍ନୀ ଥିଲେ। 'ଅମର କୋଷ' ବର୍ଣ୍ଣନା ଅନୁସାରେ ସ୍ୱର୍ଗ ବେଶ୍ୟାମାନଙ୍କ ମଧ୍ୟରେ ଘୃତାଚୀ ଅନ୍ୟତମ ଥିଲେ। ବ୍ରହ୍ମବୈବର୍ତ୍ତ ପୁରାଣମତେ ଏକଦା ଘୃତାଚୀ କାମଦେବଙ୍କ ନିକଟକୁ ରମଣାର୍ଥେ ପୁଷ୍କର ତୀର୍ଥକୁ ଗମନ କରିବା ବେଳେ ଦେବଶିଳ୍ପୀ ବିଶ୍ୱକର୍ମା ଭେଟିଥିଲେ। ଘୃତାଚୀ ସୌନ୍ଦର୍ଯ୍ୟରେ ବିମୁଗ୍ଧ ହୋଇ ବିଶ୍ୱକର୍ମା ଆସକ୍ତ ହୋଇଥିଲେ। ଘୃତାଚୀ କିନ୍ତୁ କାମଦେବଙ୍କ ସହ ରମଣ ଉଦ୍ଦେଶ୍ୟରେ ଥିବାରୁ ବାରଣ କଲେ। କହିଲେ " ସ୍ୱର୍ଗର ନିୟମ ଅନୁସାରେ ଯେଉଁ ଦିନ ଦେବତାଙ୍କ ପ୍ରତି ସ୍ୱର୍ଗବେଶ୍ୟାମାନଙ୍କ ଅଭିଳାଷ ଥାଏ ସେଦିନ ସେହି ନିର୍ଦ୍ଦିଷ୍ଟ ଦେବତା ହିଁ ପତି ସ୍ୱରୂପ। ଏଣୁ କାମଦେବ ମୋ ପକ୍ଷେ ଆଜି ଦିନର ପତି ସ୍ୱରୂପ। ତୁମେ ବିଶ୍ୱକର୍ମା ମଧ୍ୟ କାମଦେବଙ୍କ ଶିଷ୍ୟ। ଏଣୁ ଗୁରୁପତ୍ନୀ ହରଣ କରିବା ଅବିଧେୟ। ଆସନ୍ତାକାଲି ତୁମେ ମୋର ପତି ହେବ ନିଶ୍ଚୟ।" ଘୃତାଚୀଙ୍କ ଘୋର ବାରଣ ହେତୁ ବିଶ୍ୱକର୍ମା କ୍ରୋଧାନ୍ୱିତ ହୋଇ ଘୃତାଚୀଙ୍କୁ ମର୍ତ୍ତ୍ୟରେ ଶୂଦ୍ରନାରୀ ଭାବେ ଜନ୍ମହେବାକୁ ଅଭିଶାପ ଦେଲେ। ଘୃତାଚୀ ମଧ୍ୟ ବିଶ୍ୱକର୍ମାଙ୍କୁ ମର୍ତ୍ତ୍ୟରେ ମାନବ ହୋଇ ଜନ୍ମହେବାକୁ ପ୍ରତି ଅଭିଶାପ ଦେଲେ। ବିଶ୍ୱକର୍ମା ଘୃତାଚୀର ଅଭିଶାପ ପ୍ରସଙ୍ଗ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ଜଣାଇଲେ ଓ ତାହାର ନିରାକରଣ ବିଷୟରେ ପ୍ରଶ୍ନକଲେ। କିନ୍ତୁ ବ୍ରହ୍ମା ଘୃତାଚୀର ଭିନ୍ନ ବୃତ୍ତି ସତ୍ତ୍ୱେ ସ୍ୱର୍ଗରେ ପତିବ୍ରତା ସତୀର ମାନ୍ୟତା ଦେବାରୁ ତାହାର ଅଭିଶାପ ନିଷ୍ଫଳ ନୁହେଁ ବୋଲି ବିଶ୍ୱକର୍ମାଙ୍କୁ କହିଲେ।

ପରବର୍ତ୍ତୀ କାଳରେ ବିଶ୍ୱକର୍ମା ବ୍ରାହ୍ମଣ କୂଳରେ ଜନ୍ମ ନେଇଥିଲେ ଓ ତାଙ୍କର ଜାତିସ୍ମର ଥିବାରୁ ସେ ସବୁକଥା ଜାଣି ପାରୁଥିଲେ। ରାଜାଙ୍କ ଆଦେଶରେ ସେ ପ୍ରୟାଗ ତୀର୍ଥରେ ବହୁ ଦେବାଦେବୀଙ୍କ ମନ୍ଦିର ନିର୍ମାଣ କରୁଥିବା ବେଳେ ଏକଦା ସେହି ସମୟରେ ଗଙ୍ଗାରେ ସ୍ନାନ କରୁକରୁ ଏକ ଅନିନ୍ଦ୍ୟ ରୂପବତୀ କନ୍ୟାକୁ ଦେଖିଲେ ଜାଣିପାରିଲେ ସେ ଘୃତାଚୀ ବୋଲି। ଘୃତାଚୀ ମଧ୍ୟ ବିଶ୍ୱକର୍ମାଙ୍କୁ ଜାଣିପାରିଲେ। ବ୍ରହ୍ମାଙ୍କ କଥା ଅନୁସାରେ ଉଭୟ ଗଙ୍ଗାତୀରସ୍ଥ ମଳୟ ବନରେ ବିବାହ କରି ଏକାଠି ବାରବର୍ଷ ବିତାଇଲେ। ତାଙ୍କଠାରୁ ନଅଟି ସନ୍ତାନ ଉତ୍ପତ୍ତି ହୋଇଥିଲେ। ପୁତ୍ରମାନଙ୍କ ମଧ୍ୟରେ ମାଳାକାର, କର୍ମକାର, କଂସାରି, ଶଙ୍ଖାରି, କୁମ୍ଭକାର, କୁନ୍ଦବିକ, ସୂତ୍ରଧର, ସ୍ୱର୍ଣ୍ଣକାର ଓ ଚିତ୍ରକର। ସେହି ପୁତ୍ରଙ୍କ ମଧ୍ୟରୁ ମାଳାକାରଙ୍କୁ ପୁଷ୍ପଶିଳ୍ପ, କର୍ମକାରଙ୍କୁ ଲୌହ ଶିଳ୍ପ, କାଂସ୍ୟକାରଙ୍କୁ କଂସା ଶିଳ୍ପ, ସୂତ୍ରଧରଙ୍କୁ କାଠ ଶିଳ୍ପ, ତନ୍ତୀଙ୍କୁ ବୟନଶିଳ୍ପ, କୁମ୍ଭକାରଙ୍କୁ ମୃତ୍ତିକା ଶିଳ୍ପ, ସ୍ୱର୍ଣ୍ଣକାରଙ୍କୁ ଅଳଙ୍କାର ଓ ଚିତ୍ରକାରଙ୍କୁ ଅଙ୍କନ ଶିଳ୍ପ ବିଦ୍ୟା ଶିକ୍ଷା ଦେଇ ବିଶ୍ୱକର୍ମା ସେମାନଙ୍କୁ ସୁଶିକ୍ଷିତ କରାଇଥିଲେ। କନ୍ୟା ଚିତ୍ରାଙ୍ଗଦା ମଧ୍ୟ ପିତାଙ୍କଠାରୁ ଶିଳେଇ ଶିଳ୍ପ ଶିକ୍ଷାଦାନ ପାଇଥିଲେ।

ବେଦର ସେହି ବିଶ୍ୱସ୍ରଷ୍ଟା ପୁରାଣର ସେହି ବିଶ୍ୱକର୍ମାଙ୍କୁ ସାଧାରଣତଃ ଦେବଶିଳ୍ପୀ ଭୂମିକାରେ ସେ। ସେ 'କର୍ତ୍ତାଶିଳ୍ପ-ସହସ୍ରାଣମ୍' ସହସ୍ର ସହସ୍ର ଶିଳ୍ପର ସେ ଅଧିକର୍ତ୍ତା। ସେ 'ଦେବାନାଂ କାର୍ଯ୍ୟସାଧକଃ' — ଦେବତା ମାନଙ୍କର ଶିଳ୍ପ କାର୍ଯ୍ୟ ସାଧକ। ବିଶ୍ୱକର୍ମାଙ୍କ ଜନ୍ମ କଥା ବିଭିନ୍ନ ପୁରାଣ ଭିନ୍ନଭିନ୍ନ ମତ ରହିଛି। ବ୍ରହ୍ମ ବୈବର୍ତ୍ତ ପୁରାଣ କହେ ବ୍ରହ୍ମାଙ୍କ ନାଭିଦେଶରୁ ବିଶ୍ୱକର୍ମାଙ୍କ ଜନ୍ମ। କିନ୍ତୁ ବେଦରେ ବିଶ୍ୱକର୍ମାଙ୍କୁ ଅଜାତ ପୁରୁଷ ବା ସନାତନ ପୁରୁଷ ରୂପେ ବର୍ଣ୍ଣନା କରିଛି। ପୁରାଣର ବିଶ୍ୱକର୍ମା ବିମାନ ନିର୍ମାତା ଓ କାରୁକାର ଓ ଚିତ୍ରଶିଳ୍ପକାରକ। ସେ ଅଳଙ୍କାର ଓ ଭୂଷଣ ପ୍ରସ୍ତୁତକାରକ। ମାନବ ଶିଳ୍ପୀମାନେ ବିଶ୍ୱକର୍ମାଙ୍କ ପ୍ରବର୍ତ୍ତିତ ଶିଳ୍ପ ସାଧନାକୁ ଉପଜୀବ୍ୟ କରି ବଞ୍ଚି ରହିଛନ୍ତି। କୁଞ୍ଜର ପର୍ବତରେ ଅବସ୍ଥିତ ଅଗସ୍ତିଙ୍କ ଭବନ, କୁବେରଙ୍କ ଅଳକାପୁରୀ, ରାବଣର ସ୍ୱର୍ଣ୍ଣଲଙ୍କା, ଯଦୁପତି ଶ୍ରୀକୃଷ୍ଣଙ୍କର ସୁରକ୍ଷିତ ସୁରମ୍ୟ ଓ ସୁବ୍ୟବସ୍ଥିତ ରାଜଧାନୀ ଦ୍ୱାରକା ବିଶ୍ୱକର୍ମାଙ୍କ ବାସ୍ତୁବିଦ୍ୟା ଓ ନଗର ପରିକଳ୍ପନା ବିଷୟକ ଜ୍ଞାନର ଉଜ୍ଜଳ ଦୃଷ୍ଟାନ୍ତ ଏସବୁ।

ବିଶ୍ୱକର୍ମାଙ୍କ ବିରଚିତ ଭାସ୍କର୍ଯ୍ୟ ଶିଳ୍ପର ଅନୁପମ ଦର୍ଶନ - ତିଳୋତ୍ତମା। ଦେବଦେଶୀ ସୁନ୍ଦ ଓ ଉପସୁନ୍ଦଙ୍କୁ ବିନାଶ କରିବା ନିମିତ୍ତ ବିଶ୍ୱର ସମସ୍ତ ସୌନ୍ଦର୍ଯ୍ୟ ତିଳ ତିଳ କରି ଆହରଣ ପୂର୍ବକ ସେ ଏହି ଲାବଣ୍ୟବତୀ ତିଳୋତ୍ତମାଙ୍କୁ ସର୍ଜନା କରିଥିଲେ। ଅସୁର ଭ୍ରାତୃଦ୍ୱୟ ପରସ୍ପର ଯୁଦ୍ଧ କରି ସେହି ରୂପସୀର ଅନଳେ ଦଗ୍ଧ ହୋଇଛନ୍ତି। ମତ୍ସ୍ୟପୁରାଣରେ ଅନୁସାରେ କୂପ ଓ ତଡ଼ାଗାଦି ଖନନ, ପ୍ରତିମାଦି ଗଠନ, ଗୃହ ଓ ଉଦ୍ୟାନର ପରିକଳ୍ପନା ସମସ୍ତ ଶିଳ୍ପର ଉଦ୍‌ଭାବକ ଓ କାର୍ଯ୍ୟକାରକ ବିଶ୍ୱକର୍ମା। ଦେବତାମାନଙ୍କ ନୂତନ ମାରଣାସ୍ତ୍ର ବିଶ୍ୱକର୍ମା ପ୍ରସ୍ତୁତ କରିଛନ୍ତି। ତାଙ୍କ ନିର୍ମିତ ଧନୁରେ ଶଙ୍କର ତ୍ରିପୁରାସୁରକୁ ସଂହାର କରିଥିଲେ, ପର୍ଶୁରାମ ଆୟତଧନୁରେ ଏକୋଇଶଥର ପୃଥିବୀ ନିଃକ୍ଷେତ୍ରିୟ କରିଥିଲେ, ସେହି ଦୁଇଟି ଧନୁ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମାଣ ହୋଇଥିଲା।

ରାମାୟଣ ବର୍ଣ୍ଣନା ଅନୁସାରେ ରାବଣର ସ୍ୱର୍ଣ୍ଣ ଲଙ୍କାପୁର, ହରିବଂଶ ବର୍ଣ୍ଣନା ଅନୁସାରେ ଦ୍ୱାରିକାଧାମ, ସ୍କନ୍ଦପୁରାଣ ବର୍ଣ୍ଣନା ଅନୁସାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀ ବିଗ୍ରହ ଆଦି ବିଶ୍ୱକର୍ମାଙ୍କଦ୍ୱାରା ବିନିର୍ମିତ ହୋଇଛି। କିମ୍ବଦନ୍ତୀ ଅନୁଯାୟୀ ଜଗନ୍ନାଥଙ୍କ ଦାରୁ ମୂର୍ତ୍ତି ବିଶ୍ୱକର୍ମା ନିର୍ମାଣ କରିଥିଲେ। କୁହାଯାଏ ଭକ୍ତର ଭଗବାନ ସ୍ୱୟଂ ବଢ଼େଇ ରୂପରେ ଭକ୍ତର ମନୋବାଞ୍ଛା ପୂରଣ କରିବା ପାଇଁ ଆସି ନିଜର ମୂର୍ତ୍ତିକୁ ନିଜେ ଗଢ଼ିଥିଲେ ବୋଲି, ଓଡ଼ିଶାରେ ସାଧାରଣତଃ ଏହି ବୁଢ଼ା ବଢ଼େଇ ରୂପକୁ ହିଁ ବିଶ୍ୱକର୍ମାଙ୍କ ରୂପ ବୋଲି କଳ୍ପନା କରାଯାଏ।

ନିଷ୍କର୍ଷରେ କେବଳ କହିହେବ ସେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ସ୍ୱରୂପ। ସେ ଏଭଳି ଦେବତା, ଦେବଶିଳ୍ପୀ, ମହାଭାଗ ଦେବତାମାନଙ୍କର କାରୁକାର୍ଯ୍ୟ ସାଧକ, ସର୍ବାଭିଷ୍ଟ ପ୍ରଦାନକାରୀ ବିଶ୍ୱକର୍ମନ୍, ଏ ସୃଷ୍ଟିର ବ୍ରହ୍ମାରୂପୀ ବିଶ୍ୱକର୍ମା। ହିନ୍ଦୁଙ୍କ ଆରାଧ ଦେବତା, ସୁଚିତ୍ରକର୍ମକାରକ। ତେଣୁ ପୁରାଣର ପ୍ରସିଦ୍ଧ ଯନ୍ତ୍ରୀ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପ୍ରତି କୃତଜ୍ଞତା ଓ ଶ୍ରଦ୍ଧାଞ୍ଜଳୀର ନିଦର୍ଶନ ସ୍ୱରୂପ ଏଇ ଉତ୍ସବ ପାଳନ କରାଯାଏ। ' ବିଶ୍ୱକୃତ୍ ବିଶ୍ୱଧୃକ୍ ବାସନାମାନଦଣ୍ଡଧୃକ। ଓଁ ବିଶ୍ୱକର୍ମଣେ ନମଃ। '


**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪,**
**ମୋବାଇଲ୍: ୯୦୪୦୧୫୧୪୭୫**


# ଉପରାଷ୍ଟ୍ରପତି ଏବଂ ତାଙ୍କ ସାମ୍ବିଧାନିକ ଦାୟିତ୍ୱ




ଗୋପାଳ ମହାପାତ୍ର


ନବ ନିର୍ବାଚିତ ଉପରାଷ୍ଟ୍ରପତି ଚନ୍ଦ୍ରପୁରମ ମୋନୁସ୍ୱାମୀ ରାଧାକୃଷ୍ଣନ ବା ସି.ପି. ରାଧାକୃଷ୍ଣନଙ୍କ କଥା ଆସିଲେ ଦେଶର ପ୍ରଥମ ଉପରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ କଥା ମନେ ପଡ଼ିଯାଏ। ୧୯୫୭ ମସିହା ଅକ୍ଟୋବର ୨୦ ତାରିଖରେ ତାମିଲନାଡୁରେ ଯେତେବେଳେ ସିପି ରାଧାକୃଷ୍ଣନଙ୍କ ଜନ୍ମ ହେଲା ସେତେବେଳେ ତାଙ୍କ ମାତା ପିତା ତାଙ୍କ ନାମ ସହ ରାଧାକୃଷ୍ଣନ ଯୋଡି ଦେଇଥିଲେ ଏଇଥିପାଇଁ ଯେ ତାଙ୍କ ପୁଅ ମଧ୍ୟ ଡ଼କ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଭଳି ଦିନେ ବଡ଼ଲୋକ ହେବ। ବାପା ମା ଯେଉଁ ଉଦେଶ୍ୟ ନେଇ ନାମ କରଣ କରିଥିଲେ ତାହା ୨୦୨୫ ସେପ୍ଟେମ୍ବର ୯ତାରିଖରେ ସିପି ରାଧାକୃଷ୍ଣନ ଉପରାଷ୍ଟ୍ରପତି ହେବା ପରେ ସାକାର ହୋଇଯାଇଛି। ଏନ୍‌ଡିଏ ଯେତେବେଳେ ସିପି ରାଧାକୃଷ୍ଣନଙ୍କୁ ଉପରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ କଲା ସେତେବେଳେ ତାଙ୍କ ମାତା ଜାନକୀ ଅମ୍ମାଳ ଏକ ଜାତୀୟସ୍ତରର ଗଣମାଧ୍ୟମକୁ ଦେଇଥିବା ସାକ୍ଷାତ୍‌କାରରେ ନାମ ସହ ରାଧାକୃଷ୍ଣନ ଯୋଡିଥିବାର କାହାଣୀ କହିଥିଲେ। ସିପି ରାଧାକୃଷ୍ଣନ ହେଉଛନ୍ତି ଭାରତ ବର୍ଷର ୧୭ ତମ କିନ୍ତୁ ବ୍ୟକ୍ତି ହିସାବରେ ୧୫ ତମ ଉପରାଷ୍ଟ୍ରପତି। ନିର୍ବାଚିତ ୧୫ ଉପରାଷ୍ଟ୍ରପତିଙ୍କ ମଧ୍ୟରୁ ଡ଼କ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ (୧୯୫୨ ରୁ ୧୯୫୭ ଓ ୧୯୫୭ ରୁ ୧୯୬୨) ଏବଂ ମହମ୍ମଦ ହମଦଆନସାରୀ (୨୦୦୭ ରୁ ୨୦୧୨ ଓ ୨୦୧୨ ରୁ ୨୦୧୭) ଦୁଇ ଦୁଇଥର ଏହି ପଦରେ ରହିଥିଲେ।

ଉପରାଷ୍ଟ୍ରପତି ଭାବେ ଅଧିଷ୍ଠିତ ହୋଇଥିବା ଭୈରୋସିଂହ ଶେଖାବତ ଏବଂ ଜଗଦୀପ ଧଡ଼ଖଡ଼ ରାଜସ୍ଥାନର ପ୍ରତିନିଧିତ୍ୱ କରୁଥିଲେ। ଦେଶର ୧୫ ଜଣ ଉପରାଷ୍ଟ୍ରପତିଙ୍କ ମଧ୍ୟରୁ ଡ଼କ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ, ଡ଼କ୍ଟର ଜାକିର ହୁସେନ, ଭିଭିଗିରି, ବିଡି ଜତି, ଏମ୍ ହିଦାୟତୁଲ୍ଲା, ଆର ଭେଙ୍କଟ ରମଣ, ଶଙ୍କର ଦୟାଳ ଶର୍ମା ଏବଂ କେ ଆର ନାରାୟଣନ ମଧ୍ୟ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ଉପରାଷ୍ଟ୍ରପତିଙ୍କ ପଦବୀର ସାମ୍ବିଧାନିକ ଦାୟିତ୍ୱର ଅବଧାରଣା ଆମେରିକାର ରାଷ୍ଟ୍ରପତି ଶାସନ ପ୍ରଣାଳୀରୁ ଅଣାଯାଇଛି।



ଆମେରିକାରେ ସିନେଟ (ଉଚ୍ଚ ସଦନ)ର ଅଧ୍ୟକ୍ଷ ସେଠାକାର ଉପରାଷ୍ଟ୍ରପତି ହୋଇଥାନ୍ତି। ସେହିଭଳି ଭାରତ ବର୍ଷର ଉଚ୍ଚସଦନ (ରାଜ୍ୟସଭା)ର ସଭାପତି ହୋଇଥାନ୍ତି ଉପରାଷ୍ଟ୍ରପତି। ରାଜ୍ୟସଭାର ସଭାପତି ଭାବେ ତାଙ୍କର ଭୁମିକା ହେଉଛି ରାଜ୍ୟସଭାର ସୁଚାରୁ ରୂପେ ସଞ୍ଚାଳନ ଏବଂ ସଦନର ମର୍ଯ୍ୟଦା ବଜାୟ ରଖିବା। ନିୟମ ଉଲଂଘନ କରୁଥିବା ସଦସ୍ୟ (ରାଜ୍ୟସଭାର ସାଂସଦ)ଙ୍କ ବିରୁଦ୍ଧରେ ଅନୁଶାସନାତ୍ମକ କାର୍ଯ୍ୟାନୁଷ୍ଠାନର ଅଧିକାର ମଧ୍ୟ ଉପରାଷ୍ଟ୍ରପତିଙ୍କର ରହିଛି। ସଂସଦ ଅଧିବେଶନ ବେଳେ ସାଂସଦ ମାନଙ୍କ ଦ୍ୱାରା ଉପସ୍ଥାପିତ ପ୍ରଶ୍ନ ଉପରେ ନିର୍ଣ୍ଣୟ ନେବ ତଥା ବିଧେୟକ ଏବଂ ପ୍ରସ୍ତାବକୁ ବିସ୍ତୃତ ଯାଞ୍ଚ୍ ପାଇଁ ସମନ୍ୱିତ ସଂସଦୀୟ ସମିତି ପାଖକୁ ପଠାଇଥାନ୍ତି ଉପରାଷ୍ଟ୍ରପତି। ରାଜ୍ୟସଭାରେ କୌଣସି ପ୍ରସଙ୍ଗରେ ମତଦାନ ବେଳେ ଯଦି ମତ (ଭୋଟ) ସମାନ ହୁଏ ସେ କ୍ଷେତ୍ରରେ ନିର୍ଣ୍ଣାୟକ ନିଷ୍ପତ୍ତି ନେବାର ଅଧିକାର ମଧ୍ୟ ଉପରାଷ୍ଟ୍ରପତିଙ୍କର ରହିଛି। ରାଷ୍ଟ୍ରପତିଙ୍କ ନିଧନ, ପଦତ୍ୟାଗ ବା ଅନ୍ୟ କୌଣସି କାରଣରୁ ରାଷ୍ଟ୍ରପତି ପଦ ଖାଲି ପଡ଼ିଲେ ନୂଆ ରାଷ୍ଟ୍ରପତି ନିର୍ବାଚିତ ହେବା ପର୍ଯ୍ୟନ୍ତ ଉପରାଷ୍ଟ୍ରପତି ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିଥାନ୍ତି। ଏଥିସହ ରାଷ୍ଟ୍ରପତିଙ୍କ ଅନୁପସ୍ଥିତି ବା ତାଙ୍କ ଅସୁସ୍ଥତା ଅଥବା ଅସମର୍ଥତା ସମୟରେ ମଧ୍ୟ ଉପରାଷ୍ଟ୍ରପତି ରାଷ୍ଟ୍ରପତି ଭାବେ କାର୍ଯ୍ୟ ଚଳାଇଥାନ୍ତି।

ଭାରତ ବର୍ଷରେ ଅନେକ ବାର ଉପରାଷ୍ଟ୍ରପତି ରାଷ୍ଟ୍ରପତିଙ୍କ ଦାୟୀତ୍ୱ ତୁଲାଇଛନ୍ତି। ଏଥିପାଇଁ ଉପରାଷ୍ଟ୍ରପତି ରାଷ୍ଟ୍ରପତି ପଦର ଶପଥ ଗ୍ରହଣ କରିଥାନ୍ତି। ଏହାର ଉଦାହରଣ ମଧ୍ୟ ରହିଛି। ୧୯୬୦ ମସିହାରେ ରାଷ୍ଟ୍ରପତି ଡ଼କ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ସୋଭିଏତ ସଂଘ ଗସ୍ତ ବେଳେ ଏବଂ ପରବର୍ତ୍ତୀ ସମୟରେ ତାଙ୍କ ଅସୁସ୍ଥତା ବେଳେ ୧୯୬୧ ମସିହାରେ ଉପରାଷ୍ଟ୍ରପତି ଡ଼କ୍ଟର ରାଧାକୃଷ୍ଣନ ରାଷ୍ଟ୍ରପତି ଭାବେ କାର୍ଯ୍ୟ ତୁଲାଇଥିଲେ। ଉପରାଷ୍ଟ୍ରପତି ଡ଼କ୍ଟର ଜାକିର ହୁସେନ ମଧ୍ୟ ରାଷ୍ଟ୍ରପତି ଡ଼କ୍ଟର ରାଧାକୃଷ୍ଣଙ୍କ ଅସୁସ୍ଥତା ଓ ଅନ୍ୟ କାରଣରୁ ଦୁଇଥର ରାଷ୍ଟ୍ରପତି ଦାୟୀତ୍ୱ ତୁଲାଇଥିଲେ। ଡ଼କ୍ଟର ହୁସେନଙ୍କ ନିଧନ ପରେ ଉପରାଷ୍ଟ୍ରପତି ଭିଭି ଗିରି ଏବଂ ରାଷ୍ଟ୍ରପତି ଡ଼କ୍ଟର ଫକିରୁଦ୍‌ଦିନ ଅଲ୍ଲି ଅହମଦଙ୍କ ନିଧନ ପରେ ଉପରାଷ୍ଟ୍ରପତି ବିଡ଼ି ଜତି କାର୍ଯ୍ୟବାହୀ ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିଥିଲେ। ରାଷ୍ଟ୍ରପତି ଜ୍ଞାନୀ ଜୈଲ ସିଂହ ଯେତେବେଳେ ଚିକିତ୍ସା ପାଇଁ ବିଦେଶ ଯାଇଥିଲେ ସେତେବେଳେ ଉପରାଷ୍ଟ୍ରପତି ହିଦାୟୁତୁଲ୍ଲା ରାଷ୍ଟ୍ରପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଉପରାଷ୍ଟ୍ରପତି ଯେତେବେଳେ ରାଷ୍ଟ୍ରପତି ଭାବେ କାର୍ଯ୍ୟ ବା ଦାୟିତ୍ୱ ନିଅନ୍ତି ସେତେବେଳେ ସେ ରାଷ୍ଟ୍ରପତିଙ୍କ ସମସ୍ତ ପାୱାର (ଶକ୍ତି)ର ଉପଯୋଗ କରିଥାନ୍ତି। ଉପରାଷ୍ଟ୍ରପତି ଯେତେବେଳେ ରାଷ୍ଟ୍ରପତିଙ୍କ ଦାୟୀତ୍ୱରେ ରହନ୍ତି ସେତେବେଳେ ବା ସେହି ଅବଧିରେ ସେ ରାଜ୍ୟ ସଭାର ସଭାପତି ଭାବେ କାର୍ଯ୍ୟ କରିନଥାନ୍ତି। ଏଭଳି ସ୍ଥିତିରେ ରାଜ୍ୟସଭାର ଉପସଭାପତି ରାଜ୍ୟସଭା ସଞ୍ଚାଳନ କରିଥାନ୍ତି। ରାଜ୍ୟ ସଭାର କାର୍ଯ୍ୟର ସଞ୍ଚାଳନରେ ଉପସଭାପତିଙ୍କ ଭୂମିକା ଏବଂ ଅଧିକାର ସଭାପତିଙ୍କ ସମକକ୍ଷ ଅଟେ।

ଉଲ୍ଲେଖନୀୟ ଯେ ଉପରାଷ୍ଟ୍ରପତିଙ୍କୁ ଉପରାଷ୍ଟ୍ରପତି ପଦବୀ ପାଇଁ କୌଣସି ବେତନ ବା ଭତ୍ତା ମିଳିନଥାଏ। ତାଙ୍କୁ ରାଜ୍ୟସଭାର ସଭାପତି ରୂପରେ ହିଁ ବେତନ ମିଳିଥାଏ। କିନ୍ତୁ ଉପରାଷ୍ଟ୍ରପତିଙ୍କୁ ପେନସନ ମିଳିଥାଏ। ୧୯୯୭ ଉପରାଷ୍ଟ୍ରପତି ପେନସନ ଆଇନ ଅନୁସାରେ ଉପରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ସମାପ୍ତି ଅଥବା ସେ ଇସ୍ତଫା ଦେବାପରେ ପେନସନ ମିଳିଥାଏ। କିନ୍ତୁ ଯଦି ଉପରାଷ୍ଟ୍ରପତିଙ୍କୁ ତାଙ୍କ ପଦରୁ ଦୁର୍ବ୍ୟବହାର ବା ଅନ୍ୟ କୌଣସି କାରଣରୁ ହଟାଇ ଦିଆଯାଏ ତେବେ ତାଙ୍କୁ ପେନସନ ବା ଅନ୍ୟାନ୍ୟ ସୁବିଧା ସୁଯୋଗ ମିଳେନାହିଁ। ଉପରାଷ୍ଟ୍ରପତି ସମ୍ବନ୍ଧୀୟ ପ୍ରାବଧାନ ଉପରେ ସମ୍ବିଧାନ ସଭାରେ ୧୯୪୮ ମସିହା ଡିସେମ୍ବର ୨୮ରେ କୌଣସି ସ୍ପଷ୍ଟ ଆଲୋଚନା ହୋଇନଥିଲା। ସମ୍ବିଧାନର ଅନୁଛେଦ ୫୩ ରେ ଉପରାଷ୍ଟ୍ରପତିଙ୍କୁ ରାଜ୍ୟସଭାର ସଭାପତି କରାଯିବାର ସ୍ଥିର କରାଯାଇଛି। ଏଥିରେ କୁହାଯାଇଛି ଯେ ଉପରାଷ୍ଟ୍ରପତି ଅନ୍ୟ କୌଣସି ଲାଭଜନକ ପଦବୀରେ ରହିପାରିବେ ନାହିଁ। କିନ୍ତୁ ଉପରାଷ୍ଟ୍ରପତି ଯେତେବେଳେ ରାଷ୍ଟ୍ରପତିଙ୍କ ଦାୟୀତ୍ୱରେ ରହିବେ ସେତେବେଳେ ରାଷ୍ଟ୍ରପତିଙ୍କୁ ମିଳୁଥିବା ବେତନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ତାଙ୍କୁ ମିଳିବ। କିନ୍ତୁ ସେତେବେଳେ ରାଜ୍ୟ ସଭାର ସଭାପତି ଭାବେ ପାଉଥିବା ବେତନ ପାଇଁ ସେ ହକ୍‌ଦାର ହେବେ ନାହିଁ।

ସମ୍ବିଧାନର ଅନୁଛେଦ ୬୬ ଅନୁସାରେ ଉପରାଷ୍ଟ୍ରପତି ନିର୍ବାଚନରେ ଲୋକସଭା ଓ ରାଜ୍ୟସଭାର ସାଂସଦ ମାନେ ଭୋଟ ଦେଇଥାନ୍ତି। ଉପରାଷ୍ଟ୍ରପତି ସଂସଦର ସଦସ୍ୟ କିମ୍ବା କୌଣସି ରାଜ୍ୟର ବିଧାୟକ ହୋଇନଥିବା ଆବଶ୍ୟକ। ଅନ୍ୟ ପକ୍ଷରେ ଲୋକସଭାର ବାଚସ୍ପତିଙ୍କ ଭଳି ରାଜ୍ୟସଭାର ସଭାପତିଙ୍କୁ ରାଜ୍ୟସଭାର ସାଂସଦ ମାନେ ନିର୍ବାଚନ କରିଥାନ୍ତି।


ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍: ୯୪୩୮୪୮୫୦୯୪

# ଫୋନ୍‌ରେ ମୋଦୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ଟ୍ରମ୍ପ



**ନୂଆଦିଲ୍ଲୀ, ୧୭।୯:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫୋନ କରି ଜନ୍ମ ଦିନର ଶୁଭେଚ୍ଛା ଜଣାଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜନ୍ମ ଦିନ ଥିବା ବେଳେ ମଙ୍ଗଳବାର ରାତିରେ ଟ୍ରମ୍ପ ଫୋନ କରି ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସ ପୋଷ୍ଟରେ ଏହି ସୂଚନା ଦେଇଛନ୍ତି। ଜନ୍ମ ଦିନ ଶୁଭେଚ୍ଛା ବାର୍ତ୍ତା ପାଇଁ ଆମେରିକା ରାଷ୍ଟ୍ରପତିଙ୍କୁ ପିଏମ୍ ମୋଦୀ ଧନ୍ୟବାଦ ଜଣାଇଛନ୍ତି । ଏହାସହ ଦୁଇ ରାଷ୍ଟ୍ରାଧ୍ୟକ୍ଷ ପାରସ୍ପାରିକ ସହଯୋଗ ଓ ବୈଶ୍ୱିକ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସରେ ଲେଖିଛନ୍ତି, "ମୋର ୭୫ତମ ଜନ୍ମଦିନରେ ଆପଣଙ୍କ ଫୋନ କଲ୍ ଏବଂ ହାର୍ଦ୍ଦିକ ଶୁଭେଚ୍ଛା ପାଇଁ ମୋର ବନ୍ଧୁ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଧନ୍ୟବାଦ । ୟୁକ୍ରେନ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଆପଣଙ୍କ ପଦକ୍ଷେପକୁ ଆମେ ସମର୍ଥନ କରୁଛୁ।"

# ଦୀପାବଳି ପୂର୍ବରୁ ୩% ଡିଏ ବୃଦ୍ଧି !

**ନୂଆଦିଲ୍ଲୀ, ୧୭।୯:** କେନ୍ଦ୍ର ସରକାର ଖୁବ ଶୀଘ୍ର କର୍ମଚାରୀ ଏବଂ ପେନସନଭୋଗୀଙ୍କୁ କିଛି ଭଲ ଖବର ଦେଇପାରନ୍ତି। ଆସନ୍ତା ମାସରେ ମହଙ୍ଗା ଭତ୍ତା (ଡିଏ)ରେ ୩% ବୃଦ୍ଧି ହେବାର ସମ୍ଭାବନା ଅଛି। ଯଦି ଏହା ହୁଏ, ତେବେ ବର୍ତ୍ତମାନର ୫୫% ଡିଏ ୫୮% କୁ ବୃଦ୍ଧି ପାଇବ। ଏହି ବୃଦ୍ଧିର ପ୍ରଭାବ ସେମାନଙ୍କ ପକେଟରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେବ, ଏବଂ ଏହି ଦୀପାବଳି ସେମାନଙ୍କ ପାଇଁ ଆହୁରି ବିଶେଷ ହୋଇପାରେ। କେନ୍ଦ୍ର ସରକାର ପ୍ରତିବର୍ଷ ଦୁଇଥର ଡିଏ ସଂଶୋଧନ କରନ୍ତି। ପ୍ରଥମଟି ଜାନୁଆରୀରୁ ଜୁନ ପାଇଁ ଏବଂ ଦ୍ୱିତୀୟଟି ଜୁଲାଇରୁ ଡିସେମ୍ବର ପାଇଁ। ମାର୍ଚ୍ଚ ୨୦୨୫ରେ, ସରକାର ଜାନୁଆରୀ ଏବଂ ଜୁନ ପାଇଁ ଡିଏ ୨% ବୃଦ୍ଧି କରିଥିଲେ, ଏହାକୁ ୫୩% ରୁ ୫୫% କୁ ବୃଦ୍ଧି କରିଥିଲେ। ଯଦି ଏହା କାର୍ଯ୍ୟକାରୀ ହୁଏ, ତେବେ ପ୍ରାୟ ୧ କୋଟି କର୍ମଚାରୀ ଏବଂ ପେନସନଭୋଗୀ ଏଥିରୁ ଲାଭ ପାଇବେ।

### ଆମେରିକାର ଧମକକୁ ଭୟ ନାହିଁ...

# ରୁଷ-ବେଲାରୁଷ ମିଳିତ ସମରାଭ୍ୟାସରେ ଯୋଗଦେଲା ଭାରତ



**ନୂଆଦିଲ୍ଲୀ, ୧୭।୯:** ନାଟୋ ଦେଶ ସହିତ ବଢୁଛି ରୁଷର ବିବାଦ। ଏହାକୁ ଦୃଷ୍ଟିରେ ରଖି ଆରମ୍ଭ ହୋଇଛି ୫ ଦିନିଆ ସମରାଭ୍ୟାସ ।ରୁଷ ଓ ବେଲାରୁଷ ଏହାର ନେତୃତ୍ୱ ନେଇଛନ୍ତି। ଏହି ବିଶାଳ ସାମରିକ ଅଭିଯାନର ନାଁ ରହିଛି 'ଜାପଦ-୨୦୨୫'। ଅଭିଯାନରେ ବହୁ ଦେଶ ଭାଗ ନେଇଛନ୍ତି, କିନ୍ତୁ ଭାରତୀୟ ସେନା ଭାଗିଦାରୀ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି। ଭାରତ ଏଥିପାଇଁ ନିଜର ୬୫ ସଦସ୍ୟ ବିଶିଷ୍ଟ ଏକ ଟିମ୍ ପଠାଇଛି। ଏନେଇ ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟ ନିଜେ ସ୍ପଷ୍ଟ କରିଛି।

ସାମରିକ ଅଭିଯାନରେ ବିଭିନ୍ନ ଦେଶର ପ୍ରାୟ ୧ ଲକ୍ଷ ସୈନିକ ଯୋଗ ଦେଇଛନ୍ତି। ରୁଷରେ ଚାଲିଥିବା ବିଶାଳ ସମରାଭାସ୍ୟରେ ଭାଗ ନେଇଛନ୍ତି ଭାରତୀୟ ସୈନିକ। ଭାରତ ପକ୍ଷରୁ ସବୁଠାରୁ ସମ୍ମାନିତ କୁମାଉଁ ରେଜିମେଣ୍ଟର ଏକ ଟିମ୍ ରୁଷ ଯାଇଛନ୍ତି। ଏନେଇ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମନ୍ତ୍ରଣାଳୟ କହିଛି, ଏହି ଭାଗିଦାରୀର ଉଦ୍ଦେଶ୍ୟ ରୁଷ ସହ ଭାରତର ସହଯୋଗ ଓ ବିଶ୍ୱାସର ଭାବନାକୁ ମଜବୁତ କରିବା।। ଭାରତ ବ୍ୟତୀତ ଇରାନ, ବାଂଲାଦେଶ, ବୁର୍କିନଫାସୋ, କଙ୍ଗୋ ଓ ମାଲିର ସୈନିକ ମଧ୍ୟ ଏଥିରେ ଭାଗ ନେଇଛନ୍ତି। ତେବେ ଆମେରିକାର ୫୦% ଟାରିଫ୍ ଲାଗୁ ପରେ ଭାରତୀୟ ସେନା ଏଥିରେ ସାମିଲ ହେବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚିନ୍ତା ବଢାଇପାରେ। କାରଣ ରୁଷଠାରୁ ଭାରତର ତୈଳ ଆମଦାନୀ ଓ ଯୁଦ୍ଧାସ୍ତ୍ର କ୍ରୟକୁ ନେଇ ଆମେରିକା ଆପତ୍ତି ପ୍ରକାଶ କରିଥିଲା। ୟୁକ୍ରେନ ସହ ଯୁଦ୍ଧ ପାଇଁ ରୁଷକୁ ଭାରତ ଫଣ୍ଡିଂ କରୁଛି ବୋଲି ଟ୍ରମ୍ପ ପ୍ରଶାସନ ସଙ୍ଗୀନ ଅଭିଯୋଗ କରିଥିଲା। ଏପରିକି ଏସସିଓ ସମ୍ମିଳନୀରେ ଭାରତ-ରୁଷ ଓ ଚୀନ୍ ଭିତରେ ବଢୁଥିବା ବନ୍ଧୁତ୍ୱକୁ ଦେଖି ବିଚଳିତ ହୋଇ ପଡିଥିଲେ ଟ୍ରମ୍ପ ।

ରୁଷରେ ଚାଲିଥିବା ଏହି ସମରାଭାସ୍ୟକୁ ସମୀକ୍ଷା କରିବାକୁ ମଧ୍ୟ ଆମେରିକୀୟ ଅଧିକାରୀ ପହଁଞ୍ଚିଥିଲେ। ୨୦୨୨ରେ ୟୁକ୍ରେନ୍ ଉପରେ ରୁଷର ଆକ୍ରମଣ ପରେ ପ୍ରଥମ ଥର ଆମେରିକୀୟ ଅଧିକାରୀ ରୁଷର ନିମନ୍ତ୍ରଣ ସ୍ୱୀକାର କରିଛନ୍ତି। କାର୍ଯ୍ୟକ୍ରମରେ ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ସେନା ପୋଷାକରେ ନଜର ଆସିଥିଲେ। ଏହି ଯୁଦ୍ଧ ଅଭ୍ୟାସ ଏଭଳି ସମୟରେ ହୋଇଛି ଯେତେବେଳେ ନାଟୋ ଦେଶ ପୋଲାଣ୍ଡ ଦାବି କରିଛି , ସେ ନିଜ ସୀମାରେ ରୁଷ ଡ୍ରୋନ୍‌କୁ ଆକ୍ରମଣର କରି ଖସାଇ ଦେଇଛି। କ୍ରେମାଲିନ୍ ଏହି ଯୁଦ୍ଧଭ୍ୟାସ ନେଇ କହିଛି ରୁଷ ଓ ବେଲାରୁଷର ୪୧ ଟି ଟ୍ରେନିଂ ସାଇଟ୍‌ରେ ହୋଇଛି। ଏଥିରେ ୩୩୩ ବିମାନ ଓ ୨୪୭ ନୌସେନାର ଯୁଦ୍ଧ ଜାହାଜ ଥିଲା ।

# କାରକୁ ପିଟିଲା ଟ୍ରକ, ପରିବାରର ୭ ମୃତ

**ନେଲୋର, ୧୭।୯:** ଆନ୍ଧ୍ରପ୍ରଦେଶ ନେଲୋରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ବାଲି ଭର୍ତ୍ତି ଟ୍ରକ ସହିତ ଏକ କାର୍ ଧକ୍କା ହେବା ଯୋଗୁଁ ଗୋଟିଏ ପରିବାରରର ୭ ଜଣଙ୍କ ଜୀବନ ଚାଲିଯାଇଛି । ଦୁର୍ଘଟଣା ସଙ୍ଗମ ମଣ୍ଡଳ ନିକଟରେ ଏକ ଟ୍ରକ କାର ସହିତ ଧକ୍କା ହୋଇଥିଲା । ଦୁର୍ଘଟଣାରେ ଗୋଟିଏ ପରିବାରର ୭ ଜଣଙ୍କର ଜୀବନ ଚାଲଯାଇଛି। ମୃତକ ନେଲୋର ସହରର ରହୁଥିବା ଏକ ସରକାରୀ



ହସପିଟାଲକୁ ସଂପର୍କୀୟଙ୍କୁ ଦେଖିବାକୁ ଯାଉଥିଲେ । ନେଲୋର ଜିଲ୍ଲାର ସଙ୍ଗମ ମଣ୍ଡଳ ନିକଟରେ ବାଲି ଭର୍ତ୍ତି ଟ୍ରକ କାର୍ ସହିତ ଧକ୍କା ହେବା ଯୋଗୁଁ ୧୫ ବର୍ଷୀୟ ନାବାଳିକା ସହିତ ପରିବାରର ୭ ଜଣଙ୍କର ଜୀବନ ଚାଲିଯାଇଛି । ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭର ତୁରନ୍ତ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ଡ୍ରାଇଭରକୁ ଖୋଜୁଛି ପୋଲିସ। ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବା ନାଇଡୁ ଦୁଃଖ ପ୍ରକାଶ କରିଛନ୍ତି ।

# ମହାରାଷ୍ଟ୍ର ଗଡ଼ଚିରୋଲୀରେ ୨ ମହିଳା ନକ୍ସଲ ନିପାତ



**ମହାରାଷ୍ଟ୍ର, ୧୭।୯:** ମହାରାଷ୍ଟ୍ର ଗଡ଼ଚିରୋଲୀରେ ପୋଲିସ କମାଣ୍ଡୋ ଏବଂ ନକ୍ସଲ ମଧ୍ୟରେ ଗୁଳିବିନିମୟ । ଏଥିରେ ୨ ନକ୍ସଲ ମହିଳା ନିହତ ହୋଇଥିବା ବେଳେ ଘଟଣା ସ୍ଥଳରୁ ବନ୍ଧୁକ ଏବଂ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ଖବର ମୁତାବକ, ଗଡଚିରୋଲୀ ପୋଲିସ ଏଟାପଲ୍ଲୀ ଅଞ୍ଚଳର ଜାମ୍ବିଆ ଜଙ୍ଗଲରେ ଗୁଳି କରି ୨ ମହିଳା ମାଓବାଦୀଙ୍କୁ ନିହତ କରିଛି । ସି ୬୦ ଟିମ୍ ଏବଂ ସିଆରପିଏଫର ୧୯୧ ବାଟାଲିଅନ ଅଂଚଳରେ ଘେରାବନ୍ଦୀ କରି ବନ୍ଧୁକ, ପିସ୍ତଲ, ଗୋଳାବାରୁଦ ଏବଂ ଅନ୍ୟ ସାମଗ୍ରୀ ଜବତ କରିଛନ୍ତି । ଅତିରିକ୍ତ ପୋଲିସ ଅଧିକ୍ଷକ ସତ୍ୟ ସାଇ କାର୍ତ୍ତିକ ନେତୃତ୍ୱରେ ଚାଲିଥିବା ଅଭିଯାନରେ ମାଓବାଦୀଙ୍କ ଗତିବିଧି ଉପରେ କାର୍ଯ୍ୟାନୁଷ୍ଠାନ କରିଛନ୍ତି । ଯାହା ପୋଲିସକୁ ବଡ଼ ସଫଳତା ବୋଲି କୁହାଯାଉଛି । ଏହି ଦୁଇ ମହିଳା ମାଓବାଦୀଙ୍କ ପରିଚୟ ମିଳିନଥିବାବେଳେ ଏବେ ପୋଲିସର କମ୍ବିଙ୍ଗ ଅପରେସନ ଜାରି ରହିଛି ।

# ୧୮ ଦେଶରେ ଇଣ୍ଟରପୋଲ୍ ଚଢ଼ାଉ ; ୨ ସପ୍ତାହରେ ୭୬ ଟନ୍ ନିଶାଦ୍ରବ୍ୟ ଜବତ

**ନୂଆଦିଲ୍ଲୀ, ୧୭।୯:** ସବୁଠୁ ବଡ଼ ଅନ୍ତର୍ଜାତୀୟ ନିଶା ବିରୋଧୀ ଅଭିଯାନ ମଧ୍ୟରୁ ଗୋଟିଏ, ଇଣ୍ଟରପୋଲର ଅପରେସନ ଲାୟନଫିସ୍-ମାୟାଗ। ମାତ୍ର, ୨ ସପ୍ତାହ ମଧ୍ୟରେ ୬.୫ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ୭୬ ଟନ୍ ନିଶାଦ୍ରବ୍ୟ ଜବତ ହୋଇଛି । ଭାରତ ସମେତ ୧୮ଟି ଦେଶରେ ଏହି ସମନ୍ୱିତ ଚଢ଼ଉ ଚାଲିଥିଲା। ରେକର୍ଡ ୨୯୭ ମିଲିୟନ୍ ମେଥାମ୍ଫେଟାମାଇନ୍ ଟାବଲେଟ୍ ଜବତ କରିଛି କର୍ତ୍ତୃପକ୍ଷ । ଏଥିସହିତ ବିପୁଳ ପରିମାଣର ଫେଣ୍ଟାନିଲ୍, ହେରୋଇନ୍, କୋକେନ୍ ଏବଂ ଡ୍ରଗ୍ସ ଉତ୍ପାଦନରେ ବ୍ୟବହୃତ ପ୍ରିକର୍ସର ରାସାୟନିକ ପଦାର୍ଥ ଜବତ କରିଛନ୍ତି। ଅଧିକାରୀମାନେ ରିପୋର୍ଟ କରିଛନ୍ତି ଯେ, ଚାଲାଣକାରୀମାନେ ଚଢ଼ାଉରୁ ବର୍ତ୍ତିବା ପାଇଁ ସର୍ଫବୋର୍ଡ, ଟା' ବାକ୍ସ, ବିଲେଇ ଖାଦ୍ୟ ପ୍ୟାକେଟ୍ ଏବଂ ଏସପ୍ରେସୋ ମେସିନ୍ ଭିତରେ ନିଶାଦ୍ରବ୍ୟ ଲୁଚାଇବାକୁ ଚେଷ୍ଟା କରିଥିଲେ । ଏହି ଅଭିଯାନ ସମୟରେ ମୋଟ ୩୮୬ ଜଣଙ୍କୁ ଗିରଫ କରାଯାଇଥିଲା। ଡାର୍କନେଟରେ କାର୍ଯ୍ୟ କରୁଥିବା ଅପରାଧୀ ନେଟୱାର୍କ ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଇଣ୍ଟରପୋଲ ଭାରତକୁ ଏପରି ଏକ ଦେଶ ଭାବେ ଚିହ୍ନଟ କରିଛି ଯେଉଁଠି ଫେଣ୍ଟାନିଲର ସର୍ବାଧିକ ଅଂଶ ଜବତ ହୋଇଥିଲା। ଫେଣ୍ଟାନିଲ୍, ମର୍ଫିନ୍ ଏବଂ ହେରୋଇନ୍ ପରି ଏକ ସିନ୍ଥେଟିକ୍ ଓପିଓଏଡ୍ ଏହା ସମ୍ପୂର୍ଣ୍ଣ ଭାବେ ଲାବ୍ରୋଟୋରୀରେ ଉତ୍ପାଦିତ ହୋଇଥାଏ । ଏଥିରେ କୌଣସି ପ୍ରାକୃତିକ ଉପାଦାନ ନାହିଁ । ଯଦିଓ ଏହାକୁ ଯନ୍ତ୍ରଣା ନିବାରକ ଭାବରେ ବ୍ୟବହାର ପାଇଁ ଆଇନଗତ ଭାବରେ ଅନୁମୋଦନ ଦିଆଯାଇଛି, ଅଧିକାଂଶ ଫେଣ୍ଟାନିଲ୍ ବେଆଇନ ଭାବରେ ଉତ୍ପାଦିତ ହୁଏ ।

**ସୈଫୁଲ୍ଲାର ନୂଆ ଧମକ**

# ନିଦୀ, ବନ୍ଧ ଓ ଜମ୍ମୁ-କାଶ୍ମୀର ଆମର ହେବ



**ନୂଆଦିଲ୍ଲୀ ୧୭।୯:** ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଲସ୍କର-ଏ-ତୌୟବାର ଉପମୁଖ୍ୟ ସୈଫୁଲ୍ଲାହ କସୁରୀ ପୁଣି ଥରେ ଭାରତକୁ ଧମକ ଦେଇଛି। ଏହି ଆତଙ୍କବାଦୀ ଧମକ ପରେ ଭାରତୀୟ ସୁରକ୍ଷା ଏଜେନ୍ସୀ ସତର୍କ ହୋଇଯାଇଛନ୍ତି। ଲସ୍କର-ଏ-ତୌୟବା ଉପମୁଖ୍ୟ କହିଛି ଯେ 'ଭାରତ ସରକାର ଧ୍ୟାନ ଦେଇ ଶୁଣନ୍ତୁ ଓ ତାଙ୍କର ଅତ୍ୟାଚାରୀ ସମାଜକୁ ଜଣାଇ ଦିଅନ୍ତୁ ସେହି ସମୟ ଆସି ଯାଇଛି, ଯେତେବେଳେ ଏହି ନିଦୀମାନେ ଆମର ହେବେ, ସେହି ବନ୍ଧ ବି ଆମର ହେବ ଓ ପୁରା ଜମ୍ମୁ-କାଶ୍ମୀର ଆମର ହେବ'। କସୁରୀ କହିଛି ଯେ ଆଜି ତୁମେ ଯାହା ବି ପଦକ୍ଷେପ ନେଉଛ ତାର ପରିଣାମ ତୁମକୁ ଭୋଗିବାକୁ ପଡିବ। ଆଜି ଯାହା ବି ହେଉଛି ତାର ପ୍ରତିଶୋଧ ନିଆଯିବ। ଇଟାର ଜବାବ ପଥରରେ ଦିଆଯିବ।ଏହି ଧମକ ପରେ ଭାରତୀୟ ସୁରକ୍ଷା ଏଜେନ୍ସୀ ସତର୍କ ହୋଇଯାଇଛନ୍ତି ଓ ଏପରି ଆତଙ୍କବାଦ ଘଟଣା ରୋକିବା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି। ସୈଫୁଲ୍ଲାହ କସୁରୀ ପାକିସ୍ତାନ ପଞ୍ଜାବ ପ୍ରଦେଶର ବାସିନ୍ଦା ଓ ସେ ଲସ୍କର ଉପ ମୁଖ୍ୟ ଭାବେ କାମ କରୁଛି।

**■ ପାଟନା ହାଇକୋର୍ଟଙ୍କ ନିର୍ଦ୍ଦେଶ**

# ସୋସିଆଲ ମିଡିଆରୁ ହଟିବ ଏଆଇ ଭିଡିଓ



**ନୂଆଦିଲ୍ଲୀ, ୧୭।୯ :** ବିହାର ନିର୍ବାଚନ ପୂର୍ବରୁ କଂଗ୍ରେସକୁ ବଡ଼ ଝଟ୍‌କା। ସୋସିଆଲ ମିଡିଆରୁ ହଟିବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ମା'ଙ୍କ ଏଆଇ ଭିଡିଓ। ସମସ୍ତ ସୋସିଆଲ ମିଡିଆ ପ୍ଲାଟଫର୍ମରୁ ଭିଡିଓ ଡିଲିଟ୍ କରିବାକୁ କଂଗ୍ରେସକୁ ନିର୍ଦ୍ଦେଶ ଦେଲେ ପାଟନା ହାଇକୋର୍ଟ। ଏହି ମାମଲାରେ ମୁଖ୍ୟ ବିଚାରପତି ପି.ବି.ବାଜନ୍ତରୀ ଶୁଣାଣି କରି ପିଏମ୍ ମୋଦି ଓ ତାଙ୍କ ଦିବଙ୍ଗତ ମା' ହୀରାବେନ ମୋଦିଙ୍କୁ ଅପମାନିତ କଲାଭଳି ଭିଡିଓକୁ ତୁରନ୍ତ ଡିଲିଟ୍ କରିବାକୁ କହିଛନ୍ତି। ସେପ୍ଟେମ୍ବର ୧୦ରେ ବିହାର କଂଗ୍ରେସର ଅଫିସିଆଲ ଏକ୍ସ ହ୍ୟାଣ୍ଡେଲରେ ଏକ ପୋଷ୍ଟ ହୋଇଥିଲା। ଏହି ପୋଷ୍ଟରେ ପିଏମ୍ ମୋଦି ଓ ତାଙ୍କ ମା'ଙ୍କ ଏକ ଏଆଇ ଆଧାରିତ ଭିଡିଓ ପୋଷ୍ଟ କରାଯାଇଥିଲା। ଏହି ଭିଡିଓରେ ମୋଦି ଶୋଇଥିବା ବେଳେ ସ୍ୱପ୍ନ ଦେଖୁଥିଲେ। ସ୍ୱପ୍ନରେ ତାଙ୍କ ଦିବଙ୍ଗତ ମା' ହୀରାବେନ ଆସି ମୋଦିଙ୍କୁ ଭତ୍ସନା କରୁଥିଲେ। ଏହି ଭିଡିଓକୁ ନେଇ ବିଜେପି ପାଟନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ମୁଖ୍ୟ ବିଚାରପତି ପି.ବି.ବାଜନ୍ତରୀ ଏହି ମାମଲାରେ ଶୁଣାଣି କରି ପିଏମ୍ ମୋଦି ଓ ତାଙ୍କ ଦିବଙ୍ଗତ ମା' ହୀରାବେନ ମୋଦିଙ୍କୁ ଅପମାନିତ କଲାଭଳି ଭିଡିଓକୁ ତୁରନ୍ତ ଡିଲିଟ୍ କରିବାକୁ କହିଛନ୍ତି। ବିଜେପି ନେତା ଶାହନବାଜ ହୁସୈନ ଏହି ଭିଡିଓକୁ ନେଇ କଂଗ୍ରେସକୁ କଡ଼ା ନିନ୍ଦା କରିଥିଲେ। ଏଥିପାଇଁ କଂଗ୍ରେସ କ୍ଷମା ମାଗିବା ଉଚିତ୍ ବୋଲି କହିଥିଲେ। ସେହିପରି ପଦ୍ମଶ୍ରୀ ମଥୁରଭାଇ ସବାନି ପିଏମ୍‌ଙ୍କୁ ଏକ ପତ୍ର ଲେଖି ଏହାକୁ ଟେକ୍ନୋଲୋଜିର ଦୂରୁପଯୋଗ ବୋଲି କହିଥିଲେ। ଏଭଳି ଟେକ୍ନୋଲୋଜି ଉପରେ କଟକଣା ଲଗାଇବାକୁ କଠୋର ଆଇନ ଆଣିବା ପାଇଁ ଦାବି କରିଥିଲେ।

# ଗାଜା: ଦୁଇ ଦିନରେ ୧୫୦ ରୁ ଅଧିକ ଆକ୍ରମଣ, ସହର ଛାଡିଲେ ୪ ଲକ୍ଷ ଲୋକ



**ନୂଆଦିଲ୍ଲୀ, ୧୭।୯:** ଗାଜା ଉପରେ ଜାରି ରହିଛି ଇସ୍ରାଏଲର ଜୋରଦାର ଆକ୍ରମଣ। ଗତ ଦୁଇ ଦିନ ଭିତରେ ଇସ୍ରାଏଲ ଗାଜା ଉପରେ ୧୫୦ ରୁ ଅଧିକ ବୋମା ମାଡ଼ ହୋଇଛି। ସ୍ଥିତି ଏଭଳି ଯେ, ଗାଜାରୁ କିଛି ଦିନ ଭିତରେ ହିଁ ୪ ଲକ୍ଷ ଲୋକ ପଳାୟନ କରିସାରିଲେଣି, ଯାହାକି ସେଠାର ୪୦% ଜନସଂଖ୍ୟା। ଇସ୍ରାଏଲ ଡିଫେନ୍ସ ଫୋର୍ସ ପକ୍ଷରୁ ଜାରି ବୟାନରେ କୁହାଯାଇଛି ଗତ ଦୁଇ ଦିନ ଭିତରେ ହିଁ ଗାଜାରେ ୧୫୦ଟି ଆକ୍ରମଣ କରିଛି ଇସ୍ରାଏ। ଗତ ରାତିରେ ଇସ୍ରାଏଲ ଆକ୍ରମଣରେ ୧୨ ଜଣଙ୍କର ମୃତ୍ୟୁ ହୋଇଥିଲା। ଇସ୍ରାଏଲୀ ସେନାର କହିବା ଅନୁସାରେ ସେ ନିଜର ଆକ୍ରମଣରେ ସମସ୍ତ ସୁଡଙ୍ଗକୁ ଟାର୍ଗେଟ କରିଛି। ବହୁ ବିଲ୍ଡିଂ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏହି ସବୁ ବିଲ୍ଡିଂରେ ହମାସ ଆତଙ୍କୀ ଲୁଚି ରହିଥିଲେ। ଆମର ସୁରକ୍ଷା ବାହିନୀ ଲଗାତାର ଆତଙ୍କୀ ଶେଷ କରୁଛନ୍ତି। ଏପର୍ଯ୍ୟନ୍ତ ଆତଙ୍କୀ ସଂଗଠନର ବହୁ ଆଡ୍ଡାକୁ ଧ୍ୱଂସ କରି ଦିଆଯାଇଛି। ଗାଜାକୁ ହମାସର ଶକ୍ତି କେନ୍ଦ୍ର କୁହାଯାଏ। ଏଭଳି ସ୍ଥିତିରେ ଗାଜାକୁ ଟାର୍ଗେଟ କରିବାକୁ ହେବ। ଏହା ପୂର୍ବରୁ ଗତ ସପ୍ତାହ ଇସ୍ରାଏଲ କତରର ରାଜଧାନି ଦୋହା ଉପରେ ଆକ୍ରମଣ କରିଥିଲା। ଆକ୍ରମଣ ପରେ ମୁସଲମାନ ଦେଶ ଅସନ୍ତୋଷ ବ୍ୟକ୍ତି କରିଥିଲେ। ମଙ୍ଗଳବାର ୬୦୦ ମୁସଲମାନ ଦେଶଙ୍କ ବୈଠକ ହୋଇଥିଲା। ଏଥିରେ ଇସ୍ରାଏଲ ବିରୋଧରେ ନିନ୍ଦା ପ୍ରସ୍ତାବ ପାରିତ କରାଯାଇଥିଲା।ମିଟିଂରେ ପାକିସ୍ତାନ, ସାଉଦି ଆରବ, ଇରାନ, ତୁର୍କୀ ଓ ବାହାରିନ ଭଳି ମୁସଲମାନ ଦେଶ ଥିଲା।

**■ କାନାଡାରେ ଖଲିସ୍ତାନବାଦୀଙ୍କ ହଙ୍ଗାମା**

# ଭାରତୀୟ ବାଣିଜ୍ୟ ଦୂତାବାସ ଦଖଲ କରିବାକୁ ଧମକ

**ନୂଆଦିଲ୍ଲୀ, ୧୭।୯:** କାନାଡାରେ ଖାଲିସ୍ତାନ ସମର୍ଥକଙ୍କ ଉତ୍ପାତ । ଭାରତ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଛି ଶିଖ୍ ଫର୍ ଜଷ୍ଟିସ୍ ସଂଗଠନ। ସୂଚନା ଅନୁଯାୟୀ, ଏସଏଫଜେ ଭାନକୁଭରରେ ଭାରତୀୟ ବାଣିଜ୍ୟ ଦୂତାବାସ ଦଖଲ କରିବାକୁ ଧମକ ଦେଇଛି। ଏହା ସହିତ ଭାରତୀୟମାନଙ୍କୁ ଏହି ଅଞ୍ଚଳରେ ପ୍ରବେଶ କରିବାକୁ ମଧ୍ୟ ନିଷେଧ କରିଛି। କିନ୍ତୁ ଏହି ପ୍ରସଙ୍ଗରେ କାନାଡା କିମ୍ବା ଭାରତ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ବିବୃତ୍ତି ଜାରି କରାଯାଇ ନାହିଁ। ଭାରତ ଏବଂ କାନାଡା ମଧ୍ୟରେ କୂଟନୈତିକ ସମ୍ପର୍କ ସମ୍ପ୍ରତି ପୁନର୍ବାର ଆରମ୍ଭ ହୋଇଛି। ଖାଲିସ୍ତାନୀ ଗୋଷ୍ଠୀ ଏଥିରେ ଅସନ୍ତୁଷ୍ଟ। ଟାଇମ୍ସ ଅଫ୍ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ସେମାନେ ଭାନକୁଭରରେ ଭାରତୀୟ କନସୁଲେଟ୍ ଘେରାଉ କରିବାକୁ ଧମକ ଦେଇଛନ୍ତି। ବିଚ୍ଛିନ୍ନତାବାଦୀ ଗୋଷ୍ଠୀ କହିଛି ଯେ ସେମାନେ ଗୁରୁବାର ଦିନ ଦୂତାବାସ କବଜା କରିବେ। ଏସ୍ଏଫ୍‌ଜେ ଭାରତୀୟ ଏବଂ କାନାଡିଆନ ନାଗରିକମାନଙ୍କୁ ଦୂତାବାସ ପରିସରରୁ ଦୂରେଇ ରହିବାକୁ ଚେତାବନୀ ଦେଇଛି। ଏସ୍ଏଫ୍‌ଜେ କାନାଡାରେ ନୂତନ ଭାରତୀୟ ହାଇକମିଶନର ଦିନେଶ ପଟ୍ଟନାୟକଙ୍କ ମୁହଁରେ ଗୁଳି ଚିହ୍ନ ଥିବା ଏକ ପୋଷ୍ଟର ମଧ୍ୟ ଜାରି କରିଛି। ଏକ ପ୍ରଚାର ପତ୍ରରେ ଖାଲିସ୍ତାନି ସମର୍ଥକ ସଂଗଠନ ଲେଖିଥିଲା, "ଦୁଇ ବର୍ଷ ପୂର୍ବେ, ସେପ୍ଟେମ୍ବର ୨୦୨୩ରେ ପ୍ରଧାନମନ୍ତ୍ରୀ ଜଷ୍ଟିସ୍ ଟ୍ରୁଡୋ ସଂସଦକୁ ଜଣାଇଥିଲେ ଯେ ହରଦୀପ ସିଂହ ନିଜ୍ଜରଙ୍କ ହତ୍ୟାରେ ଭାରତୀୟ ଏଜେଣ୍ଟମାନେ ସାମିଲ ଅଛନ୍ତି ଏବଂ ଏହାର ତଦନ୍ତ ଚାଲିଛି। ଭାରତୀୟ କନସୁଲେଟ୍ ଖାଲିସ୍ତାନ ଗଣନାଟ୍ୟ ପ୍ରଚାରକଙ୍କ ବିରୁଦ୍ଧରେ ଏକ ଗୁପ୍ତଚର ନେଟୱାର୍କ ଚଳାଉଛି। ଏହା ତାଙ୍କ କାମକୁ ପ୍ରଭାବିତ କରିପାରେ।"ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚଳିତ ମାସ ଆରମ୍ଭରେ, କାନାଡା ସରକାର ଏକ ଆଭ୍ୟନ୍ତରୀଣ ରିପୋର୍ଟରେ ଦେଶରେ ଖାଲିସ୍ତାନୀ ଆତଙ୍କବାଦୀ ସଂଗଠନର ଉପସ୍ଥିତିକୁ ସ୍ୱୀକାର କରିଥିଲେ ଏବଂ ଭାରତ ବିରୁଦ୍ଧରେ ଆତଙ୍କବାଦ ପାଇଁ ସେମାନେ କିପରି ପାଣ୍ଠି ପାଆନ୍ତି ତାହା ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ।

# ଉତ୍ତରାଖଣ୍ଡ ବର୍ଷା ତାଣ୍ଡବରେ ୧୫ ମୃତ, ୧୬ ନିଖୋଜ




**ଉତ୍ତରାଖଣ୍ଡ, ୧୭।୯:** ଉତ୍ତରାଖଣ୍ଡରେ ଲଗାତାର ବାଦଲ ଫଟା ବର୍ଷା ତାଣ୍ଡବ କରୁଛି। ଅନେକ ସ୍ଥାନରେ ପ୍ରବଳ ବର୍ଷା ଯୋଗୁଁ ଜଳମଗ୍ନ ରହିଛି । କିନ୍ତୁ ଡେରାଡୁନରେ ଅଧିକ କ୍ଷୟକ୍ଷତି ଘଟିଛି । ଏହି ବିପର୍ଯ୍ୟୟ ଯୋଗୁଁ ଏପର୍ଯ୍ୟନ୍ତ ୧୫ ଜଣଙ୍କର ମୃତ୍ୟୁ ହୋଇଛି । ଏଥି ସହ ୧୬ ଜଣ ନିଖୋଜ ରହିଛନ୍ତି । ସେହି ସମୟରେ ପ୍ରାୟ ୯୦୦ ଲୋକଙ୍କୁ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି ।

ନଦୀ ସ୍ରୋତରେ ଲୋକ ଭାସି ଯାଇ ନିଖୋଜ ହୋଇଛନ୍ତି। ଏହାରି ମଧ୍ୟରେ ଅଧିକାରୀମାନେ କହିଛନ୍ତି ଯେ, ଉତ୍ତରାଖଣ୍ଡ ସରକାର ପୀଡିତଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ । ଏହା ସହିତ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଏବଂ ମୃତଦେହଗୁଡ଼ିକୁ ସେମାନଙ୍କ ଗାଁକୁ ସମ୍ମାନର ସହିତ ପରିବାରକୁ ହସ୍ତାନ୍ତର କରିବାକୁ ଘୋଷଣା କରିଛନ୍ତି ।

ଏହା ବ୍ୟତୀତ ଡେରାଡୁନରେ ପ୍ରବଳ ବର୍ଷା ଯୋଗୁଁ ସୋଙ୍ଗ ଏବଂ ଟନ୍ସ ନଦୀର ଜଳ ପ୍ରବାହିତ ହୋଇଥିଲା । ପ୍ରସିଦ୍ଧ ଟପକେଶ୍ୱର ମହାଦେବ ମନ୍ଦିର ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଥିଲା । ଏହା ସହିତ ମନ୍ଦିରର ପ୍ରବେଶ ଦ୍ୱାରରେ ଥିବା ବଡ଼ ହନୁମାନ ମୂର୍ତ୍ତିର ମଧ୍ୟ ଅଧା ଅଂଶ ବୁଡ଼ି ଯାଇଥିଲା । ଗତ ୨୫-୩୦ ବର୍ଷ ମଧ୍ୟରେ ନଦୀର ଜଳସ୍ତର ଏତେ ଉଚ୍ଚରେ କେବେ ବୃଦ୍ଧି ପାଇନଥିଲା ବୋଲି ସେଠାକାର ପୂଜକ କହିଛନ୍ତି । ଏହି କାରଣରୁ ଅନେକ ରାସ୍ତା କ୍ଷୟକ୍ଷତି ହୋଇଥିବାବେଳେ ପୋଲଗୁଡିକ ମଧ୍ୟ ଭୁସୁଡି ପଡିଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସୋସିଆଲ ମିଡିଆରେ ଭାଇରଲ ଭିଡିଓ ଦେଖିବାକୁ ମିଳିଛି ଯେ, ଏସ୍‌ଡିଆର୍‌ଏଫ୍ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ସ୍ରୋତରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରୁଛନ୍ତି। ବନ୍ୟା ଜଳ ବୃଦ୍ଧି ହୋଇ ପାଉଣ୍ଡା ଅଞ୍ଚଳରେ ଜଳ ପଶି ଯିବାରୁ ୪୦୦ରୁ ଅଧିକ ଛାତ୍ର ଫସି ରହିଥିଲେ ଏବଂ ଉଦ୍ଧାରକାରୀ ଦଳ ସେମାନଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଛନ୍ତି ।

# ଆଜିଠୁ ଆରମ୍ଭ ବୈଷ୍ଣୋଦେବୀ ଯାତ୍ରା



**ଶ୍ରୀନଗର, ୧୭।୯:** ଶ୍ରଦ୍ଧାଳୁଙ୍କ ପାଇଁ ଖୁସି ଖବର । ଆଜି(୧୭ ସେପ୍ଟେମ୍ବର) ଠାରୁ ପୁଣି ଆରମ୍ଭ ହୋଇଛି ମା' ବୈଷ୍ଣୋଦେବୀଙ୍କ ତୀର୍ଥଯାତ୍ରା । ଦୀର୍ଘ ୨୨ ଦିନ ଧରି ବନ୍ଦ ରହିବା ପରେ ପୁନଶ୍ଚ ଏହା ଆଜି ଆରମ୍ଭ ହୋଇଛି । ଏହି ଖବର ଅପେକ୍ଷାରତ ଶ୍ରଦ୍ଧାଳୁଙ୍କ ମହଲରେ ସନ୍ତୋଷ ଭରି ଦେଇଛି । ସାରା ଦେଶରୁ ଏବେ ତୀର୍ଥଯାତ୍ରୀଙ୍କର ଆଗମନ ପୁଣି ଆରମ୍ଭ ହୋଇଛି । ଦୀର୍ଘ ଦିନର ଅପେକ୍ଷା ଶେଷ ହେବା ଫଳରେ ସମସ୍ତେ ନିଜର ସନ୍ତୁଷ୍ଟି ପ୍ରକାଶ କରିଛନ୍ତି। ପବିତ୍ର ମନ୍ଦିରରେ ମା'ଙ୍କ ସାନ୍ନିଧ୍ୟ ପାଇବା ପାଇଁ ତୀର୍ଥଯାତ୍ରୀଙ୍କ ମନରେ ତତ୍ପରତା ପ୍ରକାଶ ପାଇଛି ।

# ଆଇଇଏର ଚେତାବନୀ ; ସରି ଆସୁଛି ବିଶ୍ୱ ତୈଳ ଏବଂ ଗ୍ୟାସ ଭଣ୍ଡାର



**ନୂଆଦିଲ୍ଲୀ, ୧୭।୯:** ବିଶ୍ୱକୁ ସତର୍କ କରାଇଛି ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା (ଆଇଇଏ) । ବିଶ୍ୱର ତୈଳ ଏବଂ ଗ୍ୟାସ ଭଣ୍ଡାର ଦ୍ରୁତ ଗତିରେ ହ୍ରାସ ପାଉଛି । ଏଭଳି ପରିସ୍ଥିତି ଭାରତ ଭଳି ଆମଦାନୀ-ନିର୍ଭରଶୀଳ ପାଇଁ ଶକ୍ତି ଯୋଗାଣ (ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ) ଏବଂ ମୂଲ୍ୟ ପାଇଁ ଏକ ବଡ଼ ବିପଦ ସୃଷ୍ଟି କରୁଛି। ଭାରତକୁ ଏହାର ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଉତ୍ସଗୁଡ଼ିକର ବିବିଧତା, ଘରୋଇ ଅନୁସନ୍ଧାନ ଏବଂ ସ୍ୱଚ୍ଛ ଶକ୍ତି ବିକଳ୍ପ ଉପରେ ଧ୍ୟାନ ଦେବାକୁ ପଡ଼ିବ। ଭାରତ ଏହାର ୮୫% ରୁ ଅଧିକ ଅଶୋଧିତ ତେଲ ଏବଂ ୪୫% ରୁ ଅଧିକ ଗ୍ୟାସ ଆମଦାନୀ କରୁଛି । ଆଇଇଏ ପରାମର୍ଶ ଦେଇଥିଲା ଯେ, ଭାରତ ଏହାର ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଏସବୁ ପଦକ୍ଷେପ ନେବା ଉଚିତ୍: ୧) ବିଭିନ୍ନ ଉତ୍ସରୁ ଆମଦାନି: ଗୋଟିଏ ଦେଶ ଉପରେ ନିର୍ଭରଶୀଳତା ହ୍ରାସ କରିବା, ୨) ଘରୋଇ ଅନୁସନ୍ଧାନକୁ ତ୍ୱରାନ୍ୱିତ କରିବା: ଭାରତରେ ତୈଳ ଏବଂ ଗ୍ୟାସ ଅନୁସନ୍ଧାନକୁ ପ୍ରୋତ୍ସାହିତ କରିବା ସଂରକ୍ଷଣ ବୃଦ୍ଧି କରିବା: ଜରୁରୀକାଳୀନ ପରିସ୍ଥିତି ପାଇଁ ତୈଳ ଏବଂ ଗ୍ୟାସ ସଂରକ୍ଷଣ ବୃଦ୍ଧି କରିବା, ୩) ସ୍ୱଚ୍ଛ ଶକ୍ତି ବିକଳ୍ପ: ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ସବୁଜ ହାଇଡ୍ରୋଜେନ, ଜୈବ ଇନ୍ଧନ ଏବଂ ଅନ୍ୟାନ୍ୟ ନବୀକରଣୀୟ ଶକ୍ତି ଉତ୍ସ ଉପରେ ଗୁରୁତ୍ୱ ଦେବା ୪) ଆଇଇଏ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଫାତିହ ବିରୋଲ କହିଛନ୍ତି ଯେ, ତୈଳ ଏବଂ ଗ୍ୟାସ ଅବକ୍ଷୟର ହାର ଶକ୍ତି ନିବେଶ ପାଇଁ ସବୁଠାରୁ ବଡ଼ ସମସ୍ୟା । ସାମ୍ପ୍ରତିକ ବର୍ଷଗୁଡ଼ିକରେ ଏହି ହାର ଦ୍ରୁତ ଗତିରେ ବୃଦ୍ଧି ପାଇଛି । ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ, ନୂତନ ତୈଳ ଏବଂ ଗ୍ୟାସ୍ ସମ୍ପଦ ବିକାଶ ପାଇଁ ହାରାହାରି ୨୦ ବର୍ଷ ସମୟ ଲାଗେ, ଯେଉଁଥିରେ ଅନୁସନ୍ଧାନ ପାଇଁ ୧୦ ବର୍ଷ ଏବଂ ମୂଲ୍ୟାଙ୍କନ, ଅନୁମୋଦନ ଏବଂ ନିର୍ମାଣ ପାଇଁ ଆହୁରି ୧୦ ବର୍ଷ ସମୟ ଲାଗିବ। ନିବେଶ କିମ୍ବା ଅନୁସନ୍ଧାନରେ ବିଳମ୍ବ ହେବା ଦ୍ୱାରା ୨୦୩୦ ଏବଂ ୨୦୪୦ ଦଶକରେ ଯୋଗାଣ ଅଭାବ ହୋଇପାରେ। ଏହା ଶକ୍ତି ସୁରକ୍ଷା, ମୂଲ୍ୟ ଅସ୍ଥିରତା ଏବଂ ନିର୍ଗମନକୁ ପ୍ରଭାବିତ କରିବ । ବିରୋଲ କହିଛନ୍ତି ଯେ, ଆମକୁ ବଜାର ସନ୍ତୁଳନ, ଶକ୍ତି ସୁରକ୍ଷା ଏବଂ ନିର୍ଗମନ ପାଇଁ ପ୍ରଭାବକୁ ସାବଧାନତାର ସହ ବିଚାର କରିବାକୁ ପଡ଼ିବ । ଏହି ଆଇଇଏ ରିପୋର୍ଟ ଭାରତ ଭଳି ଆମଦାନୀ-ନିର୍ଭରଶୀଳ ଦେଶମାନଙ୍କ ପାଇଁ ଏକ ବଡ଼ ଚେତାବନୀ । ଭାରତକୁ ଏହାର ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଘରୋଇ ଅନୁସନ୍ଧାନ, ରଣନୈତିକ ଭଣ୍ଡାର ଏବଂ ସ୍ୱଚ୍ଛ ଶକ୍ତି ବିକଳ୍ପଗୁଡ଼ିକ ଉପରେ ଦ୍ରୁତ ଗତିରେ କାମ କରିବାକୁ ପଡ଼ିବ । ଯଦି ସ୍ୱଚ୍ଛ ଶକ୍ତିକୁ ପରିବର୍ତ୍ତନ ତ୍ୱରାନ୍ୱିତ ହୁଏ, ତେବେ ତୈଳ ଏବଂ ଗ୍ୟାସ ଚାହିଦା ହ୍ରାସ ପାଇପାରେ । ଭବିଷ୍ୟତର ଚ୍ୟାଲେଞ୍ଜ ପାଇଁ ଭାରତକୁ ଏବେଠୁ ପ୍ରସ୍ତୁତ ରହିବାକୁ ପଡ଼ିବ ।

## ମହୁମାଛି ଆକ୍ରମଣରେ ୨ ଗୁରୁତର

**ରାୟଗଡା, ୧୭।୯(ସଂଚାର ବ୍ୟୁରୋ) :** ମହୁମାଛି ଆକ୍ରମଣରେ ଗର୍ଭବତୀ ମହିଳାଙ୍କ ସହ ୩ବର୍ଷର ଶିଶୁ କନ୍ୟା ଗୁରୁତର ହୋଇଛନ୍ତି। ଚାଷ ଜମିରେ କାମ କରୁଥିବା ଲୋକଙ୍କ ଦ୍ୱାରା ଉଦ୍ଧାର ହେଲେ ମା' ଓ ଶିଶୁ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହିଭଳି ଅଭାବନୀୟ ଘଟଣା ଘଟିଛି ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ନାରାୟଣ ପୁର ପଞ୍ଚାୟତ ଦୂଲଦୁଲଗୁଡା ଗାଁ ନିକଟରେ। ସୂଚନା ଅନୁସାରେ ଗର୍ଭବତୀ ମା' ମଞ୍ଜୁଳା ହିଆଲ ଓ ତାଙ୍କର ତିନି ବର୍ଷର ଝିଅ ସହ ଦୂଲଦୁଲି ଗୁଡା ଛକ ନିକଟକୁ ଯାଉଥିବା ସମୟରେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ନିକଟସ୍ଥ ଚାଷଜମିରେ କାମ କରୁଥିବା କିଛି ଯୁବକଙ୍କ ଦ୍ୱାରା ଉଦ୍ଧାର ହୋଇ ସେହି ରାସ୍ତା ଦେଇ ଆସୁଥିବା ବିଦ୍ୟୁତ ବିଭାଗର ଗାଡି ସାହାଯ୍ୟରେ କଲ୍ୟାଣସିଂହପର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ଉଭୟ ଗର୍ଭବତୀ ଓ ଶିଶୁ କନ୍ୟାକୁ ପ୍ରାଥମିକ ଚିକିତ୍ସା ଦିଆଯିବା ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।



● ଶେଷରେ ମୁଣ୍ଡ ନୁଆଁଇଲା ଲାଲବାହିନୀ

## ମାଓବାଦୀ ସଂଗଠନ ପକ୍ଷରୁ ଅସ୍ତ୍ରବିରତି ଘୋଷଣା



**ଭୁବନେଶ୍ୱର, ୧୭।୯(ସଂଚାର ବ୍ୟୁରୋ):** ଶେଷରେ ମୁଣ୍ଡ ନୁଆଁଇଲା ଲାଲବାହିନୀ। ସୁରକ୍ଷା କର୍ମୀଙ୍କ ମାରାଥନ ମାଓ ବିରୋଧୀ ଅପରେସନ ପରେ ନରମିଲା ମାଓ ସଂଗଠନ। ଆଉ କୌଣସି ବାଟ ନପାଇ ଶେଷରେ ନିଃସର୍ତ୍ତ ଯୁଦ୍ଧବିରତି ଘୋଷଣା କରିଥିବା ମାଓ ସଂଗଠନ ମୁଖପାତ୍ର ଅଭୟ ସୂଚନା ଦେଇଛନ୍ତି। ଅସ୍ତ୍ର ତ୍ୟାଗ କରିବା ପାଇଁ ଏକ ମାସ ସମୟ ମାଗିଛି ନକ୍ସଲ ବାହିନୀ। ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ) ନିଜ ଘୋଷଣାରେ ଅସ୍ତ୍ରତ୍ୟାଗ ଓ ଆତ୍ମସମର୍ପଣ ପାଇଁ ପ୍ରସ୍ତୁତ ବୋଲି କହିଛି। ନକ୍ସଲମାନେ ଏହି ପ୍ରକ୍ରିୟାକୁ ଔପଚାରିକ ରୂପ ଦେବା ପାଇଁ ଏକ ମାସର ସମୟ ମାଗିଛନ୍ତି। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ସମ୍ପୂର୍ଣ୍ଣ ନକ୍ସଲ ଦମନ ପାଇଁ ଡେଡଲାଇନ ଦେଇଥିଲେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ମାଓବାଦୀଙ୍କ ଯୁଦ୍ଧ ବିରତି ଘୋଷଣା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଦୃଷ୍ଟିରୁ ଏକ ବଡ଼ ଉପଲବ୍ଧି କୁହାଯିବ।

## ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଗାଡ଼ି ଦୁର୍ଘଟଣାଗ୍ରସ୍ତ

**ନୀଳଗିରି, ୧୭।୯(ସଂଚାର ବ୍ୟୁରୋ) :** ବାଲେଶ୍ୱର ଜିଲ୍ଲା ନୀଳଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଗାଡ଼ି ଗଛକୁ ପିଟି ଦୁର୍ଘଟଣା ଗ୍ରସ୍ତ ହୋଇଛି। ଅଳ୍ପକେ ବର୍ତ୍ତିଲେ ଚାଳକ। ସୁଚନା ବୁଧବାର ସକାଳ ୧୧ ଟା ସମୟରେ ନୀଳଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଭଡ଼ାରେ ଲାଗି ଥିଲା ଗାଡ଼ି (ଓଡି୦୧ଏ୧୯୧୩୫) ଅଫିସ କାମ ସାରି କିଛି ସମୟପାଇଁ ଗାଡିଟିକୁ ଡ୍ରାଇଭର ଗାଡିମାଲିକ ଘରେ ବିଶ୍ୱକର୍ମା ପୂଜା କରିବା ଆଣିଥିବାବେଳେ ପୂଜା ସାରିବାପରେ ନୀଳଗିରି ଆଇ.ଟି.ଡି.ଏ. ଅଫିସକୁ ଫେରୁଥିବା ବେଳେ ନୀଳଗିରି ବ୍ଲକ ଅଯୋଧ୍ୟା ଛକରେ ଦୁର୍ଘଟଣା ଘଟିଥିଲା, ଅଳ୍ପକେ ବର୍ତ୍ତି ଯାଇଥିଲେ ଚାଳକ। ଘଟଣା ସ୍ଥଳରେ ଗାଡି ମାଲିକ ପହଞ୍ଚି ଦୁର୍ଘଟଣା ଘଟିଥିବା ଗାଡି ଟି କୁ ନେଇ ସୋ ରୁମକୁ ନେଇଯାଇଥିବା ବେଳେ ଗାଡ଼ିର ଚାଳକ ଫେରାର ହୋଇଥିବା ଶୁଣିବାକୁ ମିଳେ।

# ଆଇସିସି ରାଙ୍କିଙ୍ଗରେ ଟିମ୍ ଇଣ୍ଡିଆର ଦବ୍‌ଦବା

### ଟି-୨୦ ନଂ. ୧ରେ ବ୍ୟାଟର ଅଭିଷେକ ଶର୍ମା, ବୋଲର ବରୁଣ ଚକ୍ରବର୍ତ୍ତୀ, ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା

**ନୂଆଦିଲ୍ଲୀ, ୧୭।୯:** ବିଶ୍ୱର ନମ୍ବର ୧ ନଂ ଟି-୨୦ ବୋଲର ହୋଇଛନ୍ତି ଭାରତୀୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ। ଆଇସିସି ରାଙ୍କିଙ୍ଗରେ ବରୁଣ ୧ ନଂ. ସ୍ଥାନ ଅଧିକାର କରିଛନ୍ତି। ଏସିଆ କପ୍ ୨୦୨୫ରେ ଦମଦାର ପ୍ରଦର୍ଶନ କରି କୁଲଦୀପ ଯାଦବ ମଧ ଆଇସିସି ଉପରକୁ ଉଠିଛନ୍ତି କୁଲଦୀପ ୩୭ ନମ୍ବର ସ୍ଥାନରୁ ଉଠି ୨୩ ତମ ସ୍ଥାନରେ ପହଞ୍ଚିଛନ୍ତି। ସେହିପରି ଅଭିଷେକ ଶର୍ମା ନଂ. ୧ ଟି-୨୦ ବ୍ୟାଟର ରହିଥିବା ବେଳେ ତିଳକ ବର୍ମା ୨ଟି ସ୍ଥାନ ତଳକୁ ଖସିଛନ୍ତି।

ବରୁଣ ଚକ୍ରବର୍ତ୍ତୀ ୟୁଏଇ ବିପକ୍ଷରେ ତାଙ୍କ ୨ ଓଭର ବୋଲିଂରେ ମାତ୍ର ୪ ରନ ଦେଇ ୧ ୱିକେଟ ନେଇଥିଲେ। ୩୪ ବର୍ଷୀୟ ସ୍ପିନର ପାକିସ୍ତାନ ବିପକ୍ଷରେ ତାଙ୍କ ୪ ଓଭର ବୋଲିଂରେ ୨୪ ରନ ଦେଇ ୧ ୱିକେଟ ନେଇଥିଲେ। ସେ ଆଇସିସି ଟି-୨୦ ବୋଲିଂ ରାଙ୍କିଙ୍ଗରେ ତିନି ସ୍ଥାନ ଉପରକୁ ଉଠି ଏକ ନମ୍ବର ସ୍ଥାନରେ ପହଞ୍ଚିଛନ୍ତି। ପ୍ରଥମ ଥର ପାଇଁ ବରୁଣ ନମ୍ବର ୱାନ ବୋଲର ହୋଇଛନ୍ତି।

୭୩୩ ରେଟିଂ ସହିତ ବରୁଣ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆଇସିସି ନଂ. ୧ ବୋଲର ପୂର୍ବରୁ ନ୍ୟୁଜିଲ୍ୟାଣ୍ଡର ଜାକବ୍ ଡଫିଙ୍କ ପାଖରେ ଥିଲା। ସେ ଦ୍ୱିତୀୟ ସ୍ଥାନକୁ ଖସିଯାଇଛନ୍ତି। ବରୁଣଙ୍କ ସହିତ ଶ୍ରେଷ୍ଠ ୧୦ରେ ରବି ବିଷ୍ଣୋଇ ମଧ ସାମିଲ ହୋଇଛନ୍ତି। ସ୍ପିନର କୁଲଦୀପ ଯାଦବ ୧୬ଟି ସ୍ଥାନ ଉପରକୁ ଉଠି ୬୦୪ ରେଟିଂ ସହିତ ୨୩ ନମ୍ବରରେ ପହଞ୍ଚିଛନ୍ତି। ଆଇସିସି ଟି-୨୦ ଅଲରାଉଣ୍ଡର ରାଙ୍କିଙ୍ଗରେ ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ସ୍ଥାନରେ ରହିଛନ୍ତି। ଟି-୨୦ ବ୍ୟାଟିଂ ରାଙ୍କିଙ୍ଗରେ ମଧ ଭାରତ ଶୀର୍ଷ ସ୍ଥାନ ଅଧିକାର କରିଛି। ଅଭିଷେକ ଶର୍ମା ୮୮୪ ରେଟିଂ ସହିତ ନମ୍ବର ୧ ଟି-୨୦ ବ୍ୟାଟସମ୍ୟାନ୍ ହୋଇଛନ୍ତି।




## ଭୋଗ ପ୍ଲାଷ୍ଟିକ୍ ବ୍ୟାଗରେ ନିଅନ୍ତୁ ନାହିଁ

### ଦଶହରା ପାଇଁ ବିଏମସିର ଅପିଲ୍

**ଭୁବନେଶ୍ୱର, ୧୭।୯(ସଂଚାର ବ୍ୟୁରୋ):** ଦୁର୍ଗାପୂଜାରେ ପଲିଥିନ୍ କ୍ୟାରି ବ୍ୟାଗରେ ଭୋଗ ନ ନେବା ପାଇଁ ଲୋକଙ୍କୁ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମସି) ଅପିଲ୍ କରିଛି। ପର୍ବ ସମୟରେ ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକର ବ୍ୟବହାର ଏବଂ ଅଳିଆ ଆବର୍ଜନାକୁ ରୋକିବା ପାଇଁ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ଏଭଳି ପଦକ୍ଷେପ ଗ୍ରହଣ କରିଛି।

ଏନେଇ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ବୋର୍ଡରେ ସଚେତନତା ବାର୍ତ୍ତା ଲେଖାଯିବ। ଏହାକୁ କିଓସ୍କରେ ଲଗାଯିବ। ବିଏମସି କିଓସ୍କ ସ୍ଥାପନ କରିବ ଯାହା ମାଧମରେ ଲୋକମାନଙ୍କୁ ପଲିଥିନ୍ କ୍ୟାରି ବ୍ୟାଗ ନ ନେବାକୁ ଅନୁରୋଧ କରାଯିବ। ଦୁର୍ଗାପୂଜା ସମୟରେ, ସହରର ମ୍ୟୁନିସିପାଲ କଠିନ ଅଳିଆ ପ୍ରତିଦିନ ଅତିରିକ୍ତ ୨୦୦ମେଟ୍ରିକ୍ ଟନ୍ ବୃଦ୍ଧି ପାଏ। ପ୍ରତିଦିନ ସାଧାରଣତଃ, ସହରରେ ପ୍ରାୟ ୮୦୦ ମେଟ୍ରିକ୍ ଟନ୍ ଆବର୍ଜନା ସଂଗ୍ରହ ହୋଇଥାଏ। ସେଥି ମଧ୍ୟରେ ପ୍ରାୟ ୨୦୦ ଟନ୍ ପ୍ଲାଷ୍ଟିକ୍ ଅଳିଆ ଥାଏ।

ଲୋକଙ୍କ ସଚେତନ କରିବା ପାଇଁ ଦୁର୍ଗାପୂଜା ସମୟରେ ସ୍ୱଚ୍ଛତା ଉପରେ ବାର୍ତ୍ତା ଥିବା ଲିଫଲେଟ୍ ବଣ୍ଟନ କରିବା ପାଇଁ କିଓସ୍କଗୁଡ଼ିକରେ ସ୍ୱେଚ୍ଛାସେବକମାନଙ୍କର ଏକ ଦଳ ନିୟୋଜିତ ହେବେ। ଏହି କିଓସ୍କ ରଖିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପଲିଥିନ୍ କ୍ୟାରି ବ୍ୟାଗ ବ୍ୟବହାର ନକରିବା, ଅଳିଆ ଯାଞ୍ଚ କରିବା, ସାନିଟାରୀ କର୍ମଚାରୀଙ୍କ ଉପରେ ବୋଝ କମାଇବା ଏବଂ ପ୍ଲାଷ୍ଟିକ୍ ଅଳିଆ ପରିଚାଳନାର ସାମଗ୍ରିକ ବୋଝକୁ କମ କରିବା ପାଇଁ ବାର୍ତ୍ତା ପ୍ରସାର କରିବା। ଏହା ବ୍ୟତୀତ, ସ୍ୱେଚ୍ଛାସେବକମାନେ ଲୋକମାନଙ୍କୁ ରାସ୍ତା ଏବଂ ନିକଟବର୍ତ୍ତୀ ପୂଜା ମଣ୍ଡପରେ ପୂଜା ଅଳିଆ ନ ପକାଇବା ପାଇଁ ସଚେତନ କରିବେ। ନିର୍ଦ୍ଦିଷ୍ଟ ଡଷ୍ଟବିନ୍‌ରେ ଆବର୍ଜନା ପକାଇବାକୁ ସଚେତନ କରିବେ।

ଏହି କିଓସ୍କଗୁଡ଼ିକ ବାରମୁଣ୍ଡା, ନୟାପଲ୍ଲୀ, ସହିଦ ନଗର, ରସୁଲଗଡ଼, ଝାରପଡ଼ା ଏବଂ ଡମଣା ଭଳି ବଡ଼ ମଣ୍ଡପରେ ସ୍ଥାପନ କରାଯିବ। ସଚେତନତା ଅଭିଯାନ ତଦାରଖ କରିବା ପାଇଁ ବିଏମସି ତିନି ଜୋନାଲ ଡେପୁଟି କମିସନରଙ୍କ ସମେତ ଅଧିକାରୀମାନଙ୍କୁ ନିଯୁକ୍ତ କରିବାକୁ ନିଷ୍ପତ୍ତି ନେଇଛି। ବରିଷ୍ଠ ଅଧିକାରୀମାନେ ପର୍ଯ୍ୟାୟକ୍ରମେ କିଓସ୍କରେ ବସିବେ। ପାରମ୍ପରିକ ପୋଖରୀ ନିକଟରେ ଖୋଳାଯାଇଥିବା କୃତ୍ରିମ ପୋଖରୀରେ ମୂର୍ତ୍ତି କିପରି ବିସର୍ଜନ କରାଯିବେ ସେ ବିଷୟରେ ପୂଜା କମିଟି ସଦସ୍ୟମାନଙ୍କୁ ମଧ ଶିକ୍ଷା ଦିଆଯିବ ବୋଲି ବିଏମସି ପକ୍ଷରୁ କୁହାଯାଇଛି।

## ଓକିଲାତି ପେଶାରୁ ଅର୍ଚ୍ଚନା ନିଲମ୍ବିତ

### ସୂଚନା ଦେଲେ ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ



**ଭୁବନେଶ୍ୱର, ୧୭।୯(ସଂଚାର ବ୍ୟୁରୋ):** ଅର୍ଚ୍ଚନା ନାଗ ଓକିଲାତି ପେଶାରୁ ନିଲମ୍ବିତ। ନିଲମ୍ବନ କଲେ ରାଜ୍ୟ ଆଇନଜୀବୀ ପରିଷଦ। ତଥ୍ୟ ଗୋପନ ରଖି ଓକିଲାତି ଲାଇସେନ୍ସ ହାତେଇ ଥିଲେ ଅର୍ଚ୍ଚନା। ତାଙ୍କ ନାମରେ କୌଣସି ଫୌଜଦାରୀ ମାମଲା ନ ଥିବା ଦର୍ଶାଇ ଥିଲେ। କିନ୍ତୁ ତାଙ୍କ ନାମରେ ଫୌଜଦାରୀ ମାମଲା ଥିବା ଜାଣି ପାରିଛି ଆଇନଜୀବୀ ପରିଷଦ। ସେହିଭଳି ଦୁଇଟି କମ୍ପାନୀର ନିର୍ଦ୍ଦେଶକ ଅଛନ୍ତି ଅର୍ଚ୍ଚନା। ସେଥିପାଇଁ ତାଙ୍କୁ ଓକିଲାତି ପେଶାରୁ କରାଯାଇଛି ନିଲମ୍ବନ। ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସିତାଂଶୁ ଦ୍ୱିବେଦୀଙ୍କ ସୂଚନା। ଅର୍ଚ୍ଚନା ନାଗ ତାଙ୍କ ବିରୁଦ୍ଧରେ ଥିବା ଫୌଜଦାରୀ ମାମଲା ସମ୍ପର୍କିତ ତଥ୍ୟ ସଂପର୍କରେ ଉଦ୍ଦେଶ୍ୟ ପ୍ରଣୋଦିତ ଭାବରେ ଗୋପନ ରଖି ଓକିଲାତି ପେଶାରେ ଆଇନଜୀବୀ ଭାବେ ପଞ୍ଜୀକରଣ ଫର୍ମ ଦାଖଲ କରିଥିଲେ ଏବଂ ଧୂର୍ତ୍ତାମୀ ଓ ଠକାମି ପୂର୍ବକ ନିଜକୁ ଆଇନଜୀବୀ ହିସାବରେ ପଞ୍ଜୀକରଣ କରାଇଥିଲେ। ପରବର୍ତ୍ତୀ ସମୟରେ ପ୍ରାପ୍ୟ ତଥ୍ୟ ଅନୁଯାୟୀ ଜଣାଗଲା ଯେ, ବାସ୍ତବରେ ଅର୍ଚ୍ଚନା ନାଗଙ୍କ ନାମରେ ବିଭିନ୍ନ ଦଫା ସମ୍ବଳିତ ଫୌଜଦାରୀ ମାମଲା ରୁଜୁ ହୋଇ ଏହା ବିଚାରାଧୀନ ସତ୍ତ୍ୱେ ପଞ୍ଜୀକରଣ ପାଇଁ ଦାଖଲ କରିବାକୁ ଥିବା ନିର୍ଦ୍ଧାରିତ ବିନ୍ଦୁ ୧୪, ୧୫, ୧୬, ୧୭, ୨୦(ଖ) ରେ ସେ ଉଲ୍ଲେଖ କରିଥିଲେ କି ତାଙ୍କ ବିରୁଦ୍ଧରେ କୌଣସି ଫୌଜଦାରୀ ମାମଲା ନାହିଁ କିମ୍ବା ସେ କୌଣସି ବ୍ୟବସାୟ ବୃତ୍ତିରେ ସଂପୃକ୍ତ ନାହାନ୍ତି।

### ବିଶ୍ୱକର୍ମା ପୂଜା ପାଇଁ ଚଳଚଞ୍ଚଳ ବନ୍ଦର ନଗରୀ ପାରାଦୀପ

## ୮ ଦିନ ଧରି ପୂଜା ପିଇବେ ବିଶ୍ୱବିନ୍ଧାଣୀ

**ପାରାଦୀପ, ୧୭।୯(ସଂଚାର ବ୍ୟୁରୋ) :** ବିଶ୍ୱକର୍ମା ପୂଜା ପାଇଁ ଚଳଚଞ୍ଚଳ ବନ୍ଦର ନଗରୀ ପାରାଦୀପ। ୨୫ରୁ ୩୦ଟି ମଣ୍ଡପରେ ପୂଜା ପାଇବେ ପ୍ରଭୁ ବିଶ୍ୱକର୍ମା। ସୁଉଚ୍ଚ ତୋରଣ ସାଙ୍ଗକୁ ଆଲୋକ ମାଳାରେ ଝଲସୁଛି ପୂଜା ମଣ୍ଡପ। ପ୍ରତ୍ୟେକ ଅନୁଷ୍ଠାନ ଘଟ ସ୍ଥାପନ କରିବା ପରେ ପୂଜା କାର୍ଯ୍ୟ ଆରମ୍ଭ କରିବେ। ଏଥର ବିଭିନ୍ନ ଥିମ୍ ରେ ମଣ୍ଡପ ସଜାଯାଇଛି। ରଙ୍ଗ ବେରଙ୍ଗର ଆଲୋକ ମାଳା ସାଂଗକୁ ଝଲିକି ଭଳି ସୁସଜ୍ଜିତ ସୁଉଚ୍ଚ ତୋରଣ ଓ ତୋରଣ ମଧ୍ୟରେ ବିରାଜମାନ କରିଛନ୍ତି ଦେବଶିଳ୍ପୀ। କେଉଁଠି ବିଭିନ୍ନ ରାଜ୍ୟର ମନ୍ଦିରର ଭ୍ରମ ସୃଷ୍ଟି କରୁଛି ତ କେଉଁଠି କାଚ ଓ ଚୁମୁକି ଓ ସୋଲ ସହିତ ସଜେଇରେ କାରିଗରମାନେ ମେଢ଼କୁ ଆକର୍ଷଣୀୟ କରିଥିବା ଦେଖିବାକୁ ମିଳିଛି। ବିଭିନ୍ନ ପୂଜାମଣ୍ଡପ ତରଫରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଦେବଶିଳ୍ପୀଙ୍କ ମୃଣ୍ମୟ ମୂର୍ତ୍ତିକୁ ଆକର୍ଷଣୀୟ କରିବା ପାଇଁ ଅନେକ ପୂଜା ମଣ୍ଡପରେ ନିର୍ମାଣ ଦେବତା ବିଶ୍ୱକର୍ମାଙ୍କ ସହିତ ବିଭିନ୍ନ ଦେବାଦେବୀର ଚିତ୍ରକୁ ଅତି ସୁନ୍ଦର ଭାବରେ ନିର୍ମାଣ କରିଛନ୍ତି ଶିଳ୍ପୀ। ପହଲଗାମ ଘଟଣା ମଧ ସ୍ଥାନ ପାଇଛି। ଯାହା ଚଳିତବର୍ଷର ବିଶ୍ୱକର୍ମା ପୂଜାରେ ଦର୍ଶକଙ୍କୁ ଆକର୍ଷିତ କରିବା ସହିତ ୮ ଧରି ବିଭିନ୍ନ ପୂଜାମଣ୍ଡପରେ ଓଡିଶା ତଥା ଓଡିଶା ବାହାରର କଳାକାରମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ଆୟୋଜନ କରାଯାଇଥିବା ନେଇ ପୂଜକମିଟିର ସଦସ୍ୟ ପ୍ରକାଶ କରିଛନ୍ତି। ବିଶ୍ୱକର୍ମା ପୂଜାରେ ଭିଡ଼କୁ ନିୟନ୍ତ୍ରଣ କରିବା ଏବଂ ଟ୍ରାଫିକ ବ୍ୟବସ୍ଥାକୁ ସୁପରିଚାଳନା କରିବାକୁ ପୋଲିସ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଦେଇଛି ବୋଲି ପାରାଦୀପ ପୌରାଧକ କହିଛନ୍ତି। ପାରାଦୀପର ଗଣପର୍ବ ବିଶ୍ୱକର୍ମା ପୂଜାର ଆଜି ଠାରୁ ଜନଗହଳି ଲାଗିବା ଆରମ୍ଭ ହୋଇଥିବା ବେଳେ ଯଦି ପାଗ ଅନୁକୂଳ ରୁହେ ତେବେ ଚଳିତ ବର୍ଷ ୮ ଦିନ ଧରି ବିଶ୍ୱକର୍ମା ପୂଜାକୁ ଓଡ଼ିଶାର କୋଣ ଅନୁକୋଣରୁ ଲକ୍ଷାଧିକ ଦର୍ଶକଙ୍କ ଭିଡ଼ ଜମିବ ବୋଲି ସମସ୍ତ ପୂଜା କମିଟି ଆଶା ରଖିଛନ୍ତି।

## ବାଲକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରୀ

**ବୈଶିଙ୍ଗା, ୧୭।୯(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଞ୍ଚଳରେ ଚୋରମାନେ ସରକାରୀ ବିଦ୍ୟାଳୟ ଗୁଡିକୁ ଟାର୍ଗେଟ କରୁଥିବା ମନେହୁଏ। ମଙ୍ଗଳବାର ରାତିରେ ବାଲକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କବାଟ ତାଲା ଭାଙ୍ଗି ସମସ୍ତ ମୂଲ୍ୟବାନ ଜିନିଷ ପତ୍ର ଚୋରି କରିନେଇଥିବା ଅଭିଯୋଗ କରିଛନ୍ତି ପ୍ରଧାନଶିକ୍ଷକ ବାବୁରାମ ଦାସ। ତାଙ୍କ ଅଭିଯୋଗ ମୁତାବକ ବୁଧବାର ଦିନ ଦଶଟା ବେଳେ ବିଦ୍ୟାଳୟରେ ପହଞ୍ଚି କବାଟ ତାଲା ଭଙ୍ଗା ହୋଇଥିବା ବେଳେ ଆଲମିରା ଭିତରେ ଥିବା ଆହୁଜା କମ୍ପାନୀ ର ସାଉଣ୍ଡ ସିଷ୍ଟମ , ଏଲସିଡି , ସବମର୍ସିବଲ୍ ପାଣି ପମ୍ପ ଆଦି ଚୋରି ହୋଇଯାଇଛି। ଏହା ସହିତ ଜରୁରୀ କାଗଜ ପତ୍ର ଓ ରେଜିଷ୍ଟର ଆଦି ନଷ୍ଟ କରାଯାଇ ଏଣେତେଣେ ଫିଙ୍ଗା ଯାଇଛି। ସୂଚନାଯୋଗ୍ୟ ଯେ ଗତ ଦୁଇ ମାସ ଭିତରେ ପୁରୁଣିଆ , ଦୂର୍ଗାପୁର ,ଖଡିକାପଦା ଆଦି ବିଭିନ୍ନ ବିଦ୍ୟାଳୟରେ ସମାନ ଢଙ୍ଗରେ ଚୋରି ହେଉଥିବା ବେଳେ ପୋଲିସ ଆସାମୀମାନଙ୍କ ନିକଟରେ ପହଞ୍ଚିବାରେ ସଫଳ ହୋଇପାରିନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମ୍ୟାଚ ...

ଷ୍ଟାଡିୟମକୁ ଯିବା ପୂର୍ବରୁ ଖେଳାଳିମାନଙ୍କୁ ହୋଟେଲକୁ ଫେରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ନିଷ୍ପତ୍ତିରେ ବିଳମ୍ବ ଯୋଗୁଁ ମ୍ୟାଚ୍ ରାତି ୮ଟାରେ ଆରମ୍ଭ ହେଲା ମ୍ୟାଚ।

ପିସିବି ଅନୁଯାୟୀ, ଆଣ୍ଡି କ୍ରଫ୍ଟ ଟସ୍ ସମୟରେ ପାକିସ୍ତାନୀ ଅଧିନାୟକଙ୍କୁ ସୂର୍ଯ୍ୟକୁମାର ଯାଦବଙ୍କ ସହ ହାତ ମିଳାଇବାକୁ ଅନୁରୋଧ କରିଥିଲେ। ମ୍ୟାଚ୍ ପରେ ଭାରତୀୟ ଖେଳାଳିମାନେ ପାକିସ୍ତାନୀ ଦଳ ସହିତ ହାତ ମିଳାଇ ନଥିଲେ। ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ତାଙ୍କ ଦଳର ନିଷ୍ପତ୍ତିକୁ ସମର୍ଥନ କରି କହିଥିଲେ ଯେ, ପାକିସ୍ତାନୀ ଦଳ ସହ ବିଜୟ ପରେ ହାତ ନ ମିଳାଇବା ନିଷ୍ପତ୍ତି ପହଲଗାମ୍ ଆକ୍ରମଣର ସୈନିକ ଏବଂ ଅନ୍ୟ ପୀଡିତଙ୍କ ସମ୍ମାନାର୍ଥେ ନିଆଯାଇଛି।

## ସୁସ୍ଥ ନାରୀ...

କହିଥିଲେ ଯେ, ସେପ୍ଟେମ୍ବର ୧୭ ତାରିଖ ଅର୍ଥାତ ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସ ମହିଳାଙ୍କ ସଶକ୍ତିକରଣ କ୍ଷେତ୍ରରେ ଏକ ଶୁଭଙ୍କର ଦିନ। ଗତ ବର୍ଷ ଏହି ଦିବସରେ ମୋଦୀଜୀ ଓଡିଶାର ମା'ମାନଙ୍କ ପାଇଁ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ଆଉ ଆଜି ସାରା ଦେଶର ମା' ମାନଙ୍କ ପାଇଁ ସୁସ୍ଥ ନାରୀ-ସଶକ୍ତ ପରିବାର ଅଭିଯାନ ଆରମ୍ଭ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ଆର୍ଥିକ ସଶକ୍ତିକରଣ ପର୍ଯ୍ୟନ୍ତ ନାରୀ ଜୀବନର ପ୍ରତ୍ୟେକ ଫେଜ୍‌ରେ ମୋଦୀଜୀଙ୍କ ଯୋଜନା ସେମାନଙ୍କୁ ସହଯୋଗର ହାତ ବଢ଼ାଇଛି। ଉଜ୍ଜ୍ୱଳା ଯୋଜନା, କିଶୋରୀ ଶକ୍ତି ଯୋଜନା, ନୟୀ ରୋସ୍‌ନୀ ଯୋଜନା, ବେଟି ବଚାଓ ବେଟି ପଢାଓ, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ପରି ଅନେକ ଯୋଜନା ମହିଳାଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିଛି।

ସେ ପୁଣି କହିଥିଲେ, ଏହି ଅଭିଯାନରେ ମହିଳା ସ୍ୱାସ୍ଥ୍ୟ, ପୋଷଣ, ଉପଯୁକ୍ତ ଖାଦ୍ୟ ପାନୀୟ ସମ୍ପର୍କରେ ସଚେତନତା କ୍ୟାମ୍ପେନ କରାଯିବ। ରକ୍ତ ଦାନ ଶିବିର ମଧ୍ୟ ଆୟୋଜନ କରାଯିବ। ଏହି ଅଭିଯାନ ମାଧ୍ୟମରେ ଉଚ୍ଚରକ୍ତ ଚାପ, ମଧୁମେହ, କର୍କଟ, ରକ୍ତ ହୀନତା, ଯକ୍ଷ୍ମା, ସିକିଲ୍‌ସେଲ୍ ଆଦି ରୋଗ ସହ ମାତୃ ସ୍ୱାସ୍ଥ୍ୟ ଓ କିଶୋରୀ ସୁସ୍ଥତା ସମ୍ବନ୍ଧିତ ରୋଗ ଗୁଡିକ ଚିହ୍ନଟ କରିବା ପାଇଁ ସ୍କ୍ରିନିଂ କରାଯିବ ଏବଂ ଚିକିତ୍ସା ପାଇଁ ବ୍ୟବସ୍ଥା ମଧ୍ୟ କରାଯିବ। ରାଜ୍ୟର ୩୦ଟି ଜିଲ୍ଲାରୁ ୧.୫ କୋଟି ମା' ଓ ଭଉଣୀ ଏହି ଅଭିଯାନ ଜରିଆରେ ଉପକୃତ ହେବେ। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ ହୋଇଛି। ଏହି ଅଭିଯାନରେ ଆଜି ଦିନ ୧.୩୦ ସୁଦ୍ଧା ରାଜ୍ୟରେ ୭୦ ହଜାରରୁ ଊର୍ଦ୍ଧ୍ୱ ମା' ଓ ଭଉଣୀଙ୍କ ବିଭିନ୍ନ ଶିବିରରେ ସ୍କ୍ରିନିଂ କରାଯାଇ ଓଡିଶା ଦେଶରେ ଚତୁର୍ଥ ସ୍ଥାନରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ଏହି ଯୋଜନା ଦ୍ୱାରା ନାରୀ ଓ ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରର ସୂଚକାଙ୍କ ଗୁଡିକରେ ଆହୁରି ଉନ୍ନତି ଆସିବ ଏବଂ ସାରା ଦେଶରେ ସୁସ୍ଥ ସମାଜ ଗଠନ ଦିଗରେ ଏହା ଅତ୍ୟନ୍ତ ପ୍ରଭାବଶାଳୀ ସାବ୍ୟସ୍ତ ହେବ।

## ଦୀର୍ଘ ନିରାମୟ ...

ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ଗୋଟିଏ ଅଁଳା ଗଛ ଲଗାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ସୂଚନାଯୋଗ୍ୟ ଯେ, ଆଜି ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସରେ ଗୋଟିଏ ଦିନରେ ସାରା ରାଜ୍ୟରେ ୭୫ ଲକ୍ଷ ଗଛ ଲଗାଯାଇଛି। ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ମଧ୍ୟରେ ଏହି ଲକ୍ଷ୍ୟ ହାସଲ କରିବାର ଲକ୍ଷ୍ୟ ରଖାଯାଇଥିଲେ ବେଳେ ଅପରାହ୍ଣ ୧.୩୩ ସୁଦ୍ଧା ଏହି ଲକ୍ଷ୍ୟ ହାସଲ ହୋଇପାରିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ସମ୍ପୃକ୍ତ ବିଭାଗ, କର୍ମଚାରୀ, ଛାତ୍ରଛାତ୍ରୀ, ଯୁବବର୍ଗ ଓ ସାଧାରଣ ଜନତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ ତାଙ୍କୁ ଦେଶର ବିକାଶ ପୁରୁଷ ତଥା ବିଶ୍ୱର ଶ୍ରେଷ୍ଠ ଲୋକପ୍ରିୟ ନେତା ଭାବେ ବର୍ଣ୍ଣନା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଦୀର୍ଘ ନିରାମୟ ଜୀବନ ପାଇଁ ପ୍ରାର୍ଥନା କରିଥିଲେ।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟଧାରା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନରେନ୍ଦ୍ର ମୋଦୀ ହେଉଛନ୍ତି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଯିଏକି ସ୍ୱାଧୀନତା ପରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ୫୫ ବର୍ଷର ରାଜନୈତିକ ଜୀବନରେ ସେ ସବୁବେଳେ ଦେଶ ମାତୃକାର ସେବା ବିଷୟରେ ହିଁ ଚିନ୍ତା କରିଆସିଛନ୍ତି। ତାଙ୍କର ସମ୍ପୂର୍ଣ୍ଣ ଜୀବନ ମା' ଭାରତୀ'ର ସେବାରେ ଉତ୍ସର୍ଗୀକୃତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି, ଦିଗ୍‌ଦର୍ଶନ, ନେତୃତ୍ୱ, କାର୍ଯ୍ୟଶୈଳୀ ସବୁଠାରୁ ଭିନ୍ନ ଓ ଅନନ୍ୟ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ଜୀବନ ସବୁ ସମୟରେ 'ସେବା ଓ ସମର୍ପଣ' ପାଇଁ ବିଶ୍ୱବିଦିତ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ସାରା ଦେଶ ବୁଲିଛନ୍ତି ଏବଂ ତୃଣମୂଳ ସ୍ତରରେ ଲୋକଙ୍କ ସମସ୍ୟା ବୁଝିଛନ୍ତି। ନିଜ ବ୍ୟକ୍ତିଗତ ଅନୁଭବରୁ ଲୋକଙ୍କ ସମସ୍ୟା ଜାଣି ତା'ର ସମାଧାନର ରାସ୍ତା ଖୋଜିଥାନ୍ତି ପ୍ରଧାନମନ୍ତ୍ରୀ। ଉଜ୍ଜ୍ୱଳା ଯୋଜନା ଜରିଆରେ ମା' ମାନଙ୍କ ରୋଷଇ ଘରକୁ ଧୂଆଁରୁ ମୁକ୍ତ କରିବା ହେଉ, କିମ୍ବା ଜନଧନ ଯୋଜନାରେ ଗରିବ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ହେଉ, ଅବା ଆୟୁଷ୍ମାନ ଭାରତ ଯୋଜନାରେ କୋଟି କୋଟି ଲୋକଙ୍କ ପାଇଁ ମାଗଣା ଚିକିତ୍ସା ସୁବିଧା ହେଉ, କିମ୍ବା ମାତୃବନ୍ଦନା ଯୋଜନାରେ ମା' ମାନଙ୍କୁ ସହାୟତା ପ୍ରଦାନ ହେଉ, କିମ୍ବା ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଜରିଆରେ କୃଷକଙ୍କ ପାଇଁ ସହାୟତା ପ୍ରଦାନ ହେଉ, ତାଙ୍କର ପ୍ରତ୍ୟେକ ନିଷ୍ପତ୍ତିରେ ସାଧାରଣ ଲୋକଙ୍କ ସମସ୍ୟା ଦୂର କରିବାର ଲକ୍ଷ୍ୟ ପ୍ରତିଫଳିତ ହୋଇଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ପ୍ରଖର ରାଷ୍ଟ୍ରବାଦ ଓ ଦେଶପ୍ରେମର ଝଲକ ମିଳେ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ରାଷ୍ଟ୍ର ହିତ ମୋଦୀଜୀଙ୍କ ପାଇଁ ଏକ ସ୍ଲୋଗାନ ନୁହେଁ, ଏହା ତାଙ୍କ ଜୀବନ ପଦ୍ଧତି।

ଏକ୍ ପେଡ୍ ମା କେ ନାମ୍ ଅଭିଯାନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସରେ ୭୫ ଲକ୍ଷ ଗଛ ଲଗାଯାଉଛି। ପ୍ରଧାନମନ୍ତ୍ରୀଙ୍କ ଜୀବନ ତାଙ୍କ ମା'ଙ୍କ ଆଶୀର୍ବାଦରେ ଦେଶସେବା ପାଇଁ ପ୍ରେରିତ ହୋଇଛି। ତେଣୁ, ମା'ର ସମ୍ମାନରେ ଧରିତ୍ରୀ ମାତାର ସୁରକ୍ଷା ପାଇଁ ମୋଦୀଜୀ ଏହି ଅଭିଯାନ ଆରମ୍ଭ କରିଛନ୍ତି। ତେଣୁ, ଆଜି ଦିନଟି ଉଭୟ ମା' ଓ ଧରିତ୍ରୀ ମା ପାଇଁ ସମର୍ପିତ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ।

ଓଡିଶାର ବିକାଶ ପାଇଁ ମୋଦୀଜୀଙ୍କର ସ୍ୱତନ୍ତ୍ର ଦୃଷ୍ଟି ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ବର୍ଷ ଆଜିର ଦିନରେ ସେ ଓଡିଶା ଆସିଥିଲେ ଏବଂ ଆମର ମା'ମାନଙ୍କ ପାଇଁ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ସୁଭଦ୍ରା ଯୋଜନା ଆଜି ଓଡିଶାର କୋଟିଏ ମା'ଙ୍କ ପାଇଁ ଆର୍ଥିକ ସଶକ୍ତିକରଣର ଏକ ପ୍ରମୁଖ ଅସ୍ତ୍ର ହୋଇଛି। ଆଉ ଆଜି ମଧ୍ୟ ମାନ୍ୟବର ପ୍ରଧାନମନ୍ତ୍ରୀ ମା'ମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଏକ ବୈପ୍ଳବିକ ଅଭିଯାନ ଆରମ୍ଭ କରୁଛନ୍ତି- ସୁସ୍ଥ ନାରୀ, ସଶକ୍ତ ପରିବାର। ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସ, ଜନ୍ମଦାତ୍ରୀ ମା ଓ ଧରିତ୍ରୀ ମାତାର ସୁରକ୍ଷା ପାଇଁ ଏକ ସଂକଳ୍ପର ଦିନ ହୋଇଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ବର୍ଷ ଆରମ୍ଭ ହୋଇଥିବା ଏକ୍ ପେଡ୍ ମା କେ ନାମ୍ ଅଭିଯାନରେ ଓଡିଶାରେ ୬.୭୨ କୋଟି ଗଛ ଲଗାଯାଇଥିଲା ଏବଂ ଓଡିଶା ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଏବର୍ଷ ଏହି ଅଭିଯାନର ଦ୍ୱିତୀୟ ସଂସ୍କରଣରେ ୭.୫ କୋଟି ଗଛ ଲଗାଇବା ପାଇଁ ନିଷ୍ପତ୍ତି କରାଯାଇଛି। ଆଜି ସୁଦ୍ଧା ପ୍ରାୟ ୬କୋଟିରୁ ଅଧିକ ଗଛ ଲଗାଯାଇ ସାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆଜିର ୭୫ ଲକ୍ଷ ଗଛ ଲଗାଇବା କାର୍ଯ୍ୟକ୍ରମରେ ରାଜ୍ୟର ପ୍ରାୟ ୪୦ ହଜାର ଉଚ୍ଚ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୫ ଲକ୍ଷ ଛାତ୍ରଛାତ୍ରୀ, ୧ ହଜାର କଲେଜର ୧ ଲକ୍ଷ ଛାତ୍ରଛାତ୍ରୀ ଅତି ଉତ୍ସାହର ସହ ରୋପଣରେ ସାମିଲ ହୋଇଛନ୍ତି। ଏହା ସହିତ ୨ ଲକ୍ଷ ଶିକ୍ଷକ ଶିକ୍ଷୟିତ୍ରୀ, ୭୬ ହଜାର ଅଙ୍ଗନବାଡ଼ି କର୍ମୀ, ୧୭ ହଜାର ୫୦୦ ବନ ସୁରକ୍ଷା ସମିତି, ପରିବେଶ ଉନ୍ନୟନ କମିଟି ସଭ୍ୟସଭ୍ୟା, ୧୭ ହଜାର ଆଶା କର୍ମୀ, ୧୬ ହଜାର ୫୦୦ ମାଇଁ ଭାରତ ସ୍ୱେଚ୍ଛାସେବୀ ଓ ୧୦ ହଜାର ଇକୋ-କ୍ଲବ ଯୋଗଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସମସ୍ତଙ୍କୁ ଗଛ ଲଗାଇ ସେଲ୍‌ଫି ଉଠାଇବା ସହିତ 'ମେରୀ ଲାଇଫ୍' ପୋର୍ଟାଲରେ ତଥ୍ୟ ଅପଲୋଡ୍ କରିବା ସହିତ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଫଟୋ ପୋଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ସ୍ୱାଗତ ଭାଷଣ ଦେଇ ପ୍ରଧାନମନ୍ତ୍ରୀଙ୍କ ଦେଶପ୍ରେମ ଓ ଦେଶସେବା ଉପରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଯୋଜନା ଗୁଡିକ କିପରି ଦେଶର ବିଭିନ୍ନ କ୍ଷେତ୍ରରେ କାୟାକଳ୍ପ ଆଣିପାରିଛି ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉପସ୍ଥିତ ଥିଲେ । ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମର ଆରମ୍ଭରେ ମୁଖ୍ୟମନ୍ତ୍ରୀ କଲେଜ ପରିସରରେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଲେଜ ପରିସରରେ ୧ହଜାର ଫଳଗଛ ଚାରା ରୋପଣ କରାଯାଇଥିଲା। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଉଚ୍ଚଶିକ୍ଷା ବିଭାଗର ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଉପସ୍ଥିତ ଥିଲେ।

## ସ୍ୱାମୀ...

ଉଭୟଙ୍କ ମଧ୍ୟରେ ବିବାଦ ଥିଲା। ଟଙ୍କାକୁ ନେଇ ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି ବୋଲି ପ୍ରେସମିଟରେ ସୂଚନା ଦେଇଛନ୍ତି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ। ଅଭିଯୁକ୍ତ ଦୀପକର ପଲିଗ୍ରାଫ ଟେଷ୍ଟ ହୋଇଛି। ଏଥିସହ ଅଭିଯୁକ୍ତକୁ କ୍ରାଇମ ସ୍ପଟକୁ ନେଇ ସିନ୍ ରିକ୍ରିଏସନ କରାଯିବା ସହ ଠିକିନିଖି ଛାନ୍‌ଭିନ କରାଯାଉଛି। ପୋଲିସ ସ୍କାନରେ ପୁଣି ୨ ଅଭିଯୁକ୍ତ ଅଛନ୍ତି।

ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ। ସେପଟେ ସାମ୍ନାକୁ ଆସିଲା କୋର୍ଟ ମ୍ୟାରେଜ ସାର୍ଟିଫିକେଟ। ୨୦୨୪ ଜୁଲାଇରେ ବିବାହ କରିଥିବା ସାର୍ଟିଫିକେଟରେ ଜଣାପଡିଛି। ଏହା ସହ ହତ୍ୟାରେ ଅଭିଯୁକ୍ତ ଦୀପକର ମାଉସୀ ପୁଅର ସମ୍ପୃକ୍ତି ଥିବା ମଧ୍ୟ ସୂଚନା ମିଳିଛି। ହତ୍ୟା ପରେ କେନ୍ଦୁଝରର ଏକ ଜଙ୍ଗଲରେ ମୃତଦେହକୁ ପୋତିଦେଇଥିଲେ।

ମୃତଦେହ ନେଇଥିବା କାରକୁ ଜବତ କରାଯାଇଛି। ବୁଲାଇ ନେବା ବାହାନାରେ ମର୍ଡର କରିଥିଲା ଅଭିଯୁକ୍ତ। ଭୁବନେଶ୍ୱରରେ ହତ୍ୟା ପରେ ମୃତଦେହକୁ ଏକ କାରରେ ନେଇ ଘଟଗାଁର ଜଙ୍ଗଲରେ ପିଙ୍ଗିଦେଇଥିଲା। ଗତ ୬ ତାରିଖରୁ ନିଖୋଜ ଥିଲେ ମହିଳା କନେଷ୍ଟବଳ ଶୁଭମିତ୍ରା ସାହୁ। କନଷ୍ଟେବଳ ନିଖୋଜ ପରଠୁ ସଂଦେହ ଘେରରେ ଥିଲା ଦୀପକ। ପୋଲିସ ସେବା ଭବନରେ ଆକାଉଣ୍ଟ ଡିପାର୍ଟମେଣ୍ଟରେ କାର୍ଯ୍ୟ କରେ ଦୀପକ। ପୂର୍ବରୁ ନିଖୋଜ ନେଇ ପୋଷ୍ଟର ଜାରି କରିଥିଲା ପୋଲିସ। କ୍ୟାପିଟାଲ ଥାନାରେ ରିପୋର୍ଟ ଦେଇଥିଲେ ବାପା ଓ ମାଆ। କ୍ୟାପିଟାଲ ଥାନା ପୋଲିସ ଏକ ମିସ୍ କେସ ରୁଜୁ କରି ତନାଘନା ଜାରି ରଖିଥିଲା। ମୃତଦେହର ପରିଚୟ ପାଇଁ ପୋଷ୍ଟର ରିଲିଜ୍ କରି ପରିଚୟ ଦେଲେ ୨୫ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା।

## ଇଭିଏମ୍‌ରେ ...

ସଂଖ୍ୟାର ଅନ୍ତର୍ଜାତୀୟ ରୂପରେ ମୁଦ୍ରିତ ହେବ। ସ୍ପଷ୍ଟତା ପାଇଁ ଫଣ୍ଟ ଆକାର ୩୦ ଏବଂ ବୋଲ୍ଡ ଅକ୍ଷରରେ ହେବ। ସମାନତା ସୁନିଶ୍ଚିତ କରିବା ପାଇଁ, ସମସ୍ତ ପ୍ରାର୍ଥୀ/ନୋଟାଙ୍କ ନାମ ସମାନ ଫଣ୍ଟ ପ୍ରକାରରେ ଏବଂ ସହଜ ପଠନୀୟତା ପାଇଁ ଯଥେଷ୍ଟ ବଡ଼ ଫଣ୍ଟ ଆକାରରେ ମୁଦ୍ରିତ ହେବ। ଇଭିଏମ୍ ବାଲଟ୍ ପେପରଗୁଡ଼ିକ ୭୦ ଜିଏସଏମ କାଗଜରେ ମୁଦ୍ରିତ ହେବ। ବିଧାନସଭା ନିର୍ବାଚନ ପାଇଁ, ନିର୍ଦ୍ଦିଷ୍ଟ ଆରଜିବି ମୂଲ୍ୟର ଗୋଲାପୀ ରଙ୍ଗର କାଗଜ ବ୍ୟବହାର କରାଯିବ। ବିହାରରୁ ଆରମ୍ଭ ହୋଇ ଅପଗ୍ରେଡ୍ ହୋଇଥିବା ଇଭିଏମ୍ ବାଲଟ୍ ପେପରଗୁଡ଼ିକ ଆଗାମୀ ନିର୍ବାଚନରେ ବ୍ୟବହାର କରାଯିବ।

## 'ସେବା ପକ୍ଷ'...

ଶିବିରକୁ ଉଦଘାଟନ କରିଥିଲେ। ସମ୍ବଲପୁର ଦେବେଇପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନରେ ଯୋଗଦେଇ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ - ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା କାର୍ଡ ଓ ଟିବି ରୋଗୀଙ୍କୁ ପୁଷ୍ଟି କିଟ୍ ବିତରଣ କରିଥିଲେ। ଏହି ଅବସରରେ ସେଠାରେ ଆୟୋଜିତ ସ୍ୱାସ୍ଥ୍ୟସେବା ଶିବିର ଓ ରକ୍ତଦାନ ଶିବିରରେ ସାମିଲ ହୋଇଥିଲେ। ଏହିପରି କାର୍ଯ୍ୟକ୍ରମ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ସହିତ ଲୋକଙ୍କ ସେବା କରିବା ପାଇଁ ପ୍ରେରିତ କରିବ ବୋଲି ସେ କହିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି, 'ଏକ୍ ପେଡ୍ ମା' କେ ନାମ୍' ପ୍ରଧାନମନ୍ତ୍ରୀଙ୍କ ଏକ ଭାବନାତ୍ମକ ବିଚାର। ବୃକ୍ଷରୋପଣ ମାଧ୍ୟମରେ ପରିବେଶ ସୁରକ୍ଷା କରିବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ। ଏହା କେବଳ ଏକ ଗଛ ନୁହେଁ, ବରଂ ମାଆଙ୍କ ପ୍ରତି ଥିବା ଆମର ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବାର ପ୍ରମାଣ। ଏହା ଧରିତ୍ରୀ ମା' ପ୍ରତି ଆମର ସମ୍ମାନ ଏବଂ ନିବିଡ଼ତାର ପ୍ରତୀକ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଓଡ଼ିଶାରେ ଏକ୍ ପେଡ୍ ମା' କେ ନାମ ୨.୦ ଅଭିଯାନରେ ୭୫ ଲକ୍ଷ ଚାରାରୋପଣ କରାଯିବାର ଲକ୍ଷ୍ୟ ରଖାଯାଇଥିବା ବେଳେ ସମ୍ବଲପୁର ଜିଲ୍ଲାରେ କେବଳ ସାଢ଼େ ୪ ଲକ୍ଷ ଗଛ ଲଗାଯିବ। ସମ୍ବଲପୁରର ସୈନିକ ସ୍କୁଲରେ ମଧ୍ୟ ବନୀକରଣ କରିବା ପାଇଁ ସମସ୍ତେ ଆଜି ଗଛ ଲଗାଇଛନ୍ତି। ଏହି କାମରେ ସହଯୋଗୀ ହୋଇଥିବା ସ୍ୱେଚ୍ଛାସେବୀ, ଜଙ୍ଗଲ ବିଭାଗ, ଶିକ୍ଷାନୁଷ୍ଠାନ ବିଭାଗ ଓ ପ୍ରଶାସନିକ ବିଭାଗକୁ ସେ ଧନ୍ୟବାଦ ଜଣାଇଛନ୍ତି। ପ୍ରକାଶ ଥାଉକି, ସମ୍ବଲପୁର ସୈନିକ ସ୍କୁଲ ପରିସରରେ ଶ୍ରୀ ପ୍ରଧାନ ବୀର ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ନିୟମ...

ଗ୍ରହଣ କରିବ ପରିବହନ ବିଭାଗ। ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏକ ସର୍କୁଲାର ପରିବହନ ଆୟୁକ୍ତଙ୍କ ଦ୍ୱାରା ଜାରି କରାଯାଇଛି। ତଥାକଥିତ ଡିଜେ ଭ୍ୟାନର ବ୍ୟବହାର ବହୁଳ ଭାବରେ ହେଉଛି। ତେଣୁ ଆଇନରେ ଥିବା ବିଧିବ୍ୟବସ୍ଥା ଅନୁଯାୟୀ କଡ଼ାକଡ଼ି ଯାଞ୍ଚ ଏବଂ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ ଯେ, କୌଣସି ଯାନକୁ ମୂଳ ଢାଞ୍ଚାରୁ ପରିବର୍ତ୍ତନ କରାଯାଇପାରିବ ନାହିଁ।

ମୋଟର ଯାନର ଷ୍ଟ୍ରକଚର୍ ପରିବର୍ତ୍ତନ କରି ସାର୍ବଜନୀନ ସ୍ଥାନରେ ବେଆଇନ ବ୍ୟବହାର ବିରୋଧରେ ମୋଟର ଯାନ ଆଇନର ଧାରା ୧୯୦(୨) ଏବଂ ଧାରା ୧୮୨ (କ) (୪) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜରିମାନା ଲାଗୁ କରାଯିବ। ଏହାସହ ଏପରି ଯାନଗୁଡ଼ିକର ଫିଟନେସ୍ ଓ ପଞ୍ଜିକରଣ ପ୍ରମାଣପତ୍ର ବାତିଲ କରିବାକୁ ମୋଟର ଯାନ ଆଇନର ଧାରା ୫୩ ଓ ୫୬(୪)ର ବ୍ୟବହାର କରାଯିବ। ବହୁରଙ୍ଗୀ ଏଲଇଡି/ଲେଜର/ନିଅନ୍ ଲାଇଟ୍, ଘୁରୁଥିବା ଡିଜେ ଲାଇଟ୍, କିମ୍ବା ଏଆଇଏସ୍-୦୦୮ ନିର୍ଦ୍ଦିଷ୍ଟକରଣ ଅନୁଯାୟୀ ନଥିବା ଯେକୌଣସି ଆଲୋକ ବ୍ୟବସ୍ଥା ବ୍ୟବହାର ନିଷେଧ ରହିଛି। ସେହିଭଳି ମୋଟର ଯାନରେ ଡିଜେ ସିଷ୍ଟମ, ଆମ୍ପ୍ଲିଫାୟର, ମିକ୍ସର, ଲେଜର ଲାଇଟ୍ କଣ୍ଟ୍ରୋଲର୍ ଏବଂ ସମାନ ସେଟଅପ୍ ବ୍ୟବହାର ମଧ୍ୟ ବେଆଇନ ଅଟେ। ଗାଡ଼ିରେ ଡିଜେ ସେଟ୍ ଅପ୍ ପାଇଁ ମନଇଚ୍ଛା ଯନ୍ତ୍ରାଂଶ ପରିବହନ ମଧ୍ୟ ବେଆଇନ। ଜନସାଧାରଣଙ୍କ ସୁରକ୍ଷା ପାଇଁ ଏହି ଅସୁରକ୍ଷିତ ଡିଜେ ଗାଡ଼ିକୁ ରୋକିବା ଆବଶ୍ୟକୀୟ ହୋଇପଡ଼ିଛି। ବିଭାଗ ପକ୍ଷରୁ ଏହି ଅଭିଯାନକୁ ଅଧିକ ପ୍ରଭାବୀ କରିବାକୁ ରାତି ତଥା ଉତ୍ସବ ଆଦି ସମୟରେ ବିଶେଷ ଧ୍ୟାନ ରଖାଯିବ। ଯେକୌଣସି କାର୍ଯ୍ୟକ୍ରମ ହେଉ, ସର୍ବଦା ନିୟମ ପାଳନ ହେବା ଉଚିତ୍। ନିୟମ ଉଲ୍ଲଙ୍ଘନ ସର୍ବଦା ଅଘଟଣକୁ ଆମନ୍ତ୍ରଣ କରେ। ଉତ୍ସବରେ ଆନନ୍ଦକୁ ଦୁଃଖରେ ପରିଣତ କରେ। ତେଣୁ ଯେଉଁମାନେ ସାମୂହିକ ସୁରକ୍ଷା ସୁନିଶ୍ଚିତ କରିବାକୁ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ ଚାଲାଣ କଟାଯିବ ଓ କଠୋରରୁ କଠୋର ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାସହ ଗାଡ଼ି ମାଲିକ ତଥା ଅପରେଟରମାନଙ୍କୁ ଆଇନ ଓ ସୁରକ୍ଷା ମାନଦଣ୍ଡ ବିଷୟରେ ସଚେତନ କରିବା ପାଇଁ ବିଭାଗ ଦ୍ୱାରା ସଚେତନତା ଅଭିଯାନ ଆରମ୍ଭ କରାଯିବ। ଲୋକମାନେ ଯେଉଁ ଯାନକୁ ଭଡ଼ାରେ ନେଉଛନ୍ତି ବା ବ୍ୟବହାର କରୁଛନ୍ତି, ସେହି ଯାନ ପଞ୍ଜିକୃତ ଅଛି କି ନାହିଁ, ଏହା ସୁରକ୍ଷା ମାନଦଣ୍ଡକୁ ପାଳନ କରୁଛି କି ନାହିଁ ସେଥିପ୍ରତି ମଧ୍ୟ ଯତ୍ନବାନ ହେବାକୁ ଅନୁରୋଧ କରାଯାଇଛି। ତେଣୁ ଆଗାମୀ ପାର୍ବଣ ଋତୁରେ ଏଭଳି ବେଆଇନ ଯାନକୁ ବ୍ୟବହାର ନକରିବା ନିମନ୍ତେ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି।

# ଗ୍ୟାସ୍ ବୋଝେଇ ଟ୍ରକ କାର ଧକ୍କାରେ ଜଣେ ଯବାନ ମୃତ, ୨ ଗୁରୁତର



**ଫୁଲବାଣୀ,୧୭।୯(ସଂଚାର ବ୍ୟୁରୋ):** ମଙ୍ଗଳବାର ସନ୍ଧ୍ୟାରେ ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ସୁଡ୍ରୁ କୁମ୍ଭା ତଳ ସାହି ଠାରେ ଗ୍ୟାସ୍ ବୋଝେଇ ଟ୍ରକ ଠିଆ ହୋଇଥିବା କାରକୁ ଧକ୍କା ଦେଇଛି।ଘଟଣା ସ୍ଥଳରେ ଜଣେ ଯବାନ ଦୀପକ ଶର୍ମା ମୃତ ହୋଇଥିବା ବେଳେ ୨ ଗୁରୁତର ଥିବା ସୂଚନା ମିଳିଛି।ସୂଚନା ମୁତାବକ ବିଏ. ଏସ.ଏଫ ଯବାନ ମାନେ ବୃକ୍ଷ ରୋପଣ କରି ୫୭ ନଂ ଜାତୀୟ ରାଜପଥରେ ଫେରୁଥିବା ବେଳେ ସୁଡ୍ରୁ କୁମ୍ଭା ତଳ ସାହି ନିକଟରେ ଉଏ ୦୭ ଉଣ ୦୫୨୭ କାର ରାସ୍ତା କଡ଼ରେ ରଖି ଛିଡ଼ା ହୋଇ ଥିବା ବେଳେ ବିପରୀତ ଦିଗ ଫୁଲବାଣୀ ଠାରୁ ବୌଦ୍ଧ ଆଡ଼କୁ ଆସୁଥିବା ଗ୍ୟାସ୍ ବୋଝେଇ ଟ୍ରକ ଓଡ଼ ୦୫ କ ୮୪୩୧ ଛିଡ଼ା ହୋଇଥିବା କାର ଗାଡ଼ିକୁ ସାମ୍ନାରେ ଧକ୍କା ଦେଇଥିଲା। ଯାହା ଫଳରେ କାର ପାଖରେ ଥିବା ଯବାନକୁ ଚକା ଚଡି ଯାଇଥିଲା। ଘଟଣା ସ୍ଥଳରେ ଦୀପକ ଶର୍ମା ମୃତ ହୋଇଛି। କାରରେ ବସିଥିବା ୨ ଯବାନଙ୍କୁ ଗୁରୁତର ଭାବେ ଉଦ୍ଧାର କରି ସମସ୍ତଙ୍କୁ ଫୁଲବାଣୀ ମେଡିକାଲ ପଠାଯାଇଛି।ଦୁର୍ଘଟଣା ଘଟେଇ ଟ୍ରକ ଚାଲି ଯିବାକୁ ଚେଷ୍ଟା କରୁଥିବା ବେଳେ ଅଞ୍ଚଳ ବାସି ଟ୍ରକ ଟିକୁ ଅଟକାଇ ରଖିଛନ୍ତି।ଟ୍ରକ ଡ୍ରାଇଭର ଜଣକ ନିଶାସକ୍ତ ଥିବା ଅଞ୍ଚଳ ବାସି କୁହନ୍ତି। ଏହି ଅଞ୍ଚଳରେ ହମ୍ପସ ନ ଥିବାରୁ ଗାଡ଼ି ଗୁଡ଼ିକ ଦ୍ରୁତ ଗତିରେ ଯାଇ ଦୁର୍ଘଟଣା ଘଟାଉଛନ୍ତି। ଅନେକ ଦୁର୍ଘଟଣା ଏହି ଅଞ୍ଚଳରେ ହେଉଥିବାରୁ ଅଞ୍ଚଳବାସୀ ଉତ୍ୟକ୍ତ ହୋଇ ରାସ୍ତା ରୋକ କରିଛନ୍ତି।ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝା ଶୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା ବୋଲି ଫାଣ୍ଡି ଅଧିକାରୀ ସଞ୍ଜୟ କୁମାର ବିଷୋୟୀ କହିଛନ୍ତି।ଖବର ଲେଖା ପର୍ଯ୍ୟନ୍ତ ଆହତ ବ୍ୟକ୍ତି ମାନଙ୍କର ପରିଚୟ ମିଳି ନାହିଁ।ପୋଲିସ ତଦନ୍ତ ଜାରି ରହିଛି।

# କାହିଁକି ବାତିଲ ହେଲା ଏମ୍‌କେସିଜି ରେଜିଷ୍ଟ୍ରାରଙ୍କ ବଦଳି ?

## ଗଦାଗଦା ଅଭିଯୋଗ ସତ୍ତ୍ୱେ କିଏ ଦେଉଛି ସୁରକ୍ଷା ?

**ବ୍ରହ୍ମପୁର,୧୭।୯(ସଂଚାର ବ୍ୟୁରୋ):** ଚର୍ଚ୍ଚାରେ ରହିଛି ଏମକେସିଜିର ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କ ବଦଳି ବାତିଲ। ନିକଟରେ ଏହି ଓଏଏସ୍ ଅଧିକାରୀଙ୍କୁ ବଦଳି ନିର୍ଦ୍ଦେଶ ପରେ ଏହାକୁ ସ୍ଥଗିତ ରଖାଯାଇଥିଲା। ସମ୍ପ୍ରତି ତାଙ୍କ ଟ୍ରାନ୍ସଫରକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି। ଅର୍ଥାତ୍ ପୂର୍ବଭଳି ତାଙ୍କୁ ଏମକେସିଜିର ପ୍ରଶାସନିକ ଦାୟିତ୍ୱ ଦିଆଯାଇଛି। ସୂଚନା ଅନୁଯାୟୀ, ଗତ ୯ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ କିଛି ଓଏଏସ୍ ଅଧିକାରୀଙ୍କ ବଦଳି ଚିଠା ପ୍ରକାଶ ପାଇଥିଲା। ସେଥିରେ ଏମକେସିଜି ରେଜିଷ୍ଟ୍ରାରଙ୍କ ନାଁ ରହିଥିଲା। ତାଙ୍କୁ ବରଗଡ଼ ଜିଲ୍ଲା ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ(ଏଏଡିଏମ୍) ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା। କିନ୍ତୁ ଉକ୍ତ ଦିନ ହିଁ ବଦଳିକୁ ସ୍ଥଗିତ ରଖାଯାଇଥିବା ଆଉ ଏକ ଚିଠି ସାମ୍ନାକୁ ଆସିଥିଲା। ସମ୍ପ୍ରତି ଗତ ୧୬ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କ ବଦଳିକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି। ସରକାରଙ୍କ ଏଭଳି ପଦକ୍ଷେପ ପରେ ନାନା ଆଲୋଚନା ବଢ଼ିଛି। ପୂର୍ବ ବିଜେଡି ସରକାର ଭଳି ବର୍ତ୍ତମାନର ଭାଜପା ସରକାରରେ ମଧ୍ୟ ବାବୁ ରାଜ୍ ଚାଲିଥିବା ଆଲୋଚନା ହେଉଛି। କିଭଳି ଏବଂ କେଉଁ ପରିସ୍ଥିତିରେ ଜଣେ ଅଧିକାରୀଙ୍କ ବଦଳି ଉପରେ ବ୍ରେକ୍ ଲଗାଗଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏମକେସିଜିରେ ଗଦା ଗଦା ସମସ୍ୟା ଥିବା ସତ୍ତ୍ୱେ ପ୍ରଶାସନିକ ଅବହେଳାକୁ ଅନେକ ସମୟରେ ଦାୟୀ କରାଯାଇଛି। ଏପରି ସ୍ଥଳେ ପୁନର୍ବାର ଜଣେ ଅଧିକାରୀଙ୍କୁ ଉକ୍ତ ସ୍ଥାନରେ ବସାଇବାକୁ ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଚର୍ଚ୍ଚା ହେଉଛି, ଶାସକ ଦଳର ଜଣେ ପ୍ରଭାବଶାଳୀ ନେତାଙ୍କ ଚାପରେ ଏହା କୁଆଡେ ସମ୍ଭବ ହୋଇଛି। ଏହି ଅଧିକାରୀଙ୍କୁ ଉକ୍ତ ସ୍ଥାନରୁ ନ ହାଟେଇବାକୁ ପୂର୍ବରୁ ମସୁଧା ପ୍ରସ୍ତୁତ ହୋଇଥିଲା। ତେବେ ବାବୁ ଜଣକ ବିଜେପିର ଗେଲ୍ହା ପୁଅ ସାଜିଥିବା କୁହାଯାଉଛି। ଅନ୍ୟପଟେ ଉକ୍ତ ଅଧିକାରୀ ଜଣକ ମଧ୍ୟ ନିଜର ଖୁବ୍ ଦବଦବା ରଖିଥିବା ଶୁଣିବାକୁ ମିଳୁଛି। ଏପରିକି ସେ ଏହି ଆସନକୁ ଛାଡିବାକୁ କୁଆଡେ ନାରାଜ୍। ଏପରି ସ୍ଥଳେ ବାବୁଙ୍କୁ ଚୌକି ନିଶା ଲାଗିଥିବା ଅନୁମାନ କରାଯାଉଛି। ଫଳରେ ପୂର୍ବ ସରକାର ଭଳି ବିଜେପି ମଧ୍ୟ ସମାନ ଢଙ୍ଗ ଅପଣାଉଥିବା ଆଲୋଚନା ହେଉଛି।




# ପରିବେଶ ସୁରକ୍ଷା ପାଇଁ ଥାନା ପରିସରରେ ବୃକ୍ଷରୋପଣ

**କାକଟପୁର/ଅସ୍ତରଙ୍ଗ,୧୭।୯(ସଂଚାର ବ୍ୟୁରୋ):** ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ ଙ୍କ ୭୫ତମ ଜନ୍ମଦିନ ଅବସରରେ ପୁରୀ ଜିଲ୍ଲା କାକଟପୁର ଥାନା ପରିସରରେ ଥାନାଧିକାରୀ ବସନ୍ତ କୁମାର ସାହୁ ଙ୍କ ତତ୍ତ୍ୱାବଧାନ ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି। ଶ୍ରୀଯୁକ୍ତ ସାହୁ ସବୁଜ, ସୁନ୍ଦର ପ୍ରଦୂଷଣ ମୁକ୍ତ କରିବାକୁ ବ୍ୟାପକ ଚାରାରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଗଛଟିଏ ଥିଲେ ଜୀବନ ରହିବ। ପ୍ରକୃତିକୁ ସୁନ୍ଦର ଓ ସବୁଜିମା କରି ଗଢି ତୋଳିବାକୁ ଆହ୍ୱାନ ଦେଇଛନ୍ତି। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ରେ କାକଟପୁର ଥାନାର ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ● ସୋଆ ପକ୍ଷରୁ ମୋଦିଙ୍କ ଜନ୍ମଦିନ ଅବସରରେ

## 'ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍' ଶୀର୍ଷକ କର୍ମଶାଳା



**ଭୁବନେଶ୍ୱର,୧୭।୯(ସଂଚାର ବ୍ୟୁରୋ):** ଡିଜିଟାଲାଇଜେସନ୍ ଆମ ଜୀବନକୁ ଭିନ୍ନ ଏବଂ ଅଧିକ ସୁରକ୍ଷିତ କରିଛି। ଭାରତରେ ବିଶ୍ୱର ସର୍ବାଧିକ ସାର୍ବଜନୀନ ଭିତିଭୂମି ରହିଥିବା ବେଳେ ପ୍ରତ୍ୟେକ ଭାରତୀୟ ପରସ୍ପର ସହିତ ଯୋଡ଼ି ହୋଇ ରହିବାର ଆବଶ୍ୟକତା ରହିଛି। ଏହା ପୂରଣ କରିବାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ବଳିଷ୍ଠ ଅବଦାନ ରହିଛି ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ। ବୁଧବାର ପ୍ରଧାନମନ୍ତ୍ରୀ ମୋଦିଙ୍କର ୭୫ତମ ଜନ୍ମ ଦିବସ ପାଳନ ଅବସରରେ ସୋଆ ପକ୍ଷରୁ ଆୟୋଜିତ 'ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍ ଆଣ୍ଡ ଇନୋଭେସନ୍ - ଏମ୍ପାୱାରିଙ୍ଗ ସିଟିଜେନ୍ସ ଇନ୍ ଦ ନ୍ୟୁ ଏରା' ଶୀର୍ଷକ କର୍ମଶାଳାରେ ଅଧ୍ୟକ୍ଷତା କରିବା ପରିପ୍ରେକ୍ଷୀରେ ସୋଆ କୁଳପତି ପ୍ରଫେସର ନନ୍ଦ ପ୍ରଧାନମନ୍ତ୍ରୀଙ୍କର ସୁସ୍ଥ ଏବଂ ସୁଖୀ ଜୀବନ କାମନା କରିବା ସହ ଶ୍ରୀ ମୋଦିଙ୍କ କାର୍ଯ୍ୟଧାରା ଆମ ସମସ୍ତଙ୍କ ଜୀବନକୁ ସ୍ପର୍ଶ କରିଛି ବୋଲି କହିଛନ୍ତି। ୟୁପିଆଇ ଟ୍ରାଞ୍ଜାକ୍ସନ୍‌ର ଉଦାହରଣ ଦେଇ କୁଳପତି କହିଛନ୍ତି ଯେ ଏହା ଅର୍ଥନୀତି କ୍ଷେତ୍ରକୁ ଅଧିକ ସୁରକ୍ଷିତ କରିଛି। ସେହିପରି ଆଧାର କାର୍ଡ ଭଳି ଆପାର ଆଇଡି ମଧ୍ୟ ଛାତ୍ରଛାତ୍ରୀମାନଙ୍କ ପାଇଁ ଅଧିକ ଲାଭଦାୟକ ହୋଇଥିବା କୁଳପତି କହିଛନ୍ତି। କାର୍ଯ୍ୟକ୍ରମରେ ଉପକୁଳପତି ପ୍ରଫେସର ନୀତା ମହାନ୍ତି ଯୋଗ ଦେଇ ଭାରତ ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍ କ୍ଷେତ୍ରରେ ନେତୃତ୍ୱ ନେବା ବେଳେ ଏହାର ସବୁ ଶ୍ରେୟ ଶ୍ରୀ ମୋଦିଙ୍କୁ ଯାଉଛି ବୋଲି କହିଥିଲେ। ସେହିପରି କର୍ମଶାଳାରେ ଅନ୍ୟତମ ବକ୍ତା ଭାବେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର କହିଥିଲେ ଯେ ବର୍ତ୍ତମାନ ଡିଜିଟାଲ୍ ପେମେଣ୍ଟ ସହିତ ଟେଲି ମେଡିସିନ, ଟେଲି ଆଇସିୟୁ, ଡିଜି ଲକର ଏବଂ ହେଲ୍‌ଥ ଲକର ଭଳି ଡିଜିଟାଲ ପ୍ରକ୍ରିୟା ଆମ ସମସ୍ତଙ୍କ ପାଇଁ ହିତକାରୀ ସାବ୍ୟସ୍ତ ହୋଇଛି।

# 'ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନର ଶୁଭାରମ୍ଭ



**ବ୍ରହ୍ମପୁର,୧୭।୯ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ସ୍ଥିତ ଉତ୍ତରାମୁଖୀ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ନଗର ସ୍ତରୀୟ 'ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଜରିଆରେ ହେଲଥ କ୍ୟାମ୍ପ୍ ର ଶୁଭାରମ୍ଭ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇଙ୍କ ଦ୍ୱାରା ହୋଇଛି। ଏହି ଅବସରରେ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କର୍ପୋରେଟର ସବିତା ସାହୁ, ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ସହରାଂଚଳ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଶରତ କୁମାର ସାମଲଙ୍କ ସମେତ ସମସ୍ତ ବିଶେଷଜ୍ଞ ଚିକତ୍ସା ଅଧିକାରୀ ଓ ଚିକିତ୍ସା କେନ୍ଦ୍ରର ସମସ୍ତ କର୍ମଚାରୀ ଆଦି ଉପସ୍ଥିତ ଥିଲେ। ଆଜି ସାରା ଭାରତ ବର୍ଷରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଏହି 'ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହାର ଲକ୍ଷ ଭାରତର ସମସ୍ତ ମହିଳା ମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ବିଶେଷଜ୍ଞ ସେବା ମଧ୍ୟମାରେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସେବା ଯଥା; ଅଣସଂକ୍ରମଣ ରୋଗ ଯେପରିକି ମଧୁମେୟ, ଉଚ୍ଚ ରକ୍ତଚାପ, ଗର୍ବ କର୍କଟ, ସ୍ତନ କର୍କଟ, ମୁଖ କର୍କଟ, ଯକ୍ଷ୍ମା ରୋଗ, ରକ୍ତ ହୀନତା, ରକ୍ତ ଶିଙ୍ଗୁଳି ଜନିତ ରୋଗ ଆଦିର ଚିହ୍ନଟିକରଣ, ଗର୍ଭ ଜନିତ ସେବା ଓ ବୟସ ମୁତାବକ ଟୀକାକରଣ ଭଳି ସ୍ୱାସ୍ଥ୍ୟ ସେବା ଯୋଗେଇ ଦେବାର ଲକ୍ଷ ରଖାଯାଇଛି। ଏହି ଅବସରରେ ମେୟର କହିଛନ୍ତି, ସ୍ତ୍ରୀ ମାନେ ପ୍ରାୟତଃ ନିଜ ପରିବାରର ଦେଖାଶୁଣା କରୁଥିବା ବେଳେ ନିଜ ସ୍ୱାସ୍ଥ୍ୟକୁ ଅବହେଳା କରନ୍ତି। ପ୍ରତ୍ୟେକ ସ୍ତ୍ରୀ ନିଜ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାକୁ ପ୍ରାଥମିକତା ଦିଅନ୍ତୁ।

# 'ଏକ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମ



**ହିଞ୍ଜିଳିକାଟୁ,୧୭।୯(ସଂଚାର ବ୍ୟୁରୋ):** ଗଛ ଆମକୁ ଜୀବନ ଦେଉଛି। ସେ ଆମକୁ ଲାଳନପାଳନ କରୁଛି ହେଲେ ଆମେ ମଧ୍ୟ ଗଛ ଲଗାଇ ତାକୁ ନିଜ ସନ୍ତାନ ଭଳି ଲାଳନପାଳନ କରିବା ଆବଶ୍ୟକ। ଗଛ ଓ ମଣିଷ ଉଭୟ ଉଭୟଙ୍କ ପାଇଁ ପରିପୂରକ। ଏହି ପରିପ୍ରେକ୍ଷୀରେ ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗର୍ତ ଗଣ୍ଡଳା ପଞ୍ଚାୟତରେ ଏକ ପେଡ ମା' କେ ନାମ୍" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ମାନେ ଯୋଗ ଦେଇ ଚାରାରୋପଣ କରି ମା' ଯେପରି ଆମକୁ ଜନ୍ମଦେଇ ଆମର ଯତ୍ନନେଇ ଲାଳନପାଳନକରି ବଡକରି ମଣିଷଟିଏ କରିଛି ଆମେ ମଧ୍ୟ ସେହି ମାକୁ ସମ୍ମାନ ଦେବାଲାଗି ଗଛଟିଏ ଲଗାଇ ତାକୁ ନିଜ ସନ୍ତାନ ଭଳି ଲାଳନପାଳନ କରିବା ଆବଶ୍ୟକତା ରହିଥିବା କହି ସଂକଳ୍ପ ନେବାକୁ ଆହ୍ୱାନ ଦେଇ ଗଛ ଓ ମଣିଷ ଉଭୟ ଉଭୟଙ୍କ ପାଇଁ ପରିପୂରକ ବୋଲି ମତ ରଖିଥିଲେ। ଏହି ଚାରାରୋପଣ କାର୍ଯ୍ୟକ୍ରମ ବ୍ଲକର ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ହୋଇଛି।

# ବିଶ୍ୱକର୍ମା ପୂଜାରେ ଅଘଟଣ, ଅଳ୍ପକେ ବଞ୍ଚିଗଲେ ଶହ ଶହ ଉଠାଦୋକାନୀ



**ପାରାଦ୍ୱୀପ,୧୭।୯(ସଂଚାର ବ୍ୟୁରୋ):** ପାରାଦୀପ ବିଶ୍ୱକର୍ମା ପୂଜାରେ ଅଘଟଣ। ହଠାତ ଚୁଡ଼ି ଦୋକାନରେ ଲାଗିଗଲା ନିଆଁ। ଅଗ୍ନିସମ ବାହିନୀ ଆସି ନିଆଁକୁ କଲେ ଆୟତ। ପୂଜା ମଣ୍ଡପକୁ ଲଗି ମୀନା ବଜାର ଓ ହଜାରେରୁ ଉର୍ଦ୍ଧ୍ୱ ଉଠାଦୋକାନୀ ଚଳିତ ବର୍ଷ ସେମାନଙ୍କର ବ୍ୟବସାୟ କରିବାକୁ ଦୋକାନ ଦେଇଥିବା ବେଳେ ଚୁଡ଼ି ଦୋକାନରେ ରୋଷେଇ କରୁଥିବା ବେଳେ ଗ୍ୟାସ ଟାଙ୍କିରେ କାରଣରୁ ନିଆଁ ଲଗି ଯାଇଥିଲା। ଏହି ଅଗ୍ନିକାଣ୍ଡ ଫଳରେ ଚାରିଆଡ଼େ ଦୋକାନୀ ମାନେ ଛାନିଆ ହୋଇ ଯାଇଥିବା ବେଳେ କାହାର କିଛି ବିଶେଷ କ୍ଷତି ହୋଇ ନଥିବା ଓ ତୁରନ୍ତ ଅଗ୍ନିସମ ବିଭାଗ ପକ୍ଷରୁ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରାଯିବାରୁ ଏକ ବଡ ଅଘଟଣରୁ ରକ୍ଷା ପାଇଗଲା ବୋଲି କୁହାଯାଉଛି।

# ମହିଳା ନିର୍ଯାତନା ବିରୋଧରେ ବିଜୁ ମହିଳା ଜନତା ଦଳର ପ୍ରତିବାଦ



**ଯାଜପୁର,୧୭।୯(ସଂଚାର ବ୍ୟୁରୋ):** ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ନିର୍ଯାତନା ପ୍ରତିବାଦରେ ଆଜି ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହେଲା। ପାଣିକୋଇଲି ସମିତି ସଭ୍ୟା ସୁଜାତାଙ୍କ ନେତୃତ୍ୱରେ ୫୦୦ରୁ ଅଧିକ ସମର୍ଥକଙ୍କ ସହିତ ବିଭିନ୍ନ ସ୍ଲୋଗାନ ଓ ପୋଷ୍ଟର ନେଇ ସେମାନେ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଦବଦବା ପ୍ରଦର୍ଶନ କରିଥିଲେ ପରେ, ସୁଜାତାଙ୍କ ନେତୃତ୍ୱରେ ବିଜୁ ମହିଳା ଜନତା ଦଳର ପ୍ରତିନିଧିମଣ୍ଡଳ ଯାଜପୁର ଏସପିଙ୍କ ଜରିଆରେ ଡିଜିପିଙ୍କୁ ଦାବିପତ୍ର ପ୍ରଦାନ କରିଲେ। ଏହି ଦାବିପତ୍ରରେ ସମ୍ପ୍ରତି ରାଜ୍ୟରେ ଘଟୁଥିବା ଦୁଷ୍କର୍ମ, ଗଣଦୁଷ୍କର୍ମ, ଯୌନ ଉତ୍ପୀଡ଼ନ, ମହିଳା ନିଖୋଜ ମାମଲା ସହିତ ବିଭିନ୍ନ ମହିଳା ବିରୋଧୀ ଅପରାଧରେ ସରକାରୀ ବିଫଳତାକୁ ଉଲ୍ଲେଖ କରି ଶୀଘ୍ର କଠୋର ପଦକ୍ଷେପ ନେବାକୁ ଦାବି କରାଯାଇଛି। ଦାବିପତ୍ରରେ ବିଶେଷ କରି ବାଲେଶ୍ୱର ଏବଂ ଗୋପାଳପୁରର ଲୋମହର୍ଷଣକାରୀ ଘଟଣା, ସରକାରୀ ସ୍କୁଲ ଓ ହଷ୍ଟେଲରେ ଯୌନ ନିର୍ଯାତନା ଘଟଣା, ଏବଂ ୯ ମାସରେ ୨୦,୦୦୦ରୁ ଅଧିକ ମହିଳା ନିଖୋଜ ହେବା ପରିସ୍ଥିତିକୁ ଉଲ୍ଲେଖ କରାଯାଇଛି। ପାଣିକୋଇଲି ସମିତିସଭ୍ୟା ସୁଜାତା ଘଡାଇ କହିଥିଲେ - "ମହିଳାଙ୍କ ପ୍ରତି ଦୁଷ୍କର୍ମ ଓ ଅପମାନକୁ ବନ୍ଦ କରିବା ପାଇଁ ଆଇନସମ୍ମତ ଭାବେ କଠୋର କାର୍ଯ୍ୟାନୁଷ୍ଠାନ ଦରକାର। ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ଦୃଢ଼ କରିବା ପରିସ୍ଥିତିର ଆବଶ୍ୟକତା ରହିଛି।"

# ଛାତ୍ରୀକୁ ଅସଦାଚରଣ ଶିକ୍ଷକ ନିଲମ୍ବିତ

**ସାଲେପୁର,୧୭।୯(ସଂଚାର ବ୍ୟୁରୋ):** ଶିକ୍ଷା ମଣ୍ଡଳ ଅନ୍ତର୍ଗତ ବଣହରା ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରଞ୍ଜନ ମୋହନ ବେହେରା ବିଦ୍ୟାଳୟ ରେ ପାଠପଢ଼ାଉଥିବା ସମୟରେ ଜଣେ ସପ୍ତମ ଶ୍ରେଣୀର ଛାତ୍ରୀକୁ ଅସଦାଚରଣ କରିଥିବାର ସାଲେପୁର ମଣ୍ଡଳ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। ଶିକ୍ଷାଅଧିକାରୀ ଏହିଘଟଣାର ବିଧିବଦ୍ଧ ଭାବେ ତଦନ୍ତ କରି ବିଜ୍ଞାନ ଶିକ୍ଷକ ରଞ୍ଜନ ମୋହନ ବେହେରାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ସାଲେପର ମଣ୍ଡଳଶିକ୍ଷା ଅଧିକାରିଣୀ ଲକ୍ଷେହିରା ଲାବଣ୍ୟବତୀ ବେହେରା ପ୍ରକାଶ କରିଛନ୍ତି।

# ସୁଭଦ୍ରା ଯୋଜନାକୁ ବର୍ଷେ ପୂରଣ, ମଙ୍ଗଳା ମନ୍ଦିର ସମ୍ମୁଖରେ ଦୀପଦାନ

● 'ଧନ୍ୟବାଦ ମୋଦିଜୀ 'କାର୍ଯ୍ୟକ୍ରମ ଶୁଭାରମ୍ଭ



**କାକଟପୁର/ଅସ୍ତରଙ୍ଗ,୧୭।୯(ସଂଚାର ବ୍ୟୁରୋ):** ଠିକ ବର୍ଷେ ତଳେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ରମୋଦୀଜୀ ଙ୍କ ଜନ୍ମଦିନ ଅବସରରେ ମୋଦୀ ଙ୍କ କରକମଳରେ ଓଡିଶାରେ ସୁଭଦ୍ରା ଯୋଜନା ଆରମ୍ଭ ହୋଇଥିଲା। ଓଡିଶାର ମହିଳା ଙ୍କୁ ସଶକ୍ତ ଓ ସ୍ୱାବଲମ୍ବି କରିବା ପାଇଁ ଆରମ୍ଭ ହୋଇଥିବା ଏହି ଯୋଜନାରେ ବର୍ଷେ ଭିତରେ ୧କୋଟିରୁ ଅଧିକ ମହିଳା ଲାଭାନ୍ୱିତ ହେବା ସହ ଆଜି ଏହା ଦେଶର ପ୍ରମୁଖ କଲ୍ୟାଣକାରୀ ଯୋଜନା ରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ସଂକଳ୍ପ ସହ ତାଳରେ ତାଳ ମିଶେଇ ଆଜି ସୁଭଦ୍ରା ଯୋଜନା ମାଧ୍ୟମରେ ଓଡିଶାର ମହିଳା ଆତ୍ମନିର୍ଭରଶୀଳ ହେଉଛନ୍ତି। ସେପ୍ଟେମ୍ବର ୧୭ପ୍ରଧାନମନ୍ତ୍ରୀ ମୋଦୀଜୀ ଙ୍କ ଜନ୍ମଦିନ ସହ ସୁଭଦ୍ରା ଯୋଜନା କୁ ୧ବର୍ଷ ଅବସରରେ ପୁରୀ ଜିଲ୍ଲା କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ମନ୍ଦିର ପରିଦର୍ଶନ କରିବା ସହ ମା ମଙ୍ଗଳା ମନ୍ଦିର ସମ୍ମୁଖ ରେ ଓଡିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀ ମତୀ ପ୍ରଭାତୀ ପରିଡ଼ା ଓ କାକଟପୁର ବ୍ଲକ ଅଞ୍ଚଳର ଅଙ୍ଗନବାଡି କର୍ମୀ ଙ୍କ ଉପସ୍ଥିତ ରେ ୨୦୮ଟି ଦୀପ ଲଗାଇଥିଲେ।ସୁଭଦ୍ରା ଯୋଜନା ଓଡିଶାର ମହିଳା ମାନଙ୍କ ସଶକ୍ତିକରଣ ପାଇଁ ଏକ ଦୃଢ଼ ପଦକ୍ଷେପ। ଏହି ଯୋଜନାର ମୂଳ ଲକ୍ଷ୍ୟ ହେଉଛି ମହିଳା ମାନଙ୍କୁ ସାମାଜିକ ସୁରକ୍ଷା ଓ ଆର୍ଥିକ ସ୍ୱାଧୀନତା ମାଧ୍ୟମରେ ଆତ୍ମନିର୍ଭର କରିବା। ପୂର୍ବରୁ ଯେଉଁ ମହିଳା ମାନେ ଅର୍ଥ ଉପାର୍ଜନ କରିବାର ସୁଯୋଗ ପାଉନଥିଲେ ସେମାନେ ଏବେ ସୁଭଦ୍ରା ସହାୟତା ରେ ସ୍ୱାବଲମ୍ବି ହୋଇ ନୂଆ ପରିଚୟ ଗଢୁଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ ଦିଗଦର୍ଶନରେ ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନା ପରିବାର ଓ ସମାଜରେ ମହିଳା ଙ୍କୁ ନେତୃତ୍ୱ ନେବାରେ ସୁଯୋଗ ଦେଉଛି। ଆଜି ସୁଭଦ୍ରା ଯୋଜନାର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ସୁଭଦ୍ରା ଭଉଣୀ ମାନେ 'ଧନ୍ୟବାଦ ମୋଦିଜୀ 'ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ନାରୀ ସୁରକ୍ଷା ପ୍ରସଙ୍ଗ, ମହିଳା ବିଜେଡି ପକ୍ଷରୁ ଧାରଣା



**ବ୍ରହ୍ମପୁର,୧୭।୯ (ସଂଚାର ବ୍ୟୁରୋ):** ରାଜ୍ୟରେ ମହିଳାଙ୍କ ବିରୋଧରେ ପ୍ରତିଦିନ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ସୁରକ୍ଷା ପ୍ରଦାନ ପାଇଁ ବାରମ୍ବାର ଅନୁରୋଧ କରାଯିବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ପୋଲିସ୍ ପ୍ରତି ଅପରାଧୀଙ୍କ ଭୟ ନାହିଁ। ତେବେ ମହିଳାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟବ୍ୟାପୀ ମହିଳା ବିଜେଡି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କ୍ରମରେ ବିଜୁ ଜନତା ଦଳର ଗଞ୍ଜାମ ଜିଲ୍ଲା ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ମହିଳା ବିଜୁ ଜନତା ଦଳ ପକ୍ଷରୁ ବ୍ରହ୍ମପୁର ଠାରେ ଦକ୍ଷିଣାଞ୍ଚଳ ଆଇଜିଙ୍କ ଜରିଆରେ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଏପରିକି ଏସପି ଏବଂ ଆଇଜି ଉପସ୍ଥିତ ନଥିବାରୁ କାର୍ଯ୍ୟାଳୟ ଗେଟ୍ ସାମ୍ନାରେ ମହିଳା ନେତ୍ରୀ ଓ କର୍ମୀ ମାନେ କିଛି ସମୟ ଧରି ଧାରଣା ଦେଇଥିଲେ। ପରେ ଖୋଦ ଆଇ.ଜି ଦଳର ଦାବିପତ୍ରକୁ ଗ୍ରହଣ କରିଥିଲେ। ବିଜେଡି କହିଛି କି, ରାଜ୍ୟରେ ମହିଳା ମାନଙ୍କ ପ୍ରତି ଘଟୁଥିବା ଅପରାଧ, ଅସମ୍ମାନ ଓ ଅପମାନ ଜନକ ପରିସ୍ଥିତି ଉପରେ ରୋକ୍ ଲଗାଇବାକୁ ରାଜ୍ୟ ବିଜେପି ସରକାର ବିଫଳ ହୋଇଛି। ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକ ସୁରକ୍ଷିତ ନୁହନ୍ତି, ସବୁ ଥାନାରେ ନାହିଁ ମହିଳା ଓ ଶିଶୁ ଡେସ୍କ। ଯେଉଁଠି ଅଛି ସେଠାରେ ପୁରୁଷ କର୍ମଚାରୀ ବସୁଛନ୍ତି। ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ଠାରୁ ଆରମ୍ଭ କରି ପୁରୀ ବାଲିହରଚଣ୍ଡୀ ଗଣଦୁଷ୍କର୍ମ ଘଟଣାରେ ଅପରାଧୀଙ୍କ ଉପରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ସରକାର। ଓଡ଼ିଶାର ସାମ୍ପ୍ରତିକ ମାମଲାରେ ମହିଳାଙ୍କ ପ୍ରତି ହେଉଥିବା ନିର୍ମମ ଆକ୍ରମଣ, ଅତ୍ୟାଚାର, ଦୁଷ୍କର୍ମ, ଗଣ ଦୁଷ୍କର୍ମ, ଯୌନ ଉତ୍ପୀଡନ ଏବଂ ବିଭିନ୍ନ ପ୍ରକାର ହିଂସା ଏହି ସରକାରରେ ଏକ ନିରନ୍ତର ପ୍ରକ୍ରିୟାରେ ପରିଣତ ହୋଇଛି। ଯାହା ନ୍ୟାୟ ପ୍ରଦାନରେ ବ୍ୟବସ୍ଥାଗତ ବିଫଳତାକୁ ମଧ୍ୟ ପ୍ରକାଶ କରୁଛି।

# ବୃକ୍ଷରୋପଣ ସହିତ ରକ୍ତଦାନ ଶିବିର

● ପରିବେଶ ଓ ମାନବତାର ସେବାରେ ଦୁଇଟି ପ୍ରତୀକାତ୍ମକ ପଦକ୍ଷେପ



**ଯାଜପୁର,୧୭।୯(ସଂଚାର ବ୍ୟୁରୋ):** ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ୭୫ତମ ଜନ୍ମଦିନକୁ କେବଳ ଉତ୍ସବର ଅବସର ଭାବରେ ନୁହେଁ, ସାମାଜିକ ସନ୍ଦେଶର ଅଭିଯାନରେ ପରିଣତ କରିବାରେ ଓଡ଼ିଶାର ପ୍ରୟାସ ସ୍ୱାଗତଯୋଗ୍ୟ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନରେ "ଏକ୍ ପେଡ୍ ମା' କେ ନାମ୍ ୨.୦" କାର୍ଯ୍ୟକ୍ରମ, ଏହାର ସାରଥିରୂପେ, ପ୍ରକୃତି ପ୍ରତି ଦାୟିତ୍ୱବୋଧକୁ ଅନୁଭବିତ କରାଇଛି। ଯାଜପୁର ସାଂସଦ ରବି ବେହେରା ଓ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପସଭାପତି ସଂଗ୍ରାମ କେଶରୀ ପତ୍ରଙ୍କ ଯଯାତି କେଶରୀ ମେଡିକାଲ କଲେଜ ପ୍ରାଙ୍ଗଣରେ ବୃକ୍ଷରୋପଣ କେବଳ ଗଛ ଲଗାଇବାର ଅଭିଯାନ ନୁହେଁ— ଏହା ଆସନ୍ତା ପିଢ଼ି ପାଇଁ ପରିବେଶ ସୁରକ୍ଷାର ସଙ୍କଳ୍ପ। ତାପରେ, ଯାଜପୁର ଅଟୋ ଆସୋସିଏସନ ଆୟୋଜିତ ରକ୍ତଦାନ ଶିବିରରେ ସେମାନଙ୍କ ଅଂଶଗ୍ରହଣ, ମାନବତା ପ୍ରତି ସତ୍ୟ ସମର୍ପଣର ପ୍ରତିକ। ରକ୍ତଦାତାମାନଙ୍କୁ ସମ୍ମାନିତ କରାଇବା, ସମାଜରେ ସେବାଭାବକୁ ପ୍ରକାଶ କରେ। ଦୁଇଟି କାର୍ଯ୍ୟକ୍ରମ— ପରିବେଶର ସୁରକ୍ଷା ଓ ଜୀବନର ସୁରକ୍ଷା ଏକାଥରକେ ସାର୍ଥକତା ପାଇଛି। ଏହାରୁ ସ୍ପଷ୍ଟ, ଉତ୍ସବକୁ ମାତ୍ର ଆନନ୍ଦରେ ସୀମିତ ରଖିବା ନୁହେଁ, ସେଥିରୁ ସାମାଜିକ ଦାୟିତ୍ୱର ପଥକୁ ସୁଦୃଢ଼ କରିବା, ଆମର ସାଂସ୍କୃତିକ ଓ ନୈତିକ ପରମ୍ପରା।

# ବାଲକାଟୀ ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ



**ବାଲିଅନ୍ତା,୧୭।୯(ସଂଚାର ବ୍ୟୁରୋ):** ସରକଣାଠାରେ ଅଞ୍ଚଳର ଏକ ଅଗ୍ରଣି ଶିକ୍ଷା ଅନୁଷ୍ଠାନ ସାରଦା ଦେବୀ ଫାର୍ମାସୀ କଲେଜ୍ ପକ୍ଷରୁ ଏକ ଔଷଧିୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରମେୟ ପ୍ରତିନିଧି ସୋମନାଥ ସ୍ୱାଇଁ, ଶିକ୍ଷାବିତ୍ ଭିମସେନ ଜେନା, ଚିନ୍ମୟ ବରାଳ, ଶଚ୍ଚିଦାନନ୍ଦ ଶତପଥି, କୈଳାସ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇ ବୃକ୍ଷ ରୋପଣ କରିବା ସହିତ ପରିବେସ ଓ ପର୍ଯ୍ୟାବରଣର ସୁରକ୍ଷା ସମ୍ପର୍କିତ ଏକ ଆଲୋଚନା ଚକ୍ରରେ ଛାତ୍ର/ ଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଡ଼ଃ ଶତିସ ପ୍ରଧାନ, ଅଧକ୍ଷ ପ୍ରମୋଦ କୁମାର ରଥ, ଡ଼ଃ ସଞ୍ଜିବ୍ ପଣ୍ଡା, ଜୟା ବିଶ୍ୱାସଙ୍କ ସହିତ ଉପାଧକ୍ଷ ପାର୍ଥ ସାରଥି ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକସୁନ୍ଦର ଓ ଶିକ୍ଷଣୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମୋଦିଙ୍କ ଜନ୍ମଦିନରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ

**ଛତ୍ରପୁର, ୧୭।୯ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଅବସରରେ ଛତ୍ରପୁର ସ୍ଥିତ ଅଷ୍ଟମ ବଟାଲିଅନ୍ ପରିସରରେ 'ମା ପାଇଁ ଗଛଟିଏ' ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଅଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡିଏଫଓ ଶ୍ରୀ ସନି ଖୋକର ଯୋଗଦେଇଥିଲେ। ବଟାଲିଅନ୍ କମାଣ୍ଡାଣ୍ଟ ଶ୍ରୀ ସାରଦା ପ୍ରସାଦ ଦାସଙ୍କ ନେତୃତ୍ୱରେ ଗଞ୍ଜାମ ବ୍ଲକର ସହଯୋଗରେ ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯାଇଅଛି।ଏହି ଅବସରରେ କମାଣ୍ଡାଣ୍ଟ ଶ୍ରୀ ସାରଦା ପ୍ରସାଦ ଦାସ ସମାଜକୁ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇ କହିଲେ - "ଜୀବନରେ ଦୁଇଟି ମା'ର ଗୁରୁତ୍ୱ ଅସୀମ। ଗୋଟିଏ ମା' ଆମକୁ ଜନ୍ମ ଦିଅନ୍ତି, ଅନ୍ୟ 'ମା' ପରିବେଶ ଆମକୁ ସୁରକ୍ଷା ଦିଅନ୍ତି। ପରିବେଶର ସବୁଠୁ ମୁଖ୍ୟ ଅଂଶ ବୃକ୍ଷ, ଯାହା ମାନବଜୀବନର ଅଭିନ୍ନ ଅଂଶ ହୋଇ ସମଗ୍ର ପୃଥିବୀକୁ ସନ୍ତୁଳିତ କରେ। ସେହିପାଇଁ ସମସ୍ତଙ୍କୁ ବୃକ୍ଷରୋପଣରେ ଅଗ୍ରଗାମୀ ହେବା ଆବଶ୍ୟକ।" ଅନ୍ୟାନ୍ୟ ଅତିଥିମାନେ ମତ ପ୍ରକାଶ କରିଥିଲେ, ଏପରି ପଦକ୍ଷେପ ପରିବେଶ ସୁରକ୍ଷା ସହିତ ସମାଜରେ ସଚେତନତା ଓ ସାମାଜିକ ଦାୟିତ୍ୱବୋଧକୁ ଦୃଢ଼ କରିବାରେ ଉଲ୍ଲେଖନୀୟ ଭୂମିକା ତୁଲାଇବ।

# ଗୋଟିଏ ଦିନରେ ଦେଢ଼କୋଟି ଚାରାରୋପଣ

- ଓଡ଼ିଶା ଭାଙ୍ଗିଲା ସମସ୍ତ ରେକର୍ଡ, ସ୍ଥାପନ କଲା ନୂଆ ବିଶ୍ୱକୀର୍ତ୍ତି
- ୧୪ ଲକ୍ଷରୁ ଅଧିକ ଚାରାରୋପଣ କରି ଶୀର୍ଷରେ ସୁନ୍ଦରଗଡ଼ ଜିଲ୍ଲା



**ଭୁବନେଶ୍ୱର,୧୭।୯(ସଂଚାର ବ୍ୟୁରୋ) :** ଏକ ଅନନ୍ୟ ଇତିହାସ ଏବଂ ଏକ ଅସାଧାରଣ ଉଦାହରଣ ସୃଷ୍ଟି କରିଛି ଆଜି ଓଡ଼ିଶା। ମା' ଓ ମାତୃଭୂମି, ପ୍ରକୃତି ଓ ପରିବେଶକୁ ଓଡ଼ିଆମାନେ କେତେମାତ୍ରାରେ ଭଲ ପାଆନ୍ତି, ତାହା ଆଜି ପ୍ରମାଣିତ କରି ଦେଖେଇ ଦେଇଛନ୍ତି। ଓଡ଼ିଆମାନେ ଐକ୍ୟବଦ୍ଧ ହେଲେ କୋଣାର୍କ ଗଢ଼ିପାରନ୍ତି, ଓଡ଼ିଆମାନେ ଐକ୍ୟବଦ୍ଧ ହେଲେ କଳ୍ପନା ଠାରୁ ଅଧିକ କିଛି କରିପାରନ୍ତି - ମାତ୍ର ୧୨ ଘଣ୍ଟା ଭିତରେ ପାଖାପାଖି ୧.୫ କୋଟି ଚାରା ରୋପଣ କରି ପ୍ରମାଣିତ କରି ଦେଖେଇଦେଇଛନ୍ତି ଓଡିଆମାନେ ସାରା ବିଶ୍ୱକୁ ସେମାନେ କିପରି ଏକ ମହାନ ଜାତି । ସେପ୍ଟେମ୍ବର ୧୭, ୨୦୨୫ ତାରିଖ କେବଳ ଭାରତ ଇତିହାସରେ ନୁହେଁ , ସମଗ୍ର ବିଶ୍ୱ ଇତିହାସରେ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ। ଯେତେବେଳେ ଚାରା ରୋପଣ, ସାମାଜିକ ଏକତା ଓ ଏକ ଅଭିଯାନକୁ କିପରି ଆନ୍ଦୋଳନରେ ପରିବର୍ତ୍ତନ କରାଯାଏ, ସେକଥା ସାମ୍ନାକୁ ଆସିବ।

'ଏକ ପେଡ୍ ମା କେ ନାମ ଦ୍ୱିତୀୟ ସଂସ୍କରଣ' ଅଭିଯାନ ଅନ୍ତର୍ଗତ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିବସ ଅବସରରେ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ମଧ୍ୟରେ ୭୫ ଲକ୍ଷ ଚାରା ରୋପଣ କରିବା ପାଇଁ ଓଡ଼ିଶାବାସୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ କରିଥିଲେ। ଏହି ଆହ୍ୱାନକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରି ଓଡ଼ିଶାବାସୀ ଆଜି ଅପରାହ୍ନ ୪.୩୦ ସୁଦ୍ଧା ୧,୪୯,୧୧,୩୩୯ ଗୋଟି ଚାରା ରୋପଣ କରି କେବଳ ଭାରତ ବର୍ଷ ନୁହଁ, ବିଶ୍ୱ ରେକର୍ଡ ସ୍ଥାପନ ପୂର୍ବକ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛନ୍ତି। ସେଥିପାଇଁ ସମ୍ପୃକ୍ତ ସମସ୍ତ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଛାତ୍ର-ଛାତ୍ରୀ, ଆବାଳ-ବୃଦ୍ଧ-ବନିତା ସମସ୍ତଙ୍କୁ ବିଭାଗ ପକ୍ଷରୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଏହା ପୂର୍ବରୁ ମଧ୍ୟପ୍ରଦେଶ ସରକାର ଗୋଟିଏ ଦିନରେ ୧୧ ଲକ୍ଷ ଚାରା ରୋପଣ କରି ରେକର୍ଡ ସୃଷ୍ଟିକରିଥିଲା। ତା'ପୂର୍ବରୁ ଆସାମ ସରକାର ଗୋଟିଏ ଦିନରେ ୯ ଲକ୍ଷ ୨୬ ହଜାର ଚାରା ରୋପଣ କରି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲା। କିନ୍ତୁ, ଆଜି ଓଡ଼ିଶା ମାତ୍ର କେଇ ଘଣ୍ଟା ଭିତରେ ୧.୫ କୋଟି ଚାରା ରୋପଣ କରି ପୂର୍ବର ସମସ୍ତ ରେକର୍ଡକୁ ଭାଙ୍ଗି ଦେଇଛି। ସ୍ଥାପନ କରିଛି ଏକ ଅବିଶ୍ୱାସନୀୟ ଓ ଅବିସ୍ମରଣୀୟ ମହାମାନବୀୟ କୀର୍ତ୍ତି।

ସଂଖ୍ୟାଦୃଷ୍ଟିରୁ ବିରଳ ରେକର୍ଡ କରିବା, ଗିନିଜ ବୁକ ଅଫ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବା ଓ ଅନ୍ୟ ରାଜ୍ୟ ପାଇଁ ଦୃଷ୍ଟାନ୍ତ ସାଜିବା ଓଡ଼ିଶା ସରକାରଙ୍କ ପାଇଁ ଗୌରବର କଥା, କିନ୍ତୁ ତାଠୁ ବଡ଼ ଲକ୍ଷ ହେଉଛି ଆଗାମୀ ପିଢ଼ିଙ୍କ ପାଇଁ ଏକ ସ୍ୱଚ୍ଛ-ସବୁଜ-ସୁନ୍ଦର-ସମୃଦ୍ଧ-ସ୍ୱୟଂ ସମ୍ପୂର୍ଣ୍ଣ ଓଡ଼ିଶା ନିର୍ମାଣ କରିବା। ସୁନ୍ଦରଗଡ଼ ଜିଲ୍ଲା ୧୪,୨୧,୬୧୮ ଚାରା ରୋପଣ ସହ ଏହି ଅଭିଯାନରେ ଶୀର୍ଷରେ ରହିଛି। କୋରାପୁଟ ୧୧,୦୧,୬୨୪ ଚାରା ରୋପଣ ସହିତ ଦ୍ୱିତୀୟ ଏବଂ କେନ୍ଦୁଝର ୧୦,୪୨,୯୨୭ ଚାରା ରୋପଣ ସହିତ ତୃତୀୟ ସ୍ଥାନରେ ରହିଛି। ମୟୂରଭଞ୍ଜ ୯,୧୭,୬୫୯ ଏବଂ ଏବଂ କଳାହାଣ୍ଡି ୭,୬୭,୫୧୦ ଚାରା ରୋପଣ ସହିତ ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ରହିଛନ୍ତି । ୧,୩୧,୮୮୫ ଚାରା ରୋପଣ ସହିତ ଦେବଗଡ଼ ତାଲିକାର ଶେଷରେ ରହିଛି।



ସଂଚାର କାର୍ଯ୍ୟାଳୟରେ ଉତ୍ସାହ ଉଦ୍ଦିପନାର ସହ ପାଳିତ ହୋଇଛି ବିଶ୍ୱକର୍ମା ପୂଜା

## ୬ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସାଇବର ଠକେଇ

**ବାରିପଦା, ୧୭।୯(ସଂଚାର ବ୍ୟୁରୋ):** ଅନଲାଇନ ବିନିଯୋଗ ଜରିଆରେ ଅଧିକ ଆୟର ପ୍ରଲୋଭନ ଦେଖାଇ ୬ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାଇବର ଠକେଇ ହୋଇଛି। ଏନେଇ ବାଦାମପାହାଡ଼ ଥାନା ଅନ୍ତର୍ଗତ ଖଡମବେଡା ଗ୍ରାମର ଲୋହିତ କିଶୋର ତିରିଆ ସାଇବର ଓ ଅର୍ଥନୈତିକ ଅପରାଧୀ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ଅନଲାଇନ ଜରିଆରେ ଟଙ୍କା ବିନିଯୋଗ କରି ଅଧିକ ଟଙ୍କା କମାଇ ପାରିବେ ପ୍ରଲୋଭିତ କରିଥିଲେ। ସେ ରାଜି ହୋଇ ୬, ୪୦, ୦୦୦ ଟଙ୍କା ପ୍ରଦାନ କରିଥିଲେ। ଏହାପରେ କୋଣସି ଯୋଗାଯୋଗ କି ଟଙ୍କା ଫେରସ୍ତ କରିନଥିଲେ। ସମୁଦାୟ ଟଙ୍କା ଠକେଇ କରି ନେଇଥିଲେ। ବାରମ୍ବାର ଯୋଗାଯୋଗ କରିବାକୁ ପ୍ରଚେଷ୍ଟା କରିଥିବା ବେଳେ ସମ୍ଭବ ହୋଇନଥିଲା। ଯାହାକୁ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି।



ବାରବାଟୀ ଷ୍ଟାଡିଅମ ଠାରେ ଆୟୋଜିତ ଓଡ଼ିଶା ପ୍ରୋ ଲିଗ୍ ଉଦଘାଟନ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ବିଧାନସଭା ଅଧିବେଶନ ପୂର୍ବରୁ ବିରୋଧୀଙ୍କ ରଣନୀତି





- ମହିଳାଙ୍କ ସୁରକ୍ଷା, ସାର ଅଭାବ ବିଜେଡି ଉଠାଇବ
- ସରକାର ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିବ କଂଗ୍ରେସ

**ଭୁବନେଶ୍ୱର,୧୭।୯(ସଂଚାର ବ୍ୟୁରୋ):** ବିଧାନସଭା ଅଧିବେଶନ ଆରମ୍ଭ ପୂର୍ବରୁ ଦୁଇ ପ୍ରମୁଖ ବିରୋଧୀ ଦଳ ପକ୍ଷରୁ ରଣନୀତି ପ୍ରସ୍ତୁତ ହୋଇଛି। ସରକାରକୁ ଘେରିବା ଲାଗି ବିଜେଡି ମହିଳା ସୁରକ୍ଷା ଓ ସାର ଅଭାବକୁ ପ୍ରସଙ୍ଗ କରିଥିବା ବେଳେ କଂଗ୍ରେସ ସରକାର ବିରୋଧରେ ଅନାସ୍ଥା ଆଣିବ ବୋଲି କହିଛି।

ଆଜି ସନ୍ଧ୍ୟାରେ ବିଜୁ ଜନତା ଦଳର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଗାମୀ କାଲିଠାରୁ ଆରମ୍ଭ ହେଉଥିବା ବିଧାନସଭା ଅଧିବେସନରେ ଦଳର ରଣନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଉଦ୍‌ବୋଧନ ଦେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ ଯେ, ବିଧାନ ସଭାର ମୌସୁମୀ ଅଧିବେସନ ସଂକ୍ଷିପ୍ତ ହେଲେ ମଧ୍ୟ ରାଜନୈତିକ ଦୃଷ୍ଟିରୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ। ଗତ ସାଢେ ତିନି ମାସ ମଧ୍ୟରେ ମହିଳା ସୁରକ୍ଷା, ସାର ଯୋଗାଣ ଓ ଚାଷୀଙ୍କ ସ୍ୱାର୍ଥ ରକ୍ଷା, ରାଜ୍ୟ ସ୍ୱାର୍ଥର ସୁରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ଡବଲ ଇଞ୍ଜିନ ସରକାରର ଅପାରଗତା ଓ ଉଦାସୀନତା ଜଳ ଜଳ ହୋଇ ଦିଶୁଛି। ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ଯାଇଛି। ମହିଳାମାନଙ୍କ ଉପରେ ଅତ୍ୟାଚାର ଜନିତ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ପ୍ରତିଦିନ ବଢି ଚାଲିଛି। ଏ ରାଜ୍ୟରେ ଏବେ କେହି ନିରାପଦ ନୁହନ୍ତି। ସେହିପରି ସାର ଯୋଗାଣ କ୍ଷେତ୍ରରେ ସୃଷ୍ଟି ହୋଇଥିବା ମାନବକୃତ ସଙ୍କଟ ଯୋଗୁଁ ଚାଷୀମାନେ ହଇରାଣ ହେଉଛନ୍ତି। କେବଳ ମିଛ ପ୍ରଚାର ବ୍ୟତୀତ ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛି। ତେଣୁ ଚାଷୀ, ମହିଳା, ପଞ୍ଚାୟତି ରାଜ ବ୍ୟବସ୍ଥା ତଥା ଓଡିଆ ଅସ୍ମିତାର ସୁରକ୍ଷା ପାଇଁ ବିଜୁ ଜନତା ଦଳ ବିଧାନ ସଭାରେ କଠୋର ଆଭିମୁଖ୍ୟ ନେଇ କାମ କରିବ ବୋଲି ବିରୋଧୀ ଦଳ ନେତା କହିଥିଲେ।

ସେପଟେ ଆଇନ ଶୃଙ୍ଖଳା, ବେକାରୀ ପ୍ରସଙ୍ଗ, ନାରୀ ସୁରକ୍ଷା, ଚାଷୀ, ଶିକ୍ଷା, ପିଇବା ପାଣି, ଦଳିତ ଆଦିବାସୀ ସୁରକ୍ଷା ଭଳି ପ୍ରସଙ୍ଗ ମୁଖ୍ୟ ପ୍ରସଙ୍ଗ ନେଇ କଂଗ୍ରେସ ଆଣିବ ଅନାସ୍ଥା ପ୍ରସ୍ତାବ। ସ୍ୱଳ୍ପ କାଳୀନ ଅଧିବେଶନ ପାଇଁ କଂଗ୍ରେସ ବିଧାୟକ ଦଳ ବୈଠକ ହୋଇଛି। ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ ଗୃହମନ୍ତ୍ରୀ ଅଛନ୍ତି। କଂଗ୍ରେସ ବାରମ୍ବାର ନିନ୍ଦା କରୁଛି ହେଲେ ସରକାରଙ୍କ ସିରିୟସ ନେସ ଜଣାପଡ଼ିନାହିଁ। ମୁଖ୍ୟମନ୍ତ୍ରୀ ଓ ପୋଲିସ କମିଶନରଙ୍କ କାର୍ଯ୍ୟ ପ୍ରଣାଳୀ ଉପରେ ପ୍ରଶ୍ନ ଉଠୁଛି। ସାର ଦୁଇ ଗୁଣ ଅଧିକ ଦାମ ରେ ଚାଷୀ କିଣୁଛନ୍ତି। ଆମଦାନୀ ଉପରେ ପ୍ରଭାବ ପଡିବ। ରାଜ୍ୟ ସରକାର କଳା ବଜାରୀ ମାନଙ୍କୁ ପ୍ରତ୍ସାହନ ଦେଇ ଆସୁଛନ୍ତି। ଧାନ କଟଣୀ ଛଟଣୀ ପାଇଁ ଚାଷୀ ଭାରାକ୍ରାନ୍ତ ହେଉଛି।ଆଇନ ଶୃଙ୍ଖଳା, ବେକାରୀ ପ୍ରସଙ୍ଗ, ନାରୀ ସୁରକ୍ଷା, ଚାଷୀ, ଶିକ୍ଷା, ପିଇବା ପାଣି, ଦଳିତ ଆଦିବାସୀ ସୁରକ୍ଷା ଭଳି ପ୍ରସଙ୍ଗ ମୁଖ୍ୟ ପ୍ରସଙ୍ଗ ହେବ। କଂଗ୍ରେସ ନିଷ୍ପତି ନେଇଛି ବିଧାନସଭାରେ ଅନାସ୍ଥା ପ୍ରସ୍ତାବ ଆଣିବ।

## ବଲାଙ୍ଗିର ଡିଇଓ ଅଫିସରେ କ୍ରାଇମବ୍ରାଞ୍ଚ

### ନକଲି ସାର୍ଟିଫିକେଟ ମାମଲାରେ ହୋଇଛି ରେଡ୍

**ବଲାଙ୍ଗିର,୧୭।୯(ସଂଚାର ବ୍ୟୁରୋ):** ବଲାଙ୍ଗିର ଡିଇଓ ଅଫିସରେ କ୍ରାଇମବ୍ରାଞ୍ଚ ଚଢ଼ଉ କରିଛି। ନକଲି ସାର୍ଟିଫିକେଟ ମାମଲାରେ ଖୋଳତାଡ଼ ଆରମ୍ଭ ହୋଇଛି। ବଲାଙ୍ଗିର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କ୍ରାଇମବ୍ରାଞ୍ଚ ଟିମ୍ ତନାଘନା ଏବେ ଜାରି ରହିଛି। ଅତିରିକ୍ତ ଏସ୍ ପି ବିକାଶ ରଞ୍ଜନ ବେଉରିଆଙ୍କ ନେତୃତ୍ୱରେ ରେଡ୍ ଚାଲିଛି। ନକଲି ସାର୍ଟିଫିକେଟରେ କିଛି ଶିକ୍ଷକ ଚାକିରି କରିଥିବା ଅଭିଯୋଗରେ ରେଡ୍ କରାଯାଇଛି।



## ସୁରକ୍ଷାକର୍ମୀଙ୍କ ଗୁଳିରେ ୪ ମାଓବାଦୀ ନିପାତ



**ମାଲକାନଗିରି,୧୭।୯(ସଂଚାର ବ୍ୟୁରୋ):** ପୁଣି ଗର୍ଜିଲା ଯବାନଙ୍କ ଗୁଳି, ଓଡ଼ିଶା ସୀମାନ୍ତ ଛତିଶଗଡ଼ ଛାତିରେ ମାଓବାଦୀ ଗଲେ ଟଳି। ମାଲକାନଗିରି ସୀମାନ୍ତ ଛତିଶଗଡ଼ର କଂକେର ଜିଲ୍ଲାରେ ପୁଣି ନକ୍ସଲ ପୁଲିସ ମଧ୍ୟରେ ଗୁଳିବିନିମୟ ହୋଇଛି। ଏହି ଗୁଳିବିନିମୟରେ ଦୁଇ ଜଣ ନକ୍ସଲ ନିହତ ହୋଇଥିବା ଜଣାପଡିଛି।

ଗୋଟିଏ ପଟେ ନକ୍ସଲ ଶାନ୍ତିବର୍ତ୍ତା ନେଇ ଅସ୍ତ୍ରବିରତି ପାଇଁ ନିବେଦନ କରିଥିବା ବେଳେ ପୁଲିସ କିନ୍ତୁ ନକ୍ସଲ ମୂଳପୋଛ ପାଇଁ ଲାଗିପଡିଛନ୍ତି। ଏହି ଗୁଳିବିନିମୟରେ ୨ ମାଓବାଦୀଙ୍କ ମୃତଦେହ ସହ ଏକେ-୪୭ ବନ୍ଧୁକ ଏବଂ ବିସ୍ଫୋରକ ଜବତ ହୋଇଥିବା ଜଣାପଡିଛି। ଅନ୍ୟପଟେ ପୁଲିସ ଅନ୍ୟ ନକ୍ସଲଙ୍କ ଫଟୋ ଲଗାଇ ମୋଷ୍ଟ ୱାଣ୍ଟେଡ ବୋଲି କହିଛି। ଲଗାତାର ପୁଲିସର ସଫଳତାରେ ନକ୍ସଲଙ୍କ ଶିବିରକୁ ଥରହର କରିଥିବା ବେଳେ ତ୍ରାହି ତ୍ରାହି ଡାକିଲେଣି ମାଓବାଦୀ। ଜୀବନ ବିକଳରେ ଗତକାଲି ପ୍ରେସ ବିଜ୍ଞପ୍ତି ଜାରି କରିଥିବା ବେଳେ ଆଜି ଅଡିଓ ଜାରି କରିଛନ୍ତି ମାଓବାଦୀ।

ସେପଟେ ଆଜି ମହାରାଷ୍ଟ୍ରର ଗଡ଼ଚିରୋଲିରେ ସୁରକ୍ଷାକର୍ମୀ ଓ ନକ୍ସଲମାନଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିବାବେଳେ ଏଥିରେ ଦୁଇ ମହିଳା ନକ୍ସଲ ନିହତ ହୋଇଛନ୍ତି। ସେମାନଙ୍କ ନିକଟରୁ ଗୋଟିଏ ଏକେ-୪୭ ବନ୍ଧୁକ ସହ ଅନେକ ଅସ୍ତ୍ରଶସ୍ତ୍ର ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ମୁତାବକ ଆଜି ସିଆରପିଏଫ ଯବାନଙ୍କ ସହ ପୁଲିସ ଟିମ ଗଡ଼ଚିରୋଲିର ଜାମ୍ବିଆ ଜଙ୍ଗଲରେ ସର୍ଚ୍ଚ ଅପରେସନ କରିଥିଲା। ତେବେ ପୁଲିସକୁ ଦେଖି ନକ୍ସଲମାନେ ଆଖିବୁଜା ଗୁଳିଚାଳନା କରିଥିଲେ। ଏହାର ଜବାବ ଦେବାକୁ ଯାଇ ପୁଲିସ ବି ଗୁଳି ଚଳାଇଥିଲା। ପୁଲିସର ଗୁଳିରେ ଦୁଇ ମହିଳା ନକ୍ସଲ ଟଳିପଡିଥିଲେ। ଏହାପରେ ନକ୍ସଲମାନେ ଛତ୍ରଭଙ୍ଗ ଦେଇଥିବାବେଳେ ପୁଲିସ ଘଟଣାସ୍ଥଳରୁ ଗୋଟିଏ ଏକେ-୪୭ , ଏକ ପିସ୍ତଲ, ସହ ବହୁ ପରିମାଣରେ ବିସ୍ଫୋରକ ସାମଗ୍ରୀ ଜବତ କରିଥିଲା। ଏହି ଦୁଇ ମହିଳା ମାଓବାଦୀଙ୍କ ପରିଚୟ ମିଳିନଥିବାବେଳେ ଏବେ ପୋଲିସର କମ୍ବିଙ୍ଗ ଅପରେସନ ଜାରି ରହିଛି। ତେବେ ୨୦୨୬ ମାର୍ଚ୍ଚ ସୁଦ୍ଧା ଭାରତକୁ ମାଓ ମୁକ୍ତ କରିବାକୁ କେନ୍ଦ୍ର ସରକାର ଯୋଜନା କରିଥିବା ବେଳେ ଏହି ଅଭିଯାନ ଜୋରଦାର ଚାଲିଛି। ଆଉ ଯେତେବେଳେ ସୁରକ୍ଷା କର୍ମୀଙ୍କ ଗୁଳି ଗର୍ଜୁଛି ସେତେବେଳେ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି ନକ୍ସଲ ସଂଗଠନ। ସୁରକ୍ଷାକର୍ମୀଙ୍କ ଲଗାତାର ଅପରେସନ ସାଙ୍ଗକୁ ଏନକାଉଣ୍ଟରରେ ନକ୍ସଲମାନେ ନିହତ ହେଉଥିବାବେଳେ ବହୁ ସଂଖ୍ୟାରେ ନକ୍ସଲମାନେ ଆତ୍ମସମର୍ପଣ ମଧ୍ୟ କରୁଛନ୍ତି।

## ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ବସ୍ ଯାତ୍ରା



**ଭୁବନେଶ୍ୱର,୧୭।୯(ସଂଚାର ବ୍ୟୁରୋ) :** ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ବସ୍ ଯାତ୍ରା। ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଶାଳିନୀ ପଣ୍ଡିତ ଆଜି ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବଙ୍କୁ ଚିଠି ଲେଖି ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ଛାତ୍ରଛାତ୍ରୀଙ୍କୁ ମାଗଣା ବସ୍ ଯାତ୍ରା ସୁବିଧା ଦେବାକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବିଷୟରେ ଅବଗତ କରାଇଛନ୍ତି। ଅଗଷ୍ଟ ୨୧ରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ଅନୁମୋଦିତ ଏହି ପ୍ରୟାସ, ଶିକ୍ଷାର ପହଞ୍ଚକୁ ସୁଦୃଢ଼ କରିବାରେ ଏକ ମାଇଲଖୁଣ୍ଟ। ଚିଠିରେ ଗଣଶିକ୍ଷା ସଚିବ ଶାଳିନୀ ପଣ୍ଡିତ ଉଲ୍ଲେଖ କରିଛନ୍ତି ସ୍କୁଲରେ ପଢୁଥିବା ସବୁ ଛାତ୍ରଛାତ୍ରୀ ବୈଧ ଆଇଡେଣ୍ଟି କାର୍ଡ ଦେଖାଇ ଏହି ସୁବିଧା ପାଇପାରିବେ । ସେମାନେ ସ୍କୁଲ୍ ୟୁନିଫର୍ମ ପିନ୍ଧିବା ଦରକାର। ଓଡ଼ିଶା ଷ୍ଟେଟ୍ ରୋଡ୍ ଟ୍ରାନ୍ସପୋର୍ଟ କର୍ପୋରେସନକୁ ସବୁଠାରୁ ଅଧିକ ସ୍କୁଲକୁ ଅନ୍ତର୍ଭୁକ୍ତ କରିବା ପାଇଁ ବସ୍ ରୁଟ୍ ଏବଂ ସମୟସୂଚୀ ପୁନ ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ପୁରୀରେ ହେବ ବିଶ୍ୱସ୍ତରୀୟ ମେରାଇନ୍ ଆକ୍ୱାରିୟମ୍



**ଭୁବନେଶ୍ୱର, ୧୭।୯ (ସଂଚାର ବ୍ୟୁରୋ) :** ପୁରୀର ବିଶ୍ୱବିଖ୍ୟାତ ଶ୍ରୀ ଜଗନ୍ନାଥ ମନ୍ଦିର ଓ ସମୁଦ୍ର କୂଳର ଆକର୍ଷଣକୁ ଆହୁରି ବୃଦ୍ଧି କରିବା ପାଇଁ ଓଡ଼ିଶା ସରକାର ପୁରୀ ସମୁଦ୍ର କୂଳ ନିକଟରେ ଏକ ଆନ୍ତର୍ଜାତୀୟ ମାନର ମେରାଇନ୍ ଆକ୍ୱାରିୟମ୍ ଓ ଅଣ୍ଡରୱାଟର ଜୁ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ମେରାଇନ୍ ଟୁରିଜମ୍‌କୁ ପ୍ରୋତ୍ସାହନ ଦେବା ସହ ଶିକ୍ଷା, ସଂରକ୍ଷଣ ଓ ବହୁମୁଖୀ ବିକାଶ ଉପରେ ଗୁରୁତ୍ୱ ଦିଆଯିବ।

ମତ୍ସ୍ୟ ଓ ପଶୁସଂପଦ ବିକାଶ ବିଭାଗ ଏହି ପ୍ରକଳ୍ପ ପାଇଁ ଏକ୍ସପ୍ରେସନ୍ ଅଫ୍ ଇଣ୍ଟରେଷ୍ଟ ଆହ୍ୱାନ କରିଛି। ଏହା ପବ୍ଲିକ୍-ପ୍ରାଇଭେଟ୍ ପାର୍ଟନରସିପ୍ ମଡେଲରେ ନିର୍ମିତ ହେବ, ଯେଉଁଥିରେ ଏକ ଘରୋଇ ସଂସ୍ଥା ନିର୍ମାଣ, ମାଲିକାନା ଓ ପରିଚାଳନା ଦାୟିତ୍ୱ ନେବ। ସରକାର ସୁଲଭ ମୂଲ୍ୟରେ ଜମି ଯୋଗାଇବେ ଏବଂ ଆର୍ଥିକ ସହାୟତା ପାଇଁ ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ ଉପରେ ବିଚାର କରିପାରନ୍ତି।

ନିର୍ବାଚିତ ସଂସ୍ଥାକୁ ଆନ୍ତର୍ଜାତୀୟ ମାନର ପ୍ରଦର୍ଶନୀ ନିର୍ମାଣ, ପରିବେଶ ଓ ଆଇନଗତ ନିୟମ ପାଳନ ଏବଂ ଦେଶୀ-ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରଚାର କାର୍ଯ୍ୟ କରିବାକୁ ହେବ। ଆଗ୍ରହୀ ସଂସ୍ଥାମାନେ ଅକ୍ଟୋବର ୧୦ ସୁଦ୍ଧା ପ୍ରସ୍ତାବ ଦାଖଲ କରିବେ। ଅକ୍ଟୋବର ୨୦ରୁ ପ୍ରସ୍ତାବ ମୂଲ୍ୟାଙ୍କନ ଆରମ୍ଭ ହେବ ଏବଂ ଅକ୍ଟୋବର ୩୦ରେ ଚୂଡ଼ାନ୍ତ ଘୋଷଣା ହେବ।

## ଓଡ଼ିଆ ପାଠ୍ୟକ୍ରମ ବିରୋଧରେ ଷଡ଼ଯନ୍ତ୍ର

**ଭୁବନେଶ୍ୱର, ୧୭।୯ (ସଂଚାର ବ୍ୟୁରୋ) :** ରାଜ୍ୟର ଗ୍ରାମାଞ୍ଚଳର ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ସିବିଏସଇ ଢାଞ୍ଚା ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରି ଶିକ୍ଷାଦାନ ନିମନ୍ତେ ରାଜ୍ୟ ସରକାର ସମସ୍ତ ୩୧୪ ବ୍ଲକରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରିଛନ୍ତି । ସେହି ସବୁ ବିଦ୍ୟାଳୟ ମାନଙ୍କରେ ଅଷ୍ଟମ ଶ୍ରେଣୀ ଯାଏ ତିନୋଟି ଭାଷା, ଇଂରାଜୀ, ଓଡ଼ିଆ, ହିନ୍ଦୀ ବା ସଂସ୍କୃତ ଶିକ୍ଷାଦାନ କରାଯାଇଥାଏ। ନବମ ଶ୍ରେଣୀଠାରୁ ସିବିଏସଇ ଦୁଇ ଭାଷା ଶିକ୍ଷାଦାନ ବ୍ୟବସ୍ଥା ରଖିଥିବାରୁ ଆଦର୍ଶ ବିଦ୍ୟାଳୟରେ ଇଂରାଜୀ ଓ ଓଡ଼ିଆ ଭାଷାର ଶିକ୍ଷାଦାନ ନିମନ୍ତେ ରାଜ୍ୟ ସରକାର ନିୟମ କରିଛନ୍ତି। କିନ୍ତୁ କିଛି ମୁଷ୍ଟିମେୟ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନିଜର ସ୍ୱାର୍ଥ ହାସଲ ନିମନ୍ତେ ଓ ନିଜର ପଦବୀ ଓ ପ୍ରମୋଶନ ସୁରକ୍ଷିତ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ମାତୃଭାଷା ଓଡ଼ିଆ ନନେଇ ହିନ୍ଦୀ କିମ୍ବା ସଂସ୍କୃତ ରଖିବାକୁ ଅଭିଭାବକମାନଙ୍କୁ ବାଧ୍ଯ କରୁଛନ୍ତି। ଏଥିପାଇଁ ସ୍କୁଲ ଅଧ୍ୟକ୍ଷମାନଙ୍କୁ ଲାଞ୍ଚ ଦେଇଥିବାର ଅଭିଯୋଗ ମଧ୍ୟ ଆସୁଛି। ଜନୈକ ସଂସ୍କୃତ ଶିକ୍ଷକ ନିଜକୁ ଶିକ୍ଷକ ନେତା ବୋଲାଇ ଅଭିଭାବକ ମାନଙ୍କୁ ଅର୍ଥ ସାହାଯ୍ଯ ଦେଇ ସରକାରଙ୍କ ଓଡ଼ିଆ ଭାଷାକୁ ଦ୍ୱିତୀୟ ଭାଷା ବା ସେକେଣ୍ଡ ଲାଙ୍ଗୁଏଜ କରାଯାଇଥିବା ନିୟମର ବିରୋଧ କରି କେଶ ଦାୟର କରିବା ସହ ବିଭିନ୍ନ ମହଲରେ ଚାପ ପ୍ରୟୋଗ କରିବାରେ ଲାଗିଛନ୍ତି । ରାଜ୍ୟ ସରକାର ଓଡ଼ିଆ ଭାଷାର ସମୃଦ୍ଧି ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଥିବା ବେଳେ ଓଡ଼ିଆ ପିଲାଙ୍କୁ ବିଭ୍ରାନ୍ତ କରି ମାତୃଭାଷା ଶିକ୍ଷାଠାରୁ ଦୁରେଇ ରଖିବାର ହୀନ ପ୍ରୟାସ ଜାରି ରଖିଥିବା କୁଚକ୍ରୀ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ଏବଂ ସେମାନଙ୍କୁ ସହଯୋଗ କରୁଥିବା ଅଧକ୍ଷମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ଶିକ୍ଷକ ମହଲରେ ଦାବି ହେଉଛି।

# ଓଡ଼ିଶାରେ ନଭେମ୍ବରରେ ସଡ଼କ କଂଗ୍ରେସ

**ଭୁବନେଶ୍ୱର,୧୭।୯:** ଚଳିତ ବର୍ଷ ନଭେମ୍ବର ମାସରେ ଓଡ଼ିଶାରେ ସର୍ବଭାରତୀୟ ସଡକ କଂଗ୍ରେସର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏହା ଉପରେ ଏବେ ସମସ୍ତଙ୍କ ନଜର। ଏହି ଅଧିବେଶନରେ କାଳରେ ସଡକ ବିକାଶ ପାଇଁ ଓଡ଼ିଶାକୁ ମୋଟା ଅଙ୍କର କେନ୍ଦ୍ରୀୟ ଅନୁଦାନ ମିଳିବ ବୋଲି କର୍ତ୍ତୃପକ୍ଷ ଆଶା କରୁଛନ୍ତି।

୮୪ତମ ସଡକ କଂଗ୍ରେସ ଅଧିବେଶନ ଆସନ୍ତା ନଭେମ୍ବର ମାସ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ଅନୁଷ୍ଠିତ ହେବ। ସ୍ଥାନୀୟ ଜନତା ମଇଦାନରେ ଅନୁଷ୍ଠିତ ଏହି ସମ୍ମିଳନୀରେ କେନ୍ଦ୍ରୀୟ ମନ୍ତ୍ରୀଙ୍କ ସମେତ ଉଚ୍ଚପଦସ୍ଥ ଅଧିକାରୀ ଓ ସମଗ୍ର ଦେଶର ସଡକ କଂଗ୍ରେସର ପଦାଧିକାରୀମାନେ ଯୋଗଦେବେ। ଏଥିରେ ଓଡ଼ିଶା ସମେତ ସମଗ୍ର ଦେଶର ସଡକ ବିକାଶ ଉପରେ ଆଲୋଚନା ହେବ।

ସଡକ କଂଗ୍ରେସ ଅବସରରେ ଓଡ଼ିଶାକୁ କେନ୍ଦ୍ର ସରକାର ଅତି କମ୍‌ରେ ୧୫ ହଜାର କୋଟି ଟଙ୍କାର ଅନୁଦାନ ଯୋଗାଇ ଦେବେ ବୋଲି କର୍ତ୍ତୃପକ୍ଷ ଆଶା ବାନ୍ଧିଛନ୍ତି। ଯେଉଁସବୁ ରାଜ୍ୟରେ ସଡକ କଂଗ୍ରେସ ଆୟୋଜିତ ହୋଇଥାଏ ସେହିସବୁ ରାଜ୍ୟ କେନ୍ଦ୍ରରୁ ମୋଟା ଅଙ୍କର ଅନୁଦାନ ପାଇଥାନ୍ତି। ବର୍ତ୍ତମାନ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଥିବାରୁ ସଡକ ବିକାଶ ପାଇଁ କେନ୍ଦ୍ରରୁ ଅଧିକ ପରିମାଣର ଅର୍ଥ ମିଳିବାର ବଡ ସମ୍ଭାବନା ରହିଛି।

ଇତି ମଧ୍ୟରେ ରାଜ୍ୟ ସରକାର ଓଡ଼ିଶାରେ ୭୫ହଜାର କିଲୋମିଟର ସଡକର ବିକାଶ ପାଇଁ ବ୍ୟାପକ ଯୋଜନା କରିଛନ୍ତି। ଏହାକୁ କାର୍ଯ୍ୟକାରୀ ଲାଗି ବିପୁଳ ପରିମାଣର ଅର୍ଥ ଆବଶ୍ୟକ ପଡୁଥିବାବେଳେ ଏବେ ସଡକ କଂଗ୍ରେସ ଅଧିବେଶନ ଉପରେ ସମସ୍ତଙ୍କ ନଜର ରହିଛି। ସେହିଭଳି ରାଜ୍ୟରେ ସଡକଗୁଡିକର ବିକାଶ ପାଇଁ ଓଡ଼ିଶା ସରକାର ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନଏଚଏଆଇ) ଢାଞ୍ଚାରେ ରାଜ୍ୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏସ୍ଏଚଏଆଇ) ଗଠନ କରିଛନ୍ତି। ଏହା ଜରିଆରେ ଜାତୀୟ ରାଜପଥ ଭଳି ରାଜ୍ୟରେ ଥିବା ସଡକ ଗୁଡିକର ବିକାଶ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି।

ସଡକ କଂଗ୍ରେସ ଅଧିବେଶନ କାଳରେ ଦେଶର ବିଭିନ୍ନ ସ୍ଥାନରୁ ବିଶେଷଜ୍ଞମାନେ ଯୋଗଦେବା ସହିତ ସଡକ ନିର୍ମାଣର ନୂତନ ଜ୍ଞାନକୌଶଳ ଉପରେ ବ୍ୟାପକ ଆଲୋଚନା ହେବ। ବର୍ତ୍ତମାନ ଓଡ଼ିଶାରେ ତାପଜ କେନ୍ଦ୍ରରୁ ବାହାରୁଥିବା ପାଉଁଶ ଓ ପ୍ଲାଷ୍ଟିକ ବର୍ଜ୍ୟକୁ ବ୍ୟବହାର କରି ସଡକ ନିର୍ମାଣ ଉପରେ ଜୋର ଦିଆଯାଉଥିବାବେଳେ ଏହାକୁ ନେଇ ବଡ ନିଷ୍କର୍ଷ ବାହାରିବ ବୋଲି ଆଶା କରାଯାଉଛି। ଏଥି ସହିତ ରାଜ୍ୟର ଦୁର୍ଗମ ଓ ମାଓ ଅଧ୍ୟୁଷିତ ଅଞ୍ଚଳରେ ସଡକ ନିର୍ମାଣ ଉପରେ ଆଲୋଚନା ହେବା ସହିତ ନୂତନ ଜ୍ଞାନକୌଶଳର ବ୍ୟବହାର ନେଇ ବିଶେଷଜ୍ଞମାନେ ମତ ନିଜ ନିଜର ମତ ରଖିବେ।

ତେଣୁ ରାଜ୍ୟରେ ଅନୁଷ୍ଠିତ ହେବାକୁ ଯାଉଥିବା ୮୪ତମ ସଡକ କଂଗ୍ରେସ ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଚଳାଇଥିବାବେଳେ ଓଡ଼ିଶାରେ ସଡକ ବିକାଶ ପାଇଁ ଯେଭଳି କେନ୍ଦ୍ରରୁ ଅଧିକରୁ ଅଧିକ ଅନୁଦାନ ମିଳିବ ସେଥିପାଇଁ ଉଦ୍ୟମ ଚଳାଇଛନ୍ତି। (ତଥ୍ୟ)

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଭାରତ-ଆମେରିକା ସମ୍ମୁଖ ଆଲୋଚନା

ନୂଆଦିଲ୍ଲୀ, ୧୭।୯: ବହୁଦିନର ବ୍ୟବଧାନ ପରେ ଭାରତ ଓ ଆମେରିକା ବାଣିଜ୍ୟ ରାଜିନାମାକୁ ନେଇ ପ୍ରତ୍ୟକ୍ଷ ଆଲୋଚନା ଆରମ୍ଭ କରିଛନ୍ତି। ଆମେରିକାର ମୁଖ୍ୟ ଆଲୋଚନାକାରୀ ସହକାରୀ ବାଣିଜ୍ୟ ପ୍ରତିନିଧି ବ୍ରେଣ୍ଡନ୍ ଲିଞ୍ଚ୍ ଭାରତୀୟ ପ୍ରତିନିଧିଙ୍କୁ ଭେଟିଛନ୍ତି। ସେମାନଙ୍କ ସହ ସାମ୍ନାସାମ୍ନି ବସି ଆଲୋଚନା କରିଛନ୍ତି। ଏହି ଆଲୋଚନା ସକାରାତ୍ମକ ଥିବା ଲିଞ୍ଚ୍ କହିଛନ୍ତି। ଉଭୟ ପକ୍ଷ ମଧ୍ୟରେ

## ସକାରାତ୍ମକ ଆରମ୍ଭ

ରୁଦ୍ଧଦ୍ୱାର ବୈଠକ ହୋଇଥିଲା। ଭାରତ ତରଫରୁ ବାଣିଜ୍ୟ ମନ୍ତ୍ରଣାଳୟର ଅଧିକାରୀ ରାଜେଶ ଅଗ୍ରୱାଲ୍ ଆଲୋଚନାର ନେତୃତ୍ୱ ନେଇଥିଲେ। ଏହି ବୈଠକ ପରେ ଭାରତ-ଆମେରିକା ଦ୍ୱିପାକ୍ଷିକ ଆଲୋଚନାର ଷଷ୍ଠ ପର୍ଯ୍ୟାୟ ପାଇଁ ପଥ ପ୍ରସ୍ତୁତ ହୋଇଛି। ଦୁଇ ଦେଶ ଭିତରେ ଗତ ଅଗଷ୍ଟ ଶେଷ ଆଡ଼କୁ ଆଲୋଚନା ହେବାର ଥିଲା। ମାତ୍ର ଆମେରିକା



ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଲଗାଇଥିବା ଶୁଳ୍କକୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇବା ପରେ ଆଲୋଚନା ବନ୍ଦ ହୋଇଯାଇଥିଲା। କିନ୍ତୁ ଏହା ପୂର୍ବରୁ ଭାରତ ନିଜ ଆଭିମୁଖ୍ୟ କଠୋର କରିସାରିଥିଲା। ଯେବେଠାରୁ କୃଷି ଓ ଦୁଗ୍ଧ ବଜାରରେ ଅବାଧ ପ୍ରବେଶ ଲାଗି ଆମେରିକା ପ୍ରସ୍ତାବ ଦେଲା, ତା'ପରଠାରୁ ଭାରତ ଅସହମତି ପ୍ରକାଶ କରିବା ଆରମ୍ଭ କରିଥିଲା। କୌଣସି ପରିସ୍ଥିତିରେ ଚାଷୀଙ୍କ ସ୍ୱାର୍ଥ ସହ ସାଲିସ କରାଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକାକୁ ରୋକ୍‌ଠୋକ୍ ଶୁଣାଇଥିଲେ। ତେବେ କିଛି ଦିନ ଭାରତକୁ ଭୟଭୀତ କରିବା ଲାଗି ଉଦ୍ୟମ କରି ବିଫଳ ହେବା ପରେ ଟ୍ରମ୍ପ ନିଜ ଆଡ଼ୁ ଆଲୋଚନା ପାଇଁ ଆଗେଇ ଆସିବା ସହ ନିଜ ପ୍ରତିନିଧିଙ୍କୁ ଭାରତ ପଠାଇଛନ୍ତି। ଆଗାମୀ ଦିନରେ ଦୁଇ ଦେଶ ଭିତରେ କୃଷିଜାତ ସାମଗ୍ରୀ, ଶକ୍ତି କ୍ରୟ, ବୌଦ୍ଧିକ ସମ୍ପତ୍ତିର ସୁରକ୍ଷା ଏବଂ ଡିଜିଟାଲ୍ କାରବାର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବ୍ୟାପକ ଆଲୋଚନା ହେବ। ନିୟାମକ ନିୟମକୁ କୋହଳ କରିବା ଉପରେ ମଧ ଉଭୟ ଦେଶ ବିଚାର କରୁଛନ୍ତି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୧୧,୭୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୦୨,୪୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୧୧,୯୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୦୨,୬୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୧,୭୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୦୨,୪୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୧,୮୬୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୨,୫୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୧୨,୦୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୨,୭୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୧୧,୭୧୦ ଓ ୧,୦୨,୪୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୩୨,୦୦୦ ଟଙ୍କା ହୋଇଛି।

# କମିଲା ମହିନ୍ଦ୍ରା ଏକ୍ସୟୁଭି-୭୦୦ର ଦାମ୍

ନୂଆଦିଲ୍ଲୀ ୧୭।୯: ଏସୟୁଭି କ୍ରେତାମାନଙ୍କ ପାଇଁ ଆସିଛି ଖୁସି ଖବର। ସରକାରଙ୍କ ନୂଆ ଜିଏସଟି ନୀତି ଆଣିଛି ଲାଭ। କମିବାରେ ଲାଗିଛି ଗାଡ଼ିର ଦାମ୍। ସବୁ କମ୍ପାନୀ ପରି ମହିନ୍ଦ୍ରା ମଧ ନିଜ କାର୍ ମୂଲ୍ୟରେ ହ୍ରାସ ଆଣିଛି। କମ୍ପାନୀର ପପୁଲାର ମଡେଲ୍ ଏକ୍ସୟୁଭି୭୦୦ର ଦାମ୍‌ରେ ଏକ ବଡ଼ ହ୍ରାସ ଦେଖିବାକୁ ମିଳିଛି। ଯେଉଁଥିରୁ ଗ୍ରାହକ ଲକ୍ଷ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କରିପାରିବେ ସଞ୍ଚୟ। ମହିନ୍ଦ୍ରାର ଏକ୍ସୟୁଭି୭୦୦ ଏବେ ପୂର୍ବ ଅପେକ୍ଷା ବହୁତ ଶସ୍ତା ହୋଇଯାଇଛି। ଜିଏସଟି ହାର ୪୮% ରୁ ୪୦% କୁ ହ୍ରାସ କରାଯିବା ପରେ କ୍ରେତାମାନେ ୮୮,୯୦୦ ରୁ ୧.୪୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ପାଇପାରିବେ। ଏହି ପରିବର୍ତ୍ତନ ଏକ୍ସୟୁଭିର ସବୁ ଭାରିଆଣ୍ଟରେ ଲାଗୁ ହେବ। ଏସୟୁଭି ସେଗମେଣ୍ଟ୍ ସବୁବେଳେ ଟିକସ ମାମଲାରେ ମହଙ୍ଗା ରହିଥାଏ। ୪ ମିଟରରୁ ଅଧିକ ଲମ୍ବ ଏବଂ ୧୫୦୦ ସିସିରୁ ଅଧିକ ଇଞ୍ଜିନ୍ ଥିବା ଗାଡି ଗୁଡିକ ଉପରେ ପୂର୍ବରୁ ୨୮% ଜିଏସଟି + ୨୦%



ସେସ୍, ଅର୍ଥାତ୍ ମୋଟ ୪୮% ଟିକସ ଲାଗୁ ହେଉଥିଲା। କିନ୍ତୁ ଏବେ ଜିଏସଟି ୨.୦ ଅଧୀନରେ ଏହି ଟିକସକୁ ୪୦%କୁ ହ୍ରାସ କରାଯାଇଛି। ଏହାର ପ୍ରଭାବ ପୁରା ଏସୟୁଭି ବଜାରରେ ଦେଖିବାକୁ ମିଳିବ। କେବଳ ଏକ୍ସୟୁଭି୭୦୦ ନୁହେଁ, ମହିନ୍ଦ୍ରା ଏହାର ଅନ୍ୟ ଗାଡିଗୁଡ଼ିକର ମୂଲ୍ୟ ମଧ ହ୍ରାସ କରିଛି।

ବୋଲେରୋ ଏବଂ ବୋଲେରୋ ନିଓର ମୂଲ୍ୟ ୧.୨୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହ୍ରାସ ହୋଇଛି। ସେହିପରି ଏକ୍ସୟୁଭି୩ଏକ୍ସଓର ପେଟ୍ରୋଲ ମଡେଲ ୧.୪୦ ଲକ୍ଷ ଟଙ୍କା ଏବଂ ଡିଜେଲ ମଡେଲ ୧.୫୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହ୍ରାସ ପାଇଛି। ଥାର- ୨ଡବ୍ଲୁଡି ଡିଜେଲ ୧.୩୫ ଲକ୍ଷ ଟଙ୍କା, ୪ଡବ୍ଲୁଡି ଡିଜେଲ ୧.୦୧ ଲକ୍ଷ ଟଙ୍କା ଏବଂ ଥାର ରକ୍ସ ୧.୩୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହ୍ରାସ ହୋଇଛି। ସେହିପରି ସ୍କର୍ପିଓ କ୍ଲାସିକ୍ ଦାମ୍ ୧.୦୧ ଲକ୍ଷ ଟଙ୍କା, ସ୍କର୍ପିଓ-ଏନ୍ - ୧.୪୫ ଲକ୍ଷ ଟଙ୍କା ଶସ୍ତା ହୋଇଛି। ତେବେ ଆଗକୁ ଆସୁଛି ପାର୍ବଣ ଋତୁ। ଏହି ହ୍ରାସର ଜବରଦସ୍ତ ଫାଇଦା ଉଠାଇବେ ଗ୍ରାହକ। ବର୍ତ୍ତମାନ ମହିନ୍ଦ୍ରାର ଏସୟୁଭି ରେଞ୍ଜ ବହୁତ ଆକର୍ଷଣୀୟ ହୋଇଛି। ବିଶେଷକରି ଏକ୍ସୟୁଭି୭୦୦ ଭଳି ଅଧିକ ଡିମାଣ୍ଡ ଥିବା ଗାଡିର ମୂଲ୍ୟ ହ୍ରାସ ହେବା କମ୍ପାନୀର ବିକ୍ରି ଏବଂ କମ୍ପିଟିସନ ଉଭୟ ଉପରେ ସକାରାତ୍ମକ ପ୍ରଭାବ ପକାଇବ। ଜିଏସଟି ୨.୦ ଆସିବା ସହିତ ମହିନ୍ଦ୍ରାର ଏସୟୁଭି ଗୁଡ଼ିକ ଏବେ ଅଧିକ ସୁଲଭ ହୋଇଯାଇଛି। ଏକ୍ସୟୁଭି୭୦୦ ଭଳି ପ୍ରିମିୟମ୍ ଗାଡି ଗୁଡିକ ଉପରେ ଲକ୍ଷ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ହେବ।

### ଖଡ଼ଦହ ଓଡ଼ିଆ ସମାଜ ଓ ଉତ୍କଳ ପାଠାଗାରର ନୂତନ କର୍ମକର୍ତ୍ତା

# ଭରତ ନାୟକ ସଭାପତି, ସନ୍ତୋଷ ପାତ୍ର ସଂପାଦକ

କୋଲକାତା,୧୬।୯(ସଂଚାର ବ୍ୟୁରୋ): ଉତ୍ତର ୨୪ ପ୍ରଗଣା ଟିଟାଗଡ଼ ଶିଳ୍ପାଞ୍ଚଳର ବର୍ଣ୍ଣସ ବାଇଲେନ, ଲକ୍ଷ୍ମୀଘାଟ ସ୍ଥିତ ଖଡ଼ଦହ ଓଡ଼ିଆ ସମାଜ ଓ ଉତ୍କଳ ପାଠାଗାରର ବାର୍ଷିକ ଅଧିବେଶନରେ ନୂଆ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଭରତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଏଦିନ ଓଡିଆ ଶିକ୍ଷା, ସଂସ୍କୃତି, ପରମ୍ପରାକୁ ନେଇ କାର୍ଯ୍ୟ କରୁଥିବା ଏହି ସଂଗଠନ ଆଗାମୀ ଦିନରେ ସଂଗଠିତ ଭାବେ କାର୍ଯ୍ୟ କରିବାକୁ କହିଥିଲେ କର୍ମକର୍ତ୍ତାମାନେ। ଏଦିନ ୨୦୨୫-୨୬ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୁଏ। ଆଗାମୀ ବର୍ଷ ପାଇଁ ସଭାପତି ଭରତ ନାୟକ, ସହ-ସଭାପତି ରିଙ୍କୁ ଜେନା, ଜୟନ୍ତ ଜେନା, ସଂପାଦକ ସନ୍ତୋଷ କୁମାର ପାତ୍ର,




ସହ-ସଂପାଦକ ସୁଜିତ ପାତ୍ର, ରାହୁଳ ବିଶ୍ୱାଳ, କୋଷାଧକ୍ଷ ଶିବରାମ ପାତ୍ର, ସହ-କୋଷାଧକ୍ଷ କରୁଣାକର ପାତ୍ର, ରୋହିତ ଦଳାଇ, ମନ୍ଦିର ପରିଚାଳନା ଶିବରାମ ପାତ୍ର, ରମେଶ ପାତ୍ର, କରୁଣାକର ପାତ୍ର, ପ୍ରମୋଦ ପାତ୍ର, କୈଳାସ ଜେନା, ଜଗନ୍ନାଥ ପାତ୍ର ନିର୍ବାଚିତ ହୋଇଥିବା ବେଳେ ଉପଦେଷ୍ଟା ମଣ୍ଡଳୀକୁ ଜଗନ୍ନାଥ ସେଠୀ, ସୁନୀଲ ରାଉତ, ସରୋଜ ସାମଲ, ଘନଶ୍ୟାମ ବେହେରା, ଜୟଦେବ ପାତ୍ର, ସାରଥୀ ବିଶ୍ୱାଳ, ଚନ୍ଦ୍ରଶେଖର ପାତ୍ର, ହେମନ୍ତ ବିଶ୍ୱାଳ, ରବୀନ୍ଦ୍ର ପାତ୍ର ମନୋନୀତ ହୋଇଛନ୍ତି। ନୂଆ କର୍ମକର୍ତ୍ତାମାନଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୯ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୭୬ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ଧନତେରସରେ ୧.୨୫ ଲକ୍ଷ ପାର୍ କରିପାରେ ସୁନା ଦର

ନୂଆଦିଲ୍ଲୀ ୧୭।୯: ସୁନା ଦର ଆକାଶ ଛୁଆଁ। ଚଳିତ ବର୍ଷ ସେପ୍ଟେମ୍ବରରେ ସୁନା ମୂଲ୍ୟର ଗତି ଅନ୍ୟ କୌଣସି ମାସରେ ଅଭୂତପୂର୍ବ ହୋଇଛି। ମାସର କେବଳ ଅଧା ସମୟ ବିତିଯାଇଛି। ଦିଲ୍ଲୀର ସ୍ପଟ୍ ବଜାରରେ ସୁନା ମୂଲ୍ୟ ପୂର୍ବରୁ ୧୧ ପ୍ରତିଶତ ବୃଦ୍ଧି ପାଇଛି। ଏହି ସମୟରେ, ରୂପା ମୂଲ୍ୟ ପ୍ରାୟ ୧୨ ପ୍ରତିଶତ ବୃଦ୍ଧି ପାଇଛି। ଆଶା କରାଯାଉଛି ଯେ ମାସର ଦ୍ୱିତୀୟାର୍ଦ୍ଧରେ ସୁନା ମୂଲ୍ୟରେ ଆହୁରି ବୃଦ୍ଧି ଘଟିବ। ବିଶେଷଜ୍ଞମାନେ ଏପରିକି କହିଛନ୍ତି ଯେ ଆଗାମୀ ମାସରେ ସୁନାର ପ୍ରକୃତ ମୂଲ୍ୟ ପ୍ରକାଶ ପାଇବ। ଏହାର ଏକ କାରଣ ଅଛି। ନବରାତ୍ରି ସେପ୍ଟେମ୍ବର ୨୨ରେ ଆରମ୍ଭ ହେବ। ଧନତେରସ୍ ଏବଂ ଦୀପାବଳି କିଛି ସପ୍ତାହ ପରେ ଆସିବ। ସେତେବେଳକୁ, ଦିଲ୍ଲୀରେ ସୁନା ମୂଲ୍ୟ ପ୍ରତି ଦଶ ଗ୍ରାମ ୧.୨୫ ଲକ୍ଷ ପର୍ଯ୍ୟନ୍ତ ପହଞ୍ଚିପାରେ। ଯେତେବେଳେ



ରୂପା ମୂଲ୍ୟ ୧.୫୦ ଲକ୍ଷ ପର୍ଯ୍ୟନ୍ତ ପହଞ୍ଚିପାରେ। ଦେଶର ଫ୍ୟୁଚର୍ସ ବଜାର ମଧ ସମାନ ଦୌଡ଼ରେ ଅଛି। ଯେଉଁଠାରେ ସୁନା ଓ ରୂପା ଉଭୟର ମୂଲ୍ୟ ରେକର୍ଡ ସ୍ତରକୁ ପହଞ୍ଚିଛି। ଆସନ୍ତୁ ଆମେ ଆପଣଙ୍କୁ ଏହା ମଧ କହିବା ଯେ ଧନତେରସ୍ ପର୍ଯ୍ୟନ୍ତ ଅର୍ଥାତ୍ ଆଗାମୀ ଗୋଟିଏ ମାସରେ ସୁନା ଏବଂ ରୂପା ଉଭୟକୁ ସେମାନଙ୍କର ମାନଦଣ୍ଡରେ ପହଞ୍ଚିବା ପାଇଁ ଆହୁରି କେତେ ବୃଦ୍ଧି ଆବଶ୍ୟକ। ମଙ୍ଗଳବାର ଦିନ ଜାତୀୟ ରାଜଧାନୀ ଦିଲ୍ଲୀର ସୁନା ବଜାରରେ ସୁନା ମୂଲ୍ୟ ୧,୮୦୦ ଟଙ୍କା ବୃଦ୍ଧି ପାଇ ପ୍ରତି ୧୦ ଗ୍ରାମ ୧,୧୫,୧୦୦ ଟଙ୍କାରେ ପହଞ୍ଚିଛି। ଫେଡେରାଲ ରିଜର୍ଭ ଦ୍ୱାରା ସୁଧ ହାର ହ୍ରାସର ଆଶା ବୃଦ୍ଧି ପାଇବା ପରେ ଏହା ରେକର୍ଡ ହୋଇଛି। ଅଲ୍ ଇଣ୍ଡିଆ ସରାଫା ଆସୋସିଏସନ ଅନୁଯାୟୀ, ଏହା ବ୍ୟତୀତ, ୯୯.୫ ପ୍ରତିଶତ ଶୁଦ୍ଧତା ବିଶିଷ୍ଟ ସୁନା ୧,୮୦୦ ଟଙ୍କା ବୃଦ୍ଧି ପାଇ ପ୍ରତି ୧୦ ଗ୍ରାମ ୧,୧୪,୬୦୦ ଟଙ୍କା (ସମସ୍ତ ଟିକସ ସହିତ) ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ସ୍ଥାନୀୟ ସୁନା ବଜାରରେ, ୯୯.୯ ପ୍ରତିଶତ ଏବଂ ୯୯.୫ ପ୍ରତିଶତ ଶୁଦ୍ଧତା ବିଶିଷ୍ଟ ସୁନା ୫୦୦-୫୦୦ ଟଙ୍କା ହ୍ରାସ ପାଇ ପୂର୍ବ ବାଣିଜ୍ୟ ଅଧିବେଶନରେ ଯଥାକ୍ରମେ ୧,୧୩,୩୦୦ ଟଙ୍କା ଏବଂ ୧,୧୨,୮୦୦ ଟଙ୍କା ପ୍ରତି ୧୦ ଗ୍ରାମ ୧,୧୨,୮୦୦ ଟଙ୍କାରେ ବନ୍ଦ ହୋଇଛି। ଏଚଡିଏଫସି ସିକ୍ୟୁରିଟିଜ୍ ବରିଷ୍ଠ ବିଶ୍ଲେଷକ (କମୋଡିଟିଜ୍) ସୌମିଲ୍ ଗାନ୍ଧୀଙ୍କ ଅନୁଯାୟୀ, ଡଲାର ଦୁର୍ବଳ ହେବା ଏବଂ ଫେଡେରାଲ୍ ରିଜର୍ଭ ଦ୍ୱାରା ସୁଧ ହାର ହ୍ରାସର ଆଶା ବୃଦ୍ଧି ପାଇବା ଯୋଗୁଁ ମଙ୍ଗଳବାର ସୁନା ଆଉ ଏକ ରେକର୍ଡ ଉଚ୍ଚତାରେ ପହଞ୍ଚିଛି। ଡଲାର ସୂଚକାଙ୍କ ଦଶ ସପ୍ତାହର ସର୍ବନିମ୍ନ ସ୍ତରରେ ପହଞ୍ଚିଛି।

## ବୋଇତ ବନ୍ଦାଣ ଉତ୍ସବ ପାଇଁ ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀଙ୍କୁ ସାକ୍ଷାତ



ଭୁବନେଶ୍ୱର,୧୭।୯(ସଂଚାର ବ୍ୟୁରୋ): ନୀଳଚକ୍ର ପଶ୍ଚିମବଙ୍ଗ ଶାଖାର କର୍ମକର୍ତ୍ତାମାନେ ଅନୁଷ୍ଠାନର ସଭାପତି ଶ୍ରୀ ଲକ୍ଷ୍ମୀନାରାୟଣ ମଲ୍ଲିକଙ୍କ ନେତୃତ୍ୱରେ ଉଚ୍ଚ ଶିକ୍ଷା ଏବଂ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ରଶେଖର ହୋତାଙ୍କ ସହ ସାକ୍ଷାତ କରି ଅନୁଷ୍ଠାନର ସ୍ମରଣିକା ଓ ପୁଷ୍ପସ୍ତବକ ପ୍ରଦାନ କରିଥିଲେ । ବୋଇତ ବନ୍ଦାଣ ଉତ୍ସବ ସମାରୋହ ପାଳନ ପାଇଁ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଅତିଥି ଭାବେ ଯୋଗଦେବା ପାଇଁ ଅନୁରୋଧ ପତ୍ର ପ୍ରଦାନ କରାଯାଇଥିଲା । ଏହା ସହ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ଓଡ଼ିଆ ପରମ୍ପରା ଓ ସଂସ୍କୃତି ର ପ୍ରଚାର ଓ ପ୍ରସାର ଦିଗରେ ନୀଳଚକ୍ରର ବହୁବିଧ କାର୍ଯ୍ୟକ୍ରମ ସମ୍ବନ୍ଧରେ ମନ୍ତ୍ରୀଙ୍କୁ ଅନୁଷ୍ଠାନର ସଭାପତି ଶ୍ରୀ ମଲ୍ଲିକ ଅବଗତ କରାଇଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଶ୍ରୀ ମନମୋହନ ନାୟକ, ଆୟକର ବିଭାଗର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ତଥା ଅନୁଷ୍ଠାନର ଉପଦେଷ୍ଟା ଶ୍ରୀ ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ନୀଳଚକ୍ର ମିଳିତ ଆନୁକୁଲ୍ୟରେ କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କ ଜନ୍ମଶତବାର୍ଷିକୀ ସଫଳ କାର୍ଯ୍ୟକ୍ରମକୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ପ୍ରଶଂସା କରିଥିଲେ । ସେ କହିଥିଲେ ଯିଏ ଯେଉଁଠି ରୁହନ୍ତୁ ନା କାହିଁକି ମା , ମାଟି ଓ ମାତୃଭାଷାର ସୁରକ୍ଷା ପାଇଁ କାର୍ଯ୍ୟ କରିବା ଉଚିତ।

## ରୁପା କେଜି ଲକ୍ଷେ ୪୪ ହଜାର



ଭୁବନେଶ୍ୱର, ୧୭।୯: ପୂଜା ଋତୁ ପାଖେଇ ଆସିଥିବା ବେଳେ ସୁନା ଓ ରୁପା ମହଙ୍ଗା ହେବାରେ ଲାଗିଛି। ଭୁବନେଶ୍ୱରରେ ମଙ୍ଗଳବାର ରୁପା କେଜି ୧୦୦୦ ଟଙ୍କା ବୃଦ୍ଧି ପାଇ ରେକର୍ଡ ୧,୪୪,୦୦୦ ଟଙ୍କାରେ ପହଞ୍ଚିଛି। ସେହି ସମୟରେ ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୮୦୦ ଟଙ୍କା ବୃଦ୍ଧି ପାଇ ୧,୦୨,୬୦୦ ଟଙ୍କା ହୋଇଛି। ସେହିଭଳି ୨୪ କ୍ୟାରେଟ୍ ସୁନା ଦାମ୍ ୮୭୦ ଟଙ୍କା ବଢ଼ି ୧,୧୧,୯୩୦ ଟଙ୍କାରେ ପହଞ୍ଚିଛି। ଜାତୀୟ ସ୍ତରରେ ମଧ ସୁନା ମହଙ୍ଗା ହୋଇଛି। ସର୍ବଭାରତୀୟ ସରାଫା ସଂଘ ସୂଚନା ଅନୁସାରେ ଦିଲ୍ଲୀରେ ୯୯.୫ ଶୁଦ୍ଧତାର ସୁନାର ୧୦ ଗ୍ରାମ ପିଛା ଦାମ୍ ୧୮୦୦ ଟଙ୍କା ବୃଦ୍ଧି ପାଇବା ସହ ଟିକସକୁ ମିଶାଇ ୧,୧୪,୬୦୦ ଟଙ୍କା ହୋଇଛି। ରୁପା ଦାମ୍ ମଧ ୫୭୦ ଟଙ୍କା ବୃଦ୍ଧି ପାଇ ୧,୩୨,୮୭୦ ଟଙ୍କା ହୋଇଛି। ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ୍ ରିଜର୍ଭ ସୁଧ ସମ୍ପର୍କରେ ନିଷ୍ପତ୍ତି ନେବାକୁ ଯାଉଥିବାରୁ ସୁନା ଦର ବଢ଼ୁଛି। ଏହା ବ୍ୟତୀତ ଦୁର୍ବଳ ଡଲାର ମଧ ଦରବୃଦ୍ଧିର ଅନ୍ୟତମ କାରଣ କୁହାଯାଉଛି। ଅନ୍ତର୍ଜାତୀୟ ବଜାରରେ ସୁନାର ଆଉନ୍ସ ପିଛା ଦର ୩,୭୩୬.୯୭ ଡଲାରରେ ପହଞ୍ଚିଛି।

## ଆଦିତ୍ୟ ବିର୍ଲା ଗ୍ରୁପ୍‌କୁ ତାରକା ନିଯୁକ୍ତିଦାତା ପୁରସ୍କାର

ଭୁବନେଶ୍ୱର, ୧୭।୯: ଓଡ଼ିଶାରେ ନିଯୁକ୍ତି ପ୍ରଦାନରେ ଉଲ୍ଲେଖନୀୟ ଯୋଗଦାନ ଦେଇଥିବା ଆଦିତ୍ୟ ବିର୍ଲା ଗ୍ରୁପ୍‌କୁ ତାରକା ନିଯୁକ୍ତିଦାତା ପୁରସ୍କାର ପ୍ରଦାନ କରାଯାଇଛି। ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କମ୍ପାନିକୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଆଦିତ୍ୟ ବିର୍ଲା ଗ୍ରୁପ୍‌ର କର୍ପୋରେଟ୍ ଅଫେୟାର୍ ମୁଖ୍ୟ ଅର୍ଦ୍ଧେନ୍ଦୁ ମହାପାତ୍ର ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ମନୋଜ ଆହୁଜା, ଉନ୍ନୟନ କମିସନର ଅନୁ ଗର୍ଗ ଓ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନି ୨୦୨୪ ଜୁନ୍‌ରୁ ୨୦୨୫ ସେପ୍ଟେମ୍ବର ସୁଦ୍ଧା ୧୨,୪୧୫ ନିଯୁକ୍ତି ଦେଇଛି। ସେଥିରୁ ୭୬ ପ୍ରତିଶତରୁ ଅଧିକ (୯,୪୮୦ ଜଣ ପ୍ରାର୍ଥୀ) କେବଳ ଓଡ଼ିଶାର ଅଛନ୍ତି। କାର୍ଯ୍ୟକ୍ରମରେ କମ୍ପାନିରେ ନିଯୁକ୍ତି ପାଇଥିବା ୩୫ ଜଣ ପ୍ରାର୍ଥୀ ଉପସ୍ଥିତ ଥିଲେ। ନିଯୁକ୍ତି ପ୍ରତି ଯୋଗଦାନ ଲାଗି ଆଦିତ୍ୟ ବିର୍ଲା ଗ୍ରୁପ୍‌କୁ ସରକାର ପ୍ରଶଂସା କରିଥିଲେ।

# ଅକ୍ଟୋବରରୁ ଟ୍ରେନ୍ ଟିକଟ ବୁକିଂର ନୂଆ ନିୟମ

ନୂଆଦିଲ୍ଲୀ, ୧୭।୯: ରେଳବାଇ ଆସନ୍ତା ଅକ୍ଟୋବର ୧ରୁ ଅନ୍‌ଲାଇନ୍ ଟିକଟ ବୁକିଂ ବ୍ୟବସ୍ଥାରେ ପରିବର୍ତ୍ତନ କରିବାକୁ ଯାଉଛି। ଆସନ୍ତା ମାସଠାରୁ ସାଧାରଣ ବର୍ଗର ଟିକଟ ସଂରକ୍ଷଣ ପାଇଁ ମଧ ଇ-ଆଧାର ପ୍ରମାଣୀକରଣ ବାଧ୍ୟତାମୂଳକ ହେବ। ବର୍ତ୍ତମାନ କେବଳ ତତ୍କାଳ ଟିକଟ ବୁକିଂ ପାଇଁ ତାହା ଅପରିହାର୍ଯ୍ୟ ରହିଛି। ରେଳ ମନ୍ତ୍ରଣାଳୟ ଏକ ବିଜ୍ଞପ୍ତି ଜରିଆରେ ଏହା ଜଣାପଡ଼ିଛି। ମନ୍ତ୍ରଣାଳୟ ଅନୁସାରେ ଆଇଆର୍‌ସିଟିସି

### ସାଧାରଣ ବର୍ଗ ସଂରକ୍ଷଣ ପାଇଁ ମଧ ଇ-ଆଧାର ବାଧ୍ୟତାମୂଳକ

ୱେବ୍‌ସାଇଟ୍ କିମ୍ବା ଆପ୍ ଜରିଆରେ ସାଧାରଣ ସଂରକ୍ଷଣ ସୁବିଧା ଖୋଲିବା ପୂର୍ବ ୧୫ ମିନିଟ୍‌ରେ ଟିକଟ ବୁକିଂ କରିବାକୁ ହେଲେ ଆଧାର ପ୍ରମାଣୀକରଣ ଆବଶ୍ୟକ ହେବ। ଏହା ଜରିଆରେ ଜାଲ୍ ଆଇଡି, ଏଜେଣ୍ଟଙ୍କ ଟିକଟ କଳାବଜାରୀ ଓ ବଟ୍‌ସ ଉପରେ ଅଙ୍କୁଶ ଲଗାଇବାକୁ ରେଳବାଇ ଲକ୍ଷ୍ୟ ରଖିଛି। ଯଦି ଆଇଆର୍‌ସିଟିସି ଆକାଉଣ୍ଟ୍ ସହ ପୂର୍ବରୁ ଆଧାର ଲିଙ୍କ୍ ହୋଇଥିବ ତେବେ ଟିକଟ ବୁକିଂ କରିବା ସହଜ ହେବ। ତେବେ ଷ୍ଟେସନଗୁଡ଼ିକର ଟିକଟ କାଉଣ୍ଟରରେ ସଂରକ୍ଷିତ ଟିକଟ ବୁକିଂ କରିବାର ପ୍ରକ୍ରିୟା ପୂର୍ବଭଳି ସମାନ ରହିବ।

## ବାଉଁଶ ଚୋରିରେ ରାଜସ୍ୱ ନିରୀକ୍ଷକଙ୍କ ସମ୍ପୃକ୍ତି ଅଭିଯୋଗ, ଥାନାରେ ଅଭିଯୋଗ



**ବିଞ୍ଝାରପୁର,୧୭।୯(ସଂଚାର ବ୍ୟୁରୋ):** ପୁରାତନ ମଠରୁ ବାଉଁଶ ଚୋରୀ କରିନେଲେ ଦୁର୍ବୃତ୍ତ। ଚୋରୀ ଘଟଣାରେ ରାଜସ୍ୱ ନିରୀକ୍ଷକଙ୍କ ସମ୍ପୃକ୍ତି ଥିବା ନେଇ ଥାନାରେ ଅଭିଯୋଗ କଲେ ଗ୍ରାମବାସୀ। ଅଭିଯୋଗ ଅନୁଯାୟୀ ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଫତେପୁର ପଞ୍ଚାୟତର ବଂଶୀପୁର ଗ୍ରାମର ପୁରାତନ ମଠ ସୀତାରାମ ମଠରୁ ଗତ ତା୧୪/୦୯/୨୦୨୫ରିଖ ଦିନ ସକାଳେ ଏକ ଟ୍ରାକ୍ଟରରେ ପାଖାପାଖି ୬୦ ଖଣ୍ଡ ବାଉଁଶ ବେଆଇନ୍ ଚାଲାଣ ହେଉଥିବା ଦେଖି ଗ୍ରାମବାସୀ ଗାଡ଼ି ଟିକୁ ଅଟକ ରଖିଥିଲେ।ତେବେ କୌଶଳ କ୍ରମେ ଗାଡ଼ି ଚାଳକ ବାଉଁଶ ତଳେ ଅନଲୋଡ କରି ଗାଡ଼ି ନେଇ ଫେରାର ହୋଇ ଯାଇଥିଲେ। ତେବେ ଏଭଳି ଘଟଣାରେ ରାଜସ୍ୱ ନିରୀକ୍ଷକ ଥାନାରେ ଅଭିଯୋଗ ନକରିବା ଏବଂ ବାଉଁଶ ଚୋରିରେ ଏବଂ ବେଆଇନ ଚାଲାଣରେ ରାଜସ୍ୱ ନିରୀକ୍ଷକଙ୍କ ସମ୍ପୃକ୍ତ ଥିବା ଦର୍ଶାଇ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ସୀମାନ୍ତ କୁମାର ପାତ୍ର।ତେବେ ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ ପରିଶରଭୁକ୍ତ କରିବା ପାଇଁ ଦାବି କରିଛନ୍ତି ସୀମାନ୍ତ। ଅନ୍ୟପଟେ ରାଜସ୍ୱ ନିରୀକ୍ଷକ ଘଟଣା ବିଷୟରେ କିଛି ଜାଣି ନଥିବା ପ୍ରକାଶ କରିଛନ୍ତି।

### କାମ ଆସିନାହିଁ, ହେଲେ କାମ ପାଇଁ କିଏ ଦେଲା ଅନୁମତି କିଏ ସେ ଦାନୀ ଠିକାଦାର!

# ଆଗୁଆ କାମ କରି, ହେବ କି ବିଲ୍ ଚୋରି!





**ଭବାନିପାଟଣା,୧୭।୯ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଦୁର୍ଗମ ଅଞ୍ଚଳରେ ଚାଲିଛି ମନରେଗା ରେ ଅର୍ଥ ଆତ୍ମସାତ୍। ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଅପହଞ୍ଚ ଯୁଗସାଇପାଟଣା ପଞ୍ଚାୟତରେ ଚାଲିଛି ମନରେଗାରେ ଠିକାଦାର ଆଉ ପଞ୍ଚାୟତ କର୍ତ୍ତୃପକ୍ଷ ଙ୍କ ଭିତିରିଆ ଖେଲ।ଏହି ପଞ୍ଚାୟତର ବିଭିନ୍ନ ଗାଁ ରେ ଆଜିମଧ ମୌଳିକ ସୁବିଧା ପହଞ୍ଚି ପାରିନାହିଁ, ପଞ୍ଚାୟତ ର ପ୍ରାୟ ଗାଁକୁ ରାସ୍ତା ନାହିଁ। ତାହାର ଫାଇଦା ନେଇ ଚାଲିଛି ମନରେଗାରେ ମହାଦୁର୍ନୀତି, ପଞ୍ଚାୟତ କର୍ତୃପକ୍ଷ ଠାରୁ ଠିକାଦାର ପର୍ଯ୍ୟନ୍ତ, ଫେକ୍ ଜବକାର୍ଡ ଓ ମିଛ ବିଲ୍ କରି ଲୁଟୁଛନ୍ତି। ଶ୍ରମିକ ନାଁ ରେ ଲୁଟେରା ମାତିଛନ୍ତି।ଏହି ପଞ୍ଚାୟତରେ ୨୫ ଟି ଛୋଟ ବଡ ଦୁର୍ଗମ ପାହାଡିଆ ଗାଁ ରହିଛି। ଆଜି ମଧ ଗାଁମାନଙ୍କରେ ଦୁର୍ଦ୍ଦଶା ପୂର୍ବରୁ ବର୍ତ୍ତମାନ ପର୍ଯ୍ୟନ୍ତ ସମାନ ରହିଛି। ମନରେଗା ୨୦୨୪-୨୫ ଆର୍ଥିକ ବର୍ଷରେ ୪୪ଟି କାମ ଜାରିରହିଛି। ହେଲେ ଏଥିରୁ ସମାନ ନାମ ଏପଟରୁ ସେପଟ କରି ଲକ୍ଷାଧିକ ଟଙ୍କା ହଡପ କରିଥିବା ଅଞ୍ଚଳରେ ଚର୍ଚା ହେଉଛି। ସେହିଭଳି ଅଭିଯୋଗ ଆସିଛି ଏହି ପଞ୍ଚାୟତ ସମେତ ଅନ୍ୟପଞ୍ଚାୟତ ର ୨୦ରୁ ଉର୍ଦ୍ଧ୍ୱ ଗାଁ ଲୋକଙ୍କ ଯାତାୟତ କରୁଥିବା ଚେକ୍ ଗେଟ୍ ନାଳ ତଥା ବରାଖୋଜ ନାଳା ପାଖରେ ଏକ କଲଭର୍ଟ (ପୋଲ)ନିର୍ମାଣ ହୋଇଛି। ଯେଉଁଠାରେ ବିନା ସୂଚନା ଫଳକରେ ଚାରୋଟି ହୋମ ପାଇପ ଦେଇ ଠିକାଦାର ଅତିରୁ ଅତି ନିମ୍ନମାନର ପୋଲ ନିର୍ମାଣ କରିଛନ୍ତି। କାମ ସରୁ ସରୁ ପୋଲ ଗୋଟିଏ ପାର୍ଶ୍ୱରେ ଧୋଇଗଲଣି, କିଛି ସିମେଣ୍ଟ ବସ୍ତା, କାଠ ଦେଇ ନିମ୍ନମାନର କାମ କରିଛନ୍ତି, ସେଥିରେ ପୁଣି ଶିଶୁ ଶ୍ରମିକଙ୍କୁ ନିୟୋଜିତ କରିଥିଲେ। ନାବାଳକ ଛାତ୍ରଙ୍କ କହିବା ଅନୁଯାୟୀ ଆମେ ମଧ କାମ କରିଥିଲୁ କିନ୍ତୁ ଆଜି ପର୍ଯ୍ୟନ୍ତ ପ୍ରତିଶ୍ରମିକ ମିଳିନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, କିଛି ଶ୍ରମିକ କାମ କରନ୍ତି, ଆଉ ବିଭିନ୍ନ ସ୍ଥାନରେ ମେସିନ ମଧ ବ୍ୟବହାର ହୁଏ। ହେଲେ ଠିକାଦାର ନିଜସ୍ୱ ଲୋକଙ୍କ ଜବକାର୍ଡ ତିଆରି କରି ଖାତାରେ ଶ୍ରମିକ ଅର୍ଥକୁ ନେଇଥାଏ।ସେହିଭଳି କାମ ନ କରିଥିବା ବ୍ୟକ୍ତିମାନଙ୍କ ଖାତାକୁ ଟଙ୍କା ଆସିଲେ ୧୦୦ ଟଙ୍କା ଦେଇ ବାକି ଟଙ୍କା ସଂଗ୍ରହ କରିଥାନ୍ତି। ମିଛ ବିଲ୍ କରି ଲକ୍ଷାଧିକ ଶ୍ରମିକ ଅର୍ଥ ମିଳିମିଶି ଚଲୁ କରନ୍ତି। ବିଗତ ଦୁଇ ବର୍ଷରେ କାମ କମ ବିଲ୍ ଅଧିକ ହଡପ ହୋଇଛି।ଭଙ୍ଗା ପୋଲ ରେ ବର୍ଷା ଦିନରେ ବାଜିରେ ଲାଗିଥାଏ ଜୀବନ। ଶ୍ରମିକ ଅର୍ଥ ଲୁଟେରା, ବିକାଶ ରେ ବାଧକ ସାଜିଛନ୍ତି। ଆଜିମଧ ୨୦ରୁ ଅଧିକ ଗାଁ ବର୍ଷା ଦିନେ ଭଙ୍ଗା ପୋଲରେ ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି।ରାସନ ସମାଗ୍ରୀ ହେଉକି ପିଲାମାନଙ୍କର ପାଠପଢ଼ା, ସେହିଭଳି ଦେହ ଖରାପ ହେଲେ ଆମ୍ବୁଲାନ୍ସ ପହଁଞ୍ଚିବା ମଧ କଷ୍ଟକର ହୋଇପଡ଼ିଛି। ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଙ୍କ ପ୍ରତିକ୍ରିୟା ନେବାରୁ କହିଛନ୍ତି କଲଭର୍ଟ (ପୋଲ) ନିର୍ମାଣ ପାଇଁ ଫଣ୍ଡ ଆସିନାହିଁ, କିମ୍ବା ଅନୁମତି ମିଳିନାହିଁ, ଲୋକଙ୍କ ସୁବିଧା ପାଇଁ ଠିକାଦାର କାମ କରିଦେଇଛନ୍ତି।

## ‘ଏକ୍ ପେଡ୍ ମା’ କେ ନାମ୍’ କାର୍ଯ୍ୟକ୍ରମ’ରେ କେନ୍ଦ୍ରମନ୍ତ୍ରୀ ଜୁଏଲ



**ସୁନ୍ଦରଗଡ଼,୧୭।୯ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ବନଖଣ୍ଡ ଅନ୍ତର୍ଗତ ଉଜ୍ଜଳପୁର ସେଣ୍ଟ୍ରାଲ ନର୍ସରୀ ଠାରେ “ଏକ ପେଡ ମାଁ କେ ନାମ” ବା “ମାଁ ପାଇଁ ଗଛଟିଏ” କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିନକୁ ଦିନ କଳୁଷିତ ହୋଇ ପଡୁଥିବା ପରିବେଶକୁ ସବୁଜ ସୁନ୍ଦର ସହିତ ମାଟି ମାଁ ସୁରକ୍ଷା ଦିଗରେ ଦେଶ ବ୍ୟାପୀ ବ୍ୟାପକ ଭାବରେ ବୃକ୍ଷ ରୋପଣର ଉଦ୍ଦେଶ୍ୟ ନେଇ ଏହି କାର୍ଯ୍ୟକ୍ରମ ଚାଲିଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ବନଖଣ୍ଡ ତରଫରୁ ଏକ ସ୍ୱତନ୍ତ୍ର ବୃକ୍ଷରୋପଣ କାର୍ଯ୍ୟକ୍ରମ ବୁଧବାର ଉଜ୍ଜଳପୁର ବନାଞ୍ଚଳ ଅନ୍ତର୍ଗତ ସେଣ୍ଟ୍ରାଲ ନର୍ସରୀ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଗଛ ଲଗାଇବା ସହ ଏହାର ଆଜୀବନ ସୁରକ୍ଷା ନେବାକୁ ପରାମର୍ଶ ଦେବା ସହ ନିଜେ ମଧ୍ୟ ବୃକ୍ଷ ରୋପଣ କରିଥିଲେ। ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଂକର ମହାପାତ୍ର, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ରାମସ୍ୱାମୀ ପି., ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ଖୁସବନ୍ତ ସିଂହ, ଜିଲ୍ଲାପରିଷଦ ସୁନ୍ଦରଗଡ଼ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ, ଉପ ଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଆଇଏଏସ ଅଧିକାରୀ ଫାବି ରସିଦ, ଅତିରିକ୍ତ ବନ ସଂରକ୍ଷକ ଉଦୟନ ଶୁଦ୍ଧି, ରାଜକୁମାର ସେଠୀ, ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟ ପ୍ରମୁଖ ଯୋଗଦାନ କରି ନିଜ ମାଁଙ୍କ ଉଦ୍ଦେଶ୍ୟରେ ବୃକ୍ଷରୋପଣ କରିଥିଲେ। ଉଜ୍ଜଳପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନେତୃତ୍ୱରେ ଛତ୍ର ଛାତ୍ରୀ ମାନେ ସାମିଲ ହୋଇ ବୃକ୍ଷରୋପଣ କରିବା ସହିତ ଏହାର ସୁରକ୍ଷା ଦିଗରେ ଶପଥ ନେଇଥିଲେ। ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ଉଜ୍ଜଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦଙ୍କ ନେତୃତ୍ୱରେ ବନପାଳ ବିନୋଦ ପଟ୍ଟନାୟକ, ରାଜୀବ ସାହୁ, କୁନ୍ଦନ ମିଞ୍ଜ, ପ୍ରଜ୍ଞା ପରିମିତା ସାମଲ ପରିଚାଳନା କରିଥିଲେ।

## ବୌଲାଙ୍ଗ ମଧୁପୁର ଓ ଲାଲବାଗ ପ୍ରାଇମେରୀ ସବଷ୍ଟେସନରେ ବିଶ୍ୱକର୍ମା ପୂଜା ପାଳିତ



**ଦଶରଥପୁର,୧୭।୯ (ସଂଚାର ବ୍ୟୁରୋ):** ଆଜି ଗାଁ ଠୁ ସହର ସବୁଠି ପାଳିତ ହେଉଛି ବିଶ୍ୱକର୍ମା ପୂଜା । ଏହି ଅବସରରେ ବୌଲାଙ୍ଗ ମଧୁପୁର ପ୍ରାଇମେରୀ ସବଷ୍ଟେସନରେ ମହା ଆଡମ୍ବରରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି । ବାଜା ବାଣ ରୋଷଣୀ ମାଧ୍ୟମରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବାପରେ ରୀତିନୀତି ଅନୁଯାଇ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ପୂଜା ମଣ୍ଡପଟିକୁ ବିଭିନ୍ନ ଆଲୋକ ମାଳାରେ ସୁସଜ୍ଜିତ ଭାବେ ସଜା ଯାଇଥିବା ବେଳେ ମୃଣୟ ମୂର୍ତ୍ତିଟି ବେଶ ଆକର୍ଷଣୀୟ ହୋଇଥିବା ଦେଖିବା ପାଇଁ ମିଳିଛି । ପୂଜାରେ କୁଳମଣି ସାହୁ ସଂକଳ୍ପ କରିଥିବା ବେଳେ ପୂଜକ ସରୋଜ କୁମାର ପଣ୍ଡା ପୂଜାର୍ଚ୍ଚନା କରିଥିଲେ । ସେହିପରି ଲାଲବାଗ ପ୍ରାଇମେରୀ ସବଷ୍ଟେସନରେ ମଧ୍ୟ ବେଶ ଆଡମ୍ବର ସହକାରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି । ପୂଜାରେ ଦଶରଥପୁର ଏସଡ଼ିଓ ମନୋଜ କୁମାର ସ୍ୱାଇଁ, ମଙ୍ଗଳପୁର ସେକ୍ସନର କନିଷ୍ଠଯନ୍ତ୍ରୀ ସୋଭାଗ୍ୟ ରଞ୍ଜନ ବେହେରା, ଏସସିଇଓ ଚନ୍ଦନ କୈବର୍ତ୍ତ୍ୟ, ଲାଇନମ୍ୟାନ ଅମିରୁଦ୍ଦିନ ଖାନ, ରାକେଶ ମହାନ୍ତି, ରାଜେନ୍ଦ୍ର କୁମାର ପଣ୍ଡା, ପ୍ରଦ୍ୟୁମ୍ନ ପଲେଇ, ତ୍ରିଲୋଚନ ନାୟକ, ବିଜୟ ଦାସ, ରତ୍ନାକର ରାଉଳ, ଆଲୋକ କୁମାର ନାୟକ, ସବିନୟ ସାମଲ, ବିଜୟ ଦାସ, ପ୍ରମୁଖଙ୍କ ସମେତ ବିଦ୍ୟୁତ ବିତରକ ଟାଟା ପାୱାର କମ୍ପାନୀର ସମସ୍ତ ଲାଇନମ୍ୟାନ ଓ ବିଭିନ୍ନ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ରୋତ କଲେଜରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

**ଆଗଲପୁର,୧୭।୯(ସଂଚାର ବ୍ୟୁରୋ):** ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତରେ ଆଜି ବିଶାଳ ବୃକ୍ଷ ରୋପଣ କାର୍ଯ୍ୟକ୍ରମ 'ମାଁ ପାଇଁ ଗଛଟିଏ' ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ ଓ ଏନ.ସି.ସି.ର ସ୍ୱେଚ୍ଛାସେବୀମାନଙ୍କ ସହ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସାମିଲ ହୋଇ ସର୍ବମୋଟ ସାତଶହ ଆଠ ଗୋଟି ବୃକ୍ଷ ରୋପଣ କରିଥିଲେ। ପ୍ରଥମେ ବୃକ୍ଷ ରୋପଣର ଉପକାରୀତା ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଇଥିଲା। ପରେ କଲେଜ ଛାତ୍ରାବାସରେ ଏକଶହ ଆଠ ଗୋଟି ଫଳଗଛ



ରୋପଣ କରାଯାଇ ଥିବାବେଳେ ଏନ୍.ଏସ୍.ଏସ୍ ପୋଷ୍ୟ ଗ୍ରାମ କଲାସରେ ଘରେ ଘରେ ଏକଶହ ଫଳଗଛ ବଣ୍ଟନ କରାଯାଇଥିଲା। ଏହାପରେ ରାସ୍ତାର ଉଭୟ ପାର୍ଶ୍ୱରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପାଞ୍ଚ ଶହଟି ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରାଯାଇଥିଲା। ଏଥିରେ ଏନ୍.ଏସ୍.ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଦୈତାରୀ ଶବର, ଏନ୍.ସି.ସିର କ୍ୟାପଟେନ ଗୋପାଳ ସାହୁ, ୟୁ.ଆର୍.ସିର ସଂଯୋଜକ ଡକ୍ଟର ଲିଙ୍ଗରାଜ ମେହେର ଓ ରୁପେଶ ଷାଣ୍ଢଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବିଶେଷ ସହଯୋଗ କରିଥିଲେ।

## ରୁପ୍ରାରୋଡରେ ‘ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ



**ନର୍ଲା,୧୭।୯(ସଂଚାର ବ୍ୟୁରୋ):** ରୁପ୍ରାରୋଡ ଠାରେ ବୁଧବାର ଦିନ ମା ପାଇଁ ଗଛଟିଏ ୨.୦ ଅଭିଯାନ ଅନୁଷ୍ଠିତ ହୋଇଛି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ପର୍ଯ୍ୟବେକ୍ଷକ ଭାବେ ଏପିଡି ଡିଆରଡିଏ ଦୁର୍ଯ୍ୟୋଧନ ଭୋଇ, ସମ୍ମାନିତ ଅତିଥି ଭାବେ ନର୍ଲା ବ୍ଲକ୍ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ବିଡ଼ିଓ ବିପିନ ବିହାରୀ ଦୀପ, ରୁପ୍ରାରୋଡ ସରପଞ୍ଚ ହେମନ୍ତ ଭୋଇ, ରୁପ୍ରାରୋଡ ହାଇସ୍କୁଲର ପ୍ରଧାନଶିକ୍ଷକ ଅଭୟ ଗଡ଼ତିଆ ପ୍ରମୁଖ ଉପସ୍ଥିତ ରହି ହାଇସ୍କୁଲ ପଡ଼ିଆ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ଏକ ଜନସଚେତନତା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ସାମିଲ ହୋଇ ସମସ୍ତେ ଗୋଟିଏ ଗୋଟିଏ ଚାରା ରୋପଣ କରିଥିଲେ। ରୁପ୍ରାରୋଡ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ ଏବଂ ଏଡିଇଓ ଭୁବନେଶ୍ୱର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ‘ଏକ ପେଡ ମା’ କେ ନାମ’ ସାମୁହିକରେ ବୃକ୍ଷ ରୋପଣ



**ଭବାନୀପାଟଣା,୧୭।୯(ସଂଚାର ବ୍ୟୁରୋ):** ଦେଶ ର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ମୋଦି ଜି ଙ୍କ ୭୫ ତମ ଜନ୍ମ ଦିନ ଅବସରର ଦେଶବ୍ୟାପୀ ଅନେକ ଜନ ହିତକର ଯୋଜନା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଦେଶ ରେ ପରିବେଶ ସୁରକ୍ଷା ପାଇଁ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ ରେ ବୃକ୍ଷ ରୋପଣ କୁ ପ୍ରାଧାନ୍ୟତା ଦିଆଯାଇଛି।ଆଜି ୭୫ ଲକ୍ଷ ବୃକ୍ଷ ରୋପଣ ନେଇ ସଂକଳ୍ପ କରାଯାଇଛି। ଏହି ସଂକଳ୍ପ ରେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଡିଗ୍ରୀ ମହାବିଦ୍ୟାଳୟ ଠାରେ ‘ଏକ ପେଡ ମା କେ ନାମ‘ କାର୍ଯ୍ୟକ୍ରମ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ବିଶିଷ୍ଟ ଅତିଥି ଭାବେ ବିଧାୟକ ଙ୍କ ପ୍ରତିନିଧି ତ୍ରିନାଥ ଶବର, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ପୁଷ୍ପରାଜ ମେହେର, ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷ ଉପେନ୍ଦ୍ର ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ଶୁକ୍ରାନନ୍ଦ ମିଶ୍ର, ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି, ଏନସିସି କ୍ୟାପଟେନ ଅଶ୍ୱିନୀ କୁମାର ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, ବିଜେପି ନେତା ମଧୁବନ ପାତ୍ର, ତୁଳାରାମ ନାଏକ, ଅଧ୍ୟାପକ, ଅଧ୍ୟାପିକା, ବ୍ଲକ ପ୍ରଶାସନ ର ଅଧିକାରୀ ସମେତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଡିଗ୍ରୀ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନେ ମିଳିତ ଭାବେ ମହାବିଦ୍ୟାଳୟ ପରିସରରେ ସାମୁହିକ ବୃକ୍ଷ ରୋପଣ କରିଥିଲେ। ପରେ ଏକ ସଚେତନତା ଶୋଭାଯାତ୍ରାରେ ଛାତ୍ରଛାତ୍ରୀ, ବ୍ଲକ ପ୍ରଶାସନିକ ଅଧିକାରୀ, ଅଧ୍ୟାପକ, ଅଧ୍ୟାପିକା, ଜନ ପ୍ରତିନିଧି, ମିଶନ ଶକ୍ତି ର ମହିଳା କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ର କର୍ମକର୍ତ୍ତା ମାନେ କୋକସରା ସହର ପରିକ୍ରମା ପରେ ଲୋକଙ୍କୁ ବୃକ୍ଷ ରୋପଣ ପାଇଁ ସଚେତନତା।

## ବନ ବିଭାଗର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ‘ମା’ ପାଇଁ ଗଛଟିଏ’



**ମୁନିଗୁଡା,୧୭।୯(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଆହ୍ୱାନରେ ଏବଂ ରାୟଗଡ଼ ବନଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ସଚିନ ଆନାସାହେବ ଓହାଲଙ୍କ ନିର୍ଦ୍ଦେଶ କ୍ରମେ ଆଜି ‘ମା ପାଇଁ ଗଛଟିଏ’ ନାମକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମତିଥି ପାଳନ ଅବସରରେ ମୁନିଗୁଡ଼ା ବନାଞ୍ଚଳର ଅମ୍ବାଦୋଳା, ଡାଙ୍ଗସୋରଡ଼ା, ଚନ୍ଦ୍ରପୁର, ବିଷମକଟକ, ଦୁର୍ଗୀ ଏବଂ ମୁନିଗୁଡ଼ା ସେକ୍ସନ୍‌ରେ ଏହି କାର୍ଯ୍ୟକ୍ରମ ସଫଳତାର ସହିତ ପାଳନ କରାଗଲା। ପୂର୍ବରୁ ବନାଞ୍ଚଳର ୪୬ଟି ପଞ୍ଚାୟତକୁ ୨୩ ହଜାର ଚାରା ଯୋଗାଇ ଦିଆଯାଇଥିଲା। ଆଜି ବନାଞ୍ଚଳ ଅଧିକାରୀ ଶ୍ରୀ ଅନିଲ କୁମାର ବାଲା ଓ ପ୍ରବୀଣ ଦାସଙ୍କ ନେତୃତ୍ୱରେ ବିଭିନ୍ନ ସେକ୍ସନର ବନକର୍ମୀ, ସ୍ଥାନୀୟ ଏଜିଓ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଦଳ ଓ ଗ୍ରାମବାସୀଙ୍କ ସହଯୋଗରେ ୧୨ଟି ସ୍ଥାନରେ ବିଶାଳ ଚାରା ରୋପଣ କାର୍ଯ୍ୟ ସମ୍ପନ୍ନ କରାଗଲା। ପିସ୍କାପଙ୍ଗା, ବଡ଼ ଢାଣ୍ଡରା, ବାଇନି ବସା, ଦେଓକୁପୁଲି, ଡୁମୁରୁନେଲି, ପାଟନା, ଦାରୁକଣା, ଗଙ୍ଗରପଡ଼ା, ଦଣ୍ଡପଡ଼ା, ଥୁଆପାଡ଼ି, ଡିମିରିଗୁଡ଼ା ଓ କେଉଡ଼ତୋଳାରେ ୧୧,୫୦୦ରୁ ଅଧିକ ଚାରା ରୋପାଣ କରାଯାଇଥିଲା।

## “ସୁସ୍ଥ ନାରୀ,ସଶକ୍ତ ପରିବାର ଅଭିଯାନ”

**ନୟାଗଡ଼, ୧୭।୯(ସଂଚାର ବ୍ୟୁରୋ):** “ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ” ହେଉଛି ଏକ ଜାତୀୟ ସ୍ତରୀୟ ଅଭିଯାନ ଯାହା ଓଡ଼ିଶା ସମେତ ସମଗ୍ର ରାଜ୍ୟରେ ଏକ ସୁସ୍ଥ ଭବିଷ୍ୟତ ପିଢ଼ି ଗଠନ ପାଇଁ ଶିବିର ପଦ୍ଧତି ମାଧ୍ୟମରେ ପ୍ରାଥମିକତାରେ ସମସ୍ତ ବୟସର ମହିଳା ଏବଂ ଝିଅମାନଙ୍କୁ ବ୍ୟାପକ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସେବା ପ୍ରଦାନ କରିବା ପାଇଁ ଯୋଜନା କରାଯାଇଛି। ଏହି ଅଭିଯାନ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବୁଧବାର ଦିନ ଇନ୍ଦୋରଠାରେ ଉଦ୍ଘାଟିତ ହୋଇଛି ଏବଂ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ କାର୍ଯ୍ୟକାରୀ ହେବ, ଯେଉଁଥିରେ ଜନସ୍ୱାସ୍ଥ୍ୟ ପ୍ରଶାସନ, ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟରତ ମଞ୍ଚ / ଏଜେନ୍ସି / ହସ୍ପିଟାଲ ସମେତ ଏନଜିଓମାନେ ସାମିଲ ହେବେ। ଅଭିଯାନ ସମୟରେ ଶିବିର ପଦ୍ଧତି ମାଧ୍ୟମରେ ସମସ୍ତ ବୟସର ମହିଳା ଏବଂ ଝିଅମାନଙ୍କୁ ବ୍ୟାପକ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସେବା ପ୍ରଦାନ କରାଯିବ। ବ୍ୟାପକ ସ୍ୱାସ୍ଥ୍ୟ ପରୀକ୍ଷା ନିମ୍ନଲିଖିତ ସର୍ତ୍ତଗୁଡ଼ିକୁ କଭର କରିବ ଉଚ୍ଚ ରକ୍ତଚାପ, ମଧୁମେହ, ମୁଖ କର୍କଟ, ସ୍ତନ କର୍କଟ ଏବଂ ଗର୍ଭାଶୟ କର୍କଟ ପାଇଁ ଏନସିଡି ସ୍କ୍ରିନିଂ, ଯକ୍ଷ୍ମା ସ୍କ୍ରିନିଂ, ଆନିମିଆ ପାଇଁ ସ୍କ୍ରିନିଂ, ସିକଲ୍ ସେଲ୍ ଏବଂ ଥାଲାସେମିଆ ପାଇଁ ସ୍କ୍ରିନିଂ ଏଏନ୍ସି ସ୍କ୍ରିନିଂ/ଚେକ୍‌ଅପ୍ ବୟ ଅନୁପଯୁକ୍ତ ଟୀକାକରଣ ନୟାଗଡ଼ ଜିଲ୍ଲାରେ ଆସନ୍ତା ୧୫ ଦିନ ମଧ୍ୟରେ ମୋଟ ୧୭୯୦ଟି ଶିବିର ଆୟୋଜନ କରାଯିବାର ଯୋଜନା କରାଯାଇଛି।



## ‘ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ ଅନୁଷ୍ଠିତ



**ବାଲିପାଟଣା,୧୭।୯(ସଂଚାର ବ୍ୟୁରୋ):** ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନିର୍ଦ୍ଦେଶ କ୍ରମେ କୃଷକ ମୋର୍ଚ୍ଚାର ଭୁବନେଶ୍ୱର ଜିଲ୍ଲା ସାଙ୍ଗଠନିକ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ପାଳନ ଅବସରରେ ପ୍ରକୃତି ଓ ପରିବେଶର ସୁରକ୍ଷା ପାଇଁ ‘ମା ପାଇଁ ଗଛଟିଏ‘ କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାପକ ବୃକ୍ଷ ରୋପଣ କରାଯାଇଛି। ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୨ ଗାନ୍ଧୀଜୟନ୍ତୀ ପର୍ଯ୍ୟନ୍ତ ଦୀର୍ଘ ୧୫ ଦିନ ବ୍ୟାପୀ ହେବାକୁ ଥିବା ‘ସେବା ପକ୍ଷ‘ ଅବସରରେ ବିଜେପି କୃଷକ ମୋର୍ଚ୍ଚା ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି। ଆଜି ପ୍ରଥମ ଦିନରେ ଭୁବନେଶ୍ୱର ଜିଲ୍ଲା ସଂଗଠନ ପରିସର ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ବାସୁଆଘାଇ ପଞ୍ଚାୟତ, କୋରଡକଣ୍ଟା, କୋଶୁରା ଏବଂ ଜୟଦେବ ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ଜଗନ୍ନାଥପୁର ପଞ୍ଚାୟତରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାଜ୍ୟ ସଂପାଦକ ଅଶୋକ କୁମାର ରଥ, ବିଜେପି ର ବରିଷ୍ଠ ନେତା ବସନ୍ତ କୁମାର ନାୟକ, ଭୁବନେଶ୍ୱର ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ସ୍ୱାଇଁ, ଖୋର୍ଦ୍ଧ ଜିଲ୍ଲା ସଭାପତି ପ୍ରଭାତ କୁମାର ସ୍ୱାଇଁ, ଦୀପ୍ତି ରଞ୍ଜନ ଜେନା, ଅଜୟ ସୁନ୍ଦରାୟ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଙ୍କ ସମେତ ଶତାଧିକ କର୍ଯ୍ୟକର୍ତ୍ତା ଯୋଗଦେଇଥିଲେ ।

## ରାସ୍ତା ପାଇଁ ରାସ୍ତାରୋକ ଚେତାବନୀ, ସଜବାଜ ହେଲେଣି ପଞ୍ଚାୟତବାସୀ



**ଲାଞ୍ଜିଗଡ଼,୧୭।୯(ସଂଚାର ବ୍ୟୋରୋ):** ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତର ୧୭ଗୋଟି ଗାଁର ଲୋକେ ରାସ୍ତା ଖଣ୍ଡିକ ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତଳୁ ଉପର ଯାଏଁ ସମସ୍ତଙ୍କୁ ଗୁହାରି କରି ଥକିଗଲେଣି। କେହି ଶୁଣୁନାହାନ୍ତି। ଶେଷରେ ଅନ୍ୟ ଉପାୟ ନପାଇଁ ନେଇଛନ୍ତି ଚରମ ନିଷ୍ପତ୍ତି। ରାସ୍ତା ପାଇଁ ଆସନ୍ତା ୨୨ ତାରିଖ ଦିନ କରିବେ ରାସ୍ତାରୋକ। ଏଥିପାଇଁ ଗାଁ ଗାଁରେ ଚାଲିଛି ଜୋରଦାର ପ୍ରସ୍ତୁତି। ଏନେଇ ଲାଞ୍ଜିଗଡ଼ ତହସିଲଦାରଙ୍କ ଜରିଆରେ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଥିବାବେଳେ ଲାଞ୍ଜିଗଡ଼ ବିଡିଓ, ବିଶ୍ୱନାଥପୁର ଥାନାଧିକାରୀଙ୍କୁ ମଧ ଜଣାଇ ଦିଆଯାଇଛି। ଏପରିକି ମଙ୍ଗଳବାର ସନ୍ଧ୍ୟାରେ ଏହିସବୁ ଅଞ୍ଚଳବାସୀ ଏସପିଙ୍କ କାର୍ଯ୍ୟାଳୟକୁ ଯିବାସହିତ ଦାବି ସମ୍ପର୍କରେ ଅବଗତ କରାଇଛନ୍ତି। ଆସନ୍ତା ୨୨ ତାରିଖ ମଧରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆନ’ଗଲେ ୬ ନମ୍ବର ରାଜ୍ୟ ରାଜପଥ ପୋଖରୀବନ୍ଧରେ ରାସ୍ତାରୋକ ଅନିବାର୍ଯ୍ୟ ବୋଲି ସେମାନେ ଚେତାଇଦେଇଛନ୍ତି।

## ବିଶ୍ୱକର୍ମାଙ୍କ ପୂଜା ପାଳିତ

**ଡାବୁଗାଁ,୧୭।୯(ସଂଚାର ବ୍ୟୁରୋ):** ଡାବୁଗାଁ ସଦର ମହକୁମା ସ୍ଥିତ ବିଦ୍ୟୁତ ବିଭାଗ, ବ୍ଲକ କାର୍ଯ୍ୟାଳୟ, ଓଡିଶା ବିହନ ନିଗମ ପ୍ଲାଣ୍ଟ ଓ ବିଭିନ୍ନ ବେସରକାରି ଅନୁଷ୍ଠାନ ରେ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ବୁଧବାର ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ଠାରେ ପ୍ରତି ବର୍ଷ ଭଳି ଏବର୍ଷ ମଧ୍ୟ ପ୍ରଭୁ ବିଶ୍ୱକର୍ମାଙ୍କ ମୂର୍ତ୍ତି ସ୍ଥାପନ କରି ବହୁ ଧୁମ୍ ଧାମ୍ ରେ ପାଳନ କରିଛନ୍ତି। ବିଦ୍ୟୁତ ବିଭାଗ ଲାଇନମ୍ୟାନ ପ୍ରବୀଣ କୁମାର ସାହୁ କର୍ତ୍ତା ଭାବେ ପୂଜାର୍ଚ୍ଚନା କରିଥିଲେ। ଏହି ପୂଜା ମଣ୍ଡପ ଗୁଡିକରେ ରଙ୍ଗ ବେରଙ୍ଗ ଆଲୋକ ମାଳାରେ ଝଲସି ପଡୁଛି। ସନ୍ଧ୍ୟାରେ ବିଶ୍ୱକର୍ମାଙ୍କୁ ଦର୍ଶନ କରିବା ପାଇଁ ବହୁ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଛି। ସାଉଥକୋ କାର୍ଯ୍ୟାଳୟ ରେ ହୋଇ ଥିବା ମୂର୍ତ୍ତୀ, ସାଜ ସଜା ବହୁତ ଆକର୍ଷଣୀୟ ହୋଇଥିଲା। ଏଠାରେ ମଧ୍ୟାହ୍ନ ରେ ଭକ୍ତ ମାନଙ୍କୁ ଅନ୍ନଭୋଗ ବଣ୍ଟନ କରା ଯାଇଥିଲା। ଏଥିରେ ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ପବିତ୍ର କୁମାର ସାହୁ, ଲାଇନମ୍ୟାନ ଉତ୍ତମ ଦାସ ଓ ଅନ୍ୟମାନେପରିଚାଳନା କରିଥିଲେ। ସେହିପରି ବ୍ଲକ କାର୍ଯ୍ୟାଳୟରେ କର୍ତ୍ତା ଭାବେ କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ ଦୀପକ ମିଶ୍ର ପୂଜାର୍ଚ୍ଚନା କରିଥିବା ସହକାରୀ ଯନ୍ତ୍ରୀ ଆନନ୍ଦ କୁମାର ମଣ୍ଡଳ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ଚୌଧୁରୀ, ଅଭିନାଶ ନାୟକ ପ୍ରମୁଖ ପରିଚାଳନା କରିଥିଲେ।




ସଂଚାର SANCHAR ଗୁରୁବାର ୧୮ ସେପ୍ଟେମ୍ବର ୨୦୨୫

# ସ୍ୱାସ୍ଥ୍ୟ

ପାହାଡ଼ ଜଙ୍ଗଲ ଘେରା ଜିଲ୍ଲା ହେଉଛି ବୌଦ୍ଧ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏହି ଜିଲ୍ଲା ଶୀତ ଋତୁ ଆସିଲେ ବେଶ୍ ଚଳଚଞ୍ଚଳ ହୋଇ ଉଠେ। କାରଣ ଏଠିକାର ମନୋରମ ପରିବେଶକୁ ଉପଭୋଗ କରିବାକୁ ତଥା କିଛି ସମୟ ଶାନ୍ତିରେ ବିତାଇବାକୁ କାଇଁ କେତେଆଡ଼ୁ ଛୁଟି ଆସନ୍ତି ପର୍ଯ୍ୟଟକ। ଜିଲ୍ଲାର ଯେଉଁ ସବୁ ସ୍ଥାନକୁ ପର୍ଯ୍ୟଟକମାନେ ଆସନ୍ତି, ସେ ଭିତରୁ ଗୋଟିଏ ହେଉଛି କୁମ୍ଭିଧର ଜଳପ୍ରପାତ। ଜିଲ୍ଲାର ଆଡ଼େଣିଗଡ଼ ପଞ୍ଚାୟତର ମାଧପୁର ନିକଟରେ ରହିଛି ଏହି ଜଳପ୍ରପାତ। ଏହା ଏକ ସୁନ୍ଦର ପିକନିକ୍ ସ୍ପଟ୍ ଭାବେ ଜଣାଶୁଣା। ସବୁ ବର୍ଗର ଲୋକଙ୍କୁ ଏହା ଆକୃଷ୍ଟ କରେ। ଏଠାକାର ପ୍ରାକୃତିକ ଶୋଭାରାଜି ଭିତରେ ପକ୍ଷୀଙ୍କ କଳରବ, ଝରଣାର କୁଳୁକୁଳ ନାଦ ଓ ଶୀତୁଆ ସକାଳରେ ସୂର୍ଯ୍ୟଙ୍କ ସ୍ୱର୍ଣ୍ଣିମ କିରଣ ପର୍ଯ୍ୟଟକଙ୍କୁ ବେଶ୍ ରୋମାଞ୍ଚିତ କରେ। ପର୍ଯ୍ୟଟକମାନେ ଝରଣା ପାଣିରେ ଗାଧୋଇବା ସହିତ ମାଛ ଧରିବାର ମଜା ମଧ୍ୟ ନେଇଥା'ନ୍ତି। ବିଶେଷ କରି ନଭେମ୍ବରରୁ ଫେବୃଆରୀ ମାସ ଯାଏ ଏଠାରେ ଲୋକଙ୍କ ଭିଡ଼ ଜମିଥାଏ। ବର୍ଷର ଅନ୍ୟ ଦିନଗୁଡ଼ିକରେ ବି କେହି କେହି ଏଠାକୁ ବଣଭୋଜି କରିବାକୁ ଆସନ୍ତି। ସୁଶାନ୍ତ କଂହର ନାମକ ଜଣେ ପର୍ଯ୍ୟଟକ କହିଛନ୍ତି, ବହୁ ଲୋକ ଏଠାକୁ ଆସୁଛନ୍ତି। ଏଠାରେ ବଣ ଭୋଜି ସହ ମାଛ ଧରିବା, ସେଲଫି ନେବା ଓ ଝରଣାରେ ପାଣି ଗାଧୋଇବାର ମଜା ନେଉଛନ୍ତି। ଏହାକୁ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଲେ ଏଠାକୁ ଆହୁରି ପର୍ଯ୍ୟଟକ ଆସିବେ।

## କୁମ୍ଭିଧର ଆସନ୍ତୁ ପ୍ରକୃତିକୁ ଉପଭୋଗ କରନ୍ତୁ



**କେମିତି ଯିବେ:** ରାଜଧାନୀ ଭୁବନେଶ୍ୱରରୁ ଏହି ସ୍ଥାନର ଦୂରତା ୧୭୨ କିଲୋମିଟର। ସେହିପରି ବୌଦ୍ଧ ସଦର ମହକୁମାରୁ ଏହାର ଦୂରତା ୫୫ କି.ମି ହୋଇଥିବା ବେଳେ ଫୁଲବାଣୀରୁ ଏହାର ଦୂରତା ୪୫ କି.ମି। ବୌଦ୍ଧ ଜିଲ୍ଲା ଆଡେଣୀଗଡ଼ ପଞ୍ଚାୟତ ମାଧପୁର ଛକରୁ ଫୁଲବାଣୀ ରାସ୍ତାରେ ୩ କିଲୋମିଟର ଗଲେ ପଡ଼େ ଏହି ପିକନିକ୍ ସ୍ପଟ୍।

**କେଉଁଠି ରହିବେ:** କୁମ୍ଭିଧରକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ରାତ୍ରିଯାପନ ପାଇଁ ମାଧପୁର ଛକରେ ପୂର୍ତ୍ତବିଭାଗର ଡାକ ବଙ୍ଗଳା ଏବଂ ଆଡ଼େଣୀଗଡ଼ରେ ଜାତୀୟ ରାଜପଥ ବିଭାଗର ଡାକ ବଙ୍ଗଳା ରହିଛି। ଏହି ସୌନ୍ଦର୍ଯ୍ୟଭରା ସ୍ଥାନଟି ବୌଦ୍ଧ ବନବିଭାଗ ଅଧୀନରେ ରହିଛି। ଏଠାରେ ଭିତ୍ତିଭୂମିର ବିକାଶ କରାଗଲେ ଆହୁରି ଅଧିକ ଲୋକଙ୍କ ଆଗମନ ହୁଅନ୍ତା।

## ଶୀତଦିନେ ବୁଲିବାକୁ ଯାଆନ୍ତୁ ସେଣ୍ଟ ଥୋମାସ ଦୁର୍ଗ



କେରଳର କୋଲ୍ଲାମ ସହର ଅନ୍ତର୍ଗତ ଏକ ତଟୀୟ ଅଞ୍ଚଳ ହେଉଛି ଥଙ୍ଗାସେରୀ। ଏଠାରେ ରହିଛି ଏକ ପ୍ରାଚୀନ ଦୁର୍ଗ, ଯାହାର ନାଁ ହେଲା ଥଙ୍ଗାସେରୀ ଦୁର୍ଗ। ସେଣ୍ଟ ଥୋମାସ ଦୁର୍ଗ ଭାବେ ବି ଏହା ପରିଚିତ। ଥଙ୍ଗାସେରୀ ହେଉଛି କେରଳର କୋଲ୍ଲାମ ସହର ଅନ୍ତର୍ଗତ ଏକ ତଟୀୟ ଅଞ୍ଚଳ, ଯେଉଁଠାରେ ରହିଛି ପ୍ରାଚୀନ ଥଙ୍ଗାସେରୀ ଦୁର୍ଗ। ଏହି ଦୁର୍ଗ ସେଣ୍ଟ ଥୋମାସ୍ ଦୁର୍ଗ ନାମରେ ବି ପରିଚିତ। କେରଳ ରାଜ୍ୟର ରାଜଧାନୀ ଥିରୁଭାନନ୍ତପୁରମ ଠାରୁ ୭୧କି.ମି ଏବଂ କୋଲ୍ଲାମ୍ ସହରଠାରୁ ପ୍ରାୟ ୫କି.ମି ଦୂରରେ ଥିବା ଏହି ଦୁର୍ଗ ନିକଟକୁ ବୁଲିବାକୁ ଗଲେ ଅନେକ ଐତିହାସିକ ତଥ୍ୟ ଜାଣିବାର ସୁଯୋଗ ମିଳେ। ଖାସ ସେଥିପାଇଁ ଏଠାରେ ପର୍ଯ୍ୟଟକଙ୍କର ବେଶ ଭିଡ଼ ପରିଲକ୍ଷିତ ହୋଇଥାଏ।

**କେବେ ଓ କେମିତି ଯିବେ:** ଶୀତ ଦିନେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ବୁଲି ଯାଇଥାଆନ୍ତି। ଖାସ କରି ଅକ୍ଟୋବରରୁ ଫେବୃଆରୀ ଭିତରେ ଏଠାରେ ଆଗନ୍ତୁକଙ୍କର ବେଶ ଭିଡ଼ ଦେଖିôବାକୁ ମିଳିଥାଏ। ସେହିପରି ଏଠାକୁ ଯିବା ପାଇଁ ପରିବହନର ତିନୋଟି ମାଧ୍ୟମର ସୁବିଧା ରହିଛି। ତ୍ରିବେନ୍ଦ୍ରମ୍ ଏୟାରପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର। ଯାହା ଥଙ୍ଗାସେରୀ ଦୁର୍ଗଠାରୁ ପ୍ରାୟ ୭୦କି.ମି ଦୂରରେ ଅବସ୍ଥିତ। ଉକ୍ତ ବିମାନବନ୍ଦର ନିକଟରୁ ଥଙ୍ଗାସେରୀ ଦୁର୍ଗକୁ ଯିବା ପାଇଁ ଟ୍ୟାକ୍ସିର ସୁବିଧା ବି ରହିଛି। ଅନ୍ୟ ପଟେ କୋଲ୍ଲାମ୍ ଜଙ୍କସନ୍ ରେଲୱେ ଷ୍ଟେସନ ହେଉଛି ଥଙ୍ଗାସେରୀ ଦୁର୍ଗର ନିକଟତମ ତଥା ଏକ ପ୍ରମୁଖ ରେଳଷ୍ଟେସନ। ତା ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ ବି ଯା ଆସ କରିଥାଏ। ଏଠାରେ ଥଙ୍ଗାସେରୀ ଦୁର୍ଗ ବ୍ୟତୀତ ଆହୁରି ଅନେକ ଦର୍ଶନୀୟ ସ୍ଥାନ ବି ବୁଲି ଦେଖିହୁଏ। ତନ୍ମଧ୍ୟରୁ ଥଙ୍ଗାସେରୀ ବିଚ, କୋଲ୍ଲାମ ବନ୍ଦର, ଇନଫାଣ୍ଟ ଜେସସ୍ କାଥେଡ୍ରାଲ, ଲାଇଟ ହାଉସ ଇତ୍ୟାଦି ଅନ୍ୟତମ। ତେଣୁ ଇତିହାସରେ ରୁଚି ରଖୁଥିବା ତଥା ପ୍ରକୃତିପ୍ରେମୀଙ୍କ ପାଇଁ ଏହା ଏକ ଖାସ ପର୍ଯ୍ୟଟନସ୍ଥଳୀ କହିଲେ ଆଦୌ ଭୁଲ ହେବନାହିଁ।

## ରାଜସ୍ଥାନର ବୁନ୍ଦୀ ସହର



ଶୀତ ଋତୁରେ ପିକନିକର ଆସର ଜମିଥାଏ। ତେବେ ଲୋକମାନେ ବିଭିନ୍ନ ସ୍ଥାନକୁ ବୁଲିବାକୁ ଯିବାକୁ ଯୋଜନା କରନ୍ତି। ଏବେ ଲୋକମାନେ ବିଭିନ୍ନ ପାହାଡ଼, ପର୍ବତ, ଝରଣା କିମ୍ବା ସମୁଦ୍ରକୂଳ ସ୍ଥାନକୁ ବୁଲିଯାଇ ଭୋଜିଭାତର ଆୟୋଜନ କରୁଛନ୍ତି। ଏହାଛଡ଼ା ଯଦି ଆପଣ କୌଣସି ଦୂର ସ୍ଥାନକୁ ଯିବାକୁ ଯୋଜନା ରଖିଛନ୍ତି ତେବେ ରାଜସ୍ଥାନର ବୁନ୍ଦୀ ସହର ବୁଲିବାକୁ ଯାଆନ୍ତୁ। ରାଜସ୍ଥାନର ଦକ୍ଷିଣ ପୂର୍ବରେ ପାହାଡ଼ ଘେରି ରହିଥିବା ସୁନ୍ଦର ସହର ହେଉଛି ବୁନ୍ଦୀ। ବୁନ୍ଦୀ ସହରର ସ୍ଥାପନା ୧୨୪୨ରେ ହୋଇଥିଲା। ଏଠାରେ ପୂର୍ବରୁ ରାଜାରାଜୁଡ଼ା ଶାସନ ଚାଲିଥିଲା। ଏହା ରାଜସ୍ଥାନର ହାଡ଼ୋତୀ ଅଞ୍ଚଳରେ ରହିଛି। ବୁନ୍ଦୀରେ ବୁଲିବା ପାଇଁ ଅନେକ ପର୍ଯ୍ୟଟନ ସ୍ଥଳ ରହିଛି।

**ତାରାଗଡ଼ କିଲ୍ଲା:** ଏହି କିଲ୍ଲା ବୁନ୍ଦୀ ସହରର ଏକ ଦର୍ଶନୀୟ ସ୍ଥାନ। ଏହା କିଲ୍ଲାରୁ ସମ୍ପୂର୍ଣ୍ଣ ବୁନ୍ଦୀ ସହର ଦେଖିବାକୁ ମିଳିଥାଏ।

**ବାଦଲ ମହଲ:** ବୁନ୍ଦୀ ସହରରେ ତାରାଗଢ଼ କିଲ୍ଲା ନିକଟରେ ଏହା ନିର୍ମାଣ କରାଯାଇଛି। ଏହି ମହଲର କାନ୍ଥରେ କଳାତ୍ମକ ପେଣ୍ଟିଂ କରାଯାଇଛି।

**ମୋତିମହଲ:** ଏହି ମହଲକୁ ୧୬୪୫ରେ ନିର୍ମାଣ କରାଯାଇଛି। ଏହି ମହଲ ଭିତରେ ଶିବ ମନ୍ଦିର ରହିଛି। ଯାହାକୁ ଦେଖିବାକୁ ଅନେକ ପର୍ଯ୍ୟଟକ ଆସିଥାନ୍ତି।

**୮୪ଟି ଖମ୍ବରେ ଥିବା ଛତା:** ଏହି ଛତାକୁ ଅନିରୁଦ୍ଧ ସିଂ ୧୬୮୩ରେ ନିର୍ମାଣ କରିଥିଲେ। ଏହି ଛତା ୮୪ଟି ଖମ୍ବ ଉପରେ ରହିଛି। ଏହି ଖମ୍ବରେ ବିଭିନ୍ନ କଳାତ୍ମକ କାମ କରାଯାଇଛି। ଏଠାରେ ଆପଣ ଫଟୋଗ୍ରାଫିର ମଜା ନେଇପାରିବେ।

**ସୁଖ ମହଲ:** ଏହି ମହଲ ଜେତ ସାଗର ହ୍ରଦ ନିକଟରେ ନିର୍ମାଣ କରାଯାଇଛି। ଏହା ଉମ୍ମେଦ ସିଂଙ୍କ ଶାସନକାଳରେ ନିର୍ମାଣ କରାଯାଇଥିଲା।

## ଚାଲ ବୁଲିଯିବା ଚାଙ୍ଗଲାଙ୍ଗ



ଯଦି ଆପଣ ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଐତିହାସିକ ଜାଗା ଭ୍ରମଣ କରିବାକୁ ଚାହୁଁଛନ୍ତି ତା ହେଲେ ଅରୁଣାଚଳ ପ୍ରଦେଶସ୍ଥିତ ଚାଙ୍ଗଲାଙ୍ଗ ପ୍ରକୃଷ୍ଟ ସ୍ଥାନ। ପ୍ରକୃତି କୋଳରେ ବସିଥିବା ଏହି ଗାଁ ନୈସର୍ଗିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। ଏଠାକୁ ଥରେ ବୁଲି ଆସିଲେ ପାହାଡ଼ ଘଞ୍ଚ ଜଙ୍ଗଲ ମଧ୍ୟରେ ମାଇଲି ମାଇଲି ଦୂର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିବା ପର୍ବତ ଶୃଙ୍ଖଳାକୁ ଦେଖି ଆପଣ ସବୁ ଚିନ୍ତା ଭୁଲିଯିବେ।

**କ'ଣ ଦେଖିବେ:** ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପ୍ରାଣ ହରାଇଥିବା ସୈନିକଙ୍କର ଏଠାରେ କବରସ୍ଥାନ ରହିଛି। ଯାହାକି ଜୟରାମପୁର କବରସ୍ଥାନ ନାମରେ ପରିଚିତ। ଏଠାରେ ପହଞ୍ଚି ଆପଣ ଉକ୍ତ ଯୁଦ୍ଧରେ ବିଭୀଷିକାକୁ ମଧ୍ୟ ହୃଦୟଙ୍ଗମ କରିପାରିବେ। ଚାଙ୍ଗଲାଙ୍ଗରେ ଏକ ନ୍ୟାସନାଲ ପାର୍କ ରହିଛି। ଯେଉଁଠାରେ ଆପଣ ବାଘଠୁ ଆରମ୍ଭ କରି ବିଭିନ୍ନ ପ୍ରଜାତିର ଜୀବଜନ୍ତୁ ଭଳିକି ଭଳି ବୃକ୍ଷରାଜି ମଧ୍ୟ ଦେଖିପାରିବେ। ଏଠାରେ ଥିବା ନୋଆ- ଦେହିଙ୍ଗ ନଦୀ କୂଳରେ ତିବତଙ୍କ ବସିତ ରହିଛି। ତେଣୁ ଆପଣ ଏଠାକୁ ବୁଲି ଆସୁଥିଲେ, ସେମାନଙ୍କଠାରୁ ଶୀତ ବସ୍ତ୍ର ନେବାକୁ ଭୁଲନ୍ତୁ ନାହିଁ। ଚାଙ୍ଗଲାଙ୍ଗରେ ଥିବା ଏକ ହ୍ରଦର ନାଁ ଲୋକ ଅଫ ନୋ ରିଟର୍ନ। ଏଠାକୁ ଆସୁଥିବା ପର୍ଯ୍ୟଯକ ଏହି ହ୍ରଦ ବୁଲି ଯିବାକୁ ଭୁଲନ୍ତି ନାହିଁ। ଏହାର ନାମକରଣ ପଛରେ ରହିଛି ଏକ ବିଶେଷତ୍ୱ। କୁହାଯାଏ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏଠାରେ ଏକ ପ୍ଲେନ ଅବତରଣ କରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଯାଇଥିଲା। ଫଳରେ ସେଥିରେ ଥିବା ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ତେଣୁ ଏହି ହ୍ରଦର ଏପରି ନାମକରଣ ହୋଇଛି। ଏହାର ଅର୍ଥ ଏହା ଏପରି ଏକ ହ୍ରଦ ଯେଉଁଠିକି ଥରେ ଆସିଲେ କେହିଁ ଫେରନ୍ତି ନାହିଁ।

**କିପରି ଯିବେ:** ଚାଙ୍ଗଲାଙ୍ଗରେ ପହଞ୍ଚିବାକୁ ଆପଣ ଆକାଶମାର୍ଗ, ରେଳପଥ କିମ୍ବା ସଡ଼କ ପଥ ବାଛି ପାରିବେ। ଆପଣ ଦିଲ୍ଲୀରୁ ଏଠାକୁ ଯିବାକୁ ଚାହୁଁଥିଲେ ରେଳପଥରେ ୫୦ ଘଣ୍ଟା ଯାତ୍ରା କରିବାକୁ ପଡ଼ିବ। ଏହାର ନିକଟତମ ଏୟାରାପୋର୍ଟ ହେଉଛି ଆସାମର ମୋହନବାଡ଼ି। ଏହା ଚାଙ୍ଗଲାଙ୍ଗଠାରୁ ୧୮୨ କି.ମି ଦୂରରେ ସ୍ଥିତ। ଏଠାକୁ ଆପଣ ବସ ଯୋଗେ ନଚେତ ଟ୍ୟାକ୍ସି ରିଜର୍ଭ କରି ଯାଇ ପାରିବେ। ଯଦି ଆପଣ ଟ୍ରେନରେ ଯିବାକୁ ଚାହୁଁଛନ୍ତି ତା ହେଲେ ନିକଟତମ ରେଳଷ୍ଟେସନ ହେଉଛି ଆସାମର ତିନସୁକିୟା। ଏହା ସହରଠାରୁ ପ୍ରାୟ ୧୪୧ କି.ମି ଦୂରରେ ସ୍ଥିତ। ଆପଣ ବସରେ ବି ଗନ୍ତବ୍ୟ ସ୍ଥଳକୁ ଯାଇ ପାରିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଆପଣ ବର୍ଷର ଯେକୌଣସି ସମୟରେ ଏଠାକୁ ଯାଇ ପ୍ରକୃତି କୋଳରେ ନିଜକୁ ହଜାଇ ପାରିବେ।

## ନୃସିଂହନାଥ ମନ୍ଦିର

**ବରଗଡ଼ ବୁଲି ଗଲେ ସେଠାରେ ଅନେକ ପର୍ଯ୍ୟଟନ ସ୍ଥଳୀ ଦେଖିବାକୁ ପାଇବେ। ଆଉ ସେହି ସବୁ ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ବରଗଡ଼ର ନୃସିଂହନାଥ ପୀଠ ଅନ୍ୟତମ।**

**କିପରି ଯିବେ:** ବରଗଡ଼ ସହର ୬ ନଂ ଜାତୀୟ ରାଜପଥ ଦେଇ ସୋହେଲା ରାସ୍ତାରେ ଆପଣ ଯାଇପାରିବେ। ଏହାଠୁ ପ୍ରାୟ ୨୮ କି.ମି ଗଲା ପରେ ସୋହେଲା ପଡ଼ିବ। ସେହି ସ୍ଥାନରୁ ପଦ୍ମପୁର ରାସ୍ତା ଦେଇ ଗଲେ ନୃସିଂହ ନାଥଙ୍କ ପୀଠ ପଡ଼ିବ। ତେବେ ବରଗଡ଼ରୁ ନୃସିଂହ ନାଥଙ୍କ ପୀଠକୁ ଯିବାକୁ ହେଲେ ଆପଣଙ୍କୁ ୧୧୩ କିମି ଯିବାକୁ ପଡ଼ିବ।ରାଜଧାନୀ ଭୁବନେଶ୍ୱରରୁ ୫୫ ନଂ ଜାତୀୟ ରାଜପଥ ଦେଇ ଗଲେ ଏହା ପ୍ରାୟ ୩୧୮ କି.ମି। ଆପଣ ସେଠାକୁ ଟ୍ରେନ କିମ୍ବା ଟ୍ୟାକ୍ସିରେ ଯାଇପାରିବେ। ନୃସିଂହନାଥଙ୍କ ପୀଠ ଜଗତର କଲ୍ୟାଣ ପାଇଁ ଭାଗବାନ ଅନେକ ରୂପରେ ଧରାପୃଷ୍ଠରେ ଅବତରଣ କରିଥାନ୍ତି। କେତେବେଳେ ବାମନ ରୂପରେ ତ ଆଉ କେତେବେଳେ ବରାହ ରୂପରେ। ସେହି ମନ୍ଦିରରେ କିନ୍ତୁ ଆପଣ ଠାକୁରଙ୍କୁ ଅଲଗା ରୂପରେ ଦେଖିବାକୁ ପାଇବେ। ସେଠାରେ ନୃସିଂହନାଥଙ୍କ ଶରୀର ସିଂହ ଭଳି ଏବଂ ମୁଖମଣ୍ଡଳ ବିରାଡ଼ି ସଦୃଶ ରହିଛି। କାହିଁ କେଉଁ ଆଦିମ କାଳରୁ ମହାପ୍ରଭୁ ଏଠାରେ ପୂଜା ପାଇ ଆସୁଛନ୍ତି। ଐତିହାସିକ ମତରେ ପାଟଣାଗଡ଼ ରାଜା ୧୪୧୩ ଶତାବ୍ଦିର ଏହି ସୁନ୍ଦର ମନ୍ଦିର ନିର୍ମାଣ କରିଥିଲେ। ଆପଣ ସେଠାକୁ ଗଲେ ପୂରାତନ ନିଦର୍ଶନର ଚିତ୍ରକଳା ସାଙ୍ଗକୁ ଓଡ଼ିଆ କାରିଗରଙ୍କ ସୁକ୍ଷ୍ମ କାରୁକାର୍ଯ୍ୟ ଦେଖିବାକୁ ପାଇବେ। ବିଭିନ୍ନ ଦେବାଦେବୀ ପଶୁପକ୍ଷୀ ଆଦିଙ୍କ ନିଖୁଣ ମୂର୍ତ୍ତିକୁ ଆପଣ ଏବେ ମଧ୍ୟ ସେଠାରେ ଦେଖିବାକୁ ପାଇବେ। ସେଠାକାର ଏହି ଦୃଶ୍ୟକୁ ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ। ପୀଠରେ ଦିନକୁ ଦିନ ଥର ହରିହର ପଙ୍ଗତ ହୋଇଥାଏ। ଆବାଳ ବୃଦ୍ଧ ବନୀତା ନୃସିଂହନାଥଙ୍କ ପ୍ରସାଦକୁ ବିନା ମୂଲ୍ୟରେ ସେବନ କରିବାର ନୀତି ରହିଛି। ନୃସିଂହନାଥ ପୀଠ ଆପଣ ବୁଲି ଗଲେ ସେଠାରେ ଆଉ ଏକ ମନୋରାମ ଦୃଶ୍ୟ ମଧ୍ୟ ଆପଣ ଦେଖିବାକୁ ପାଇବେ। ସେଠାରେ ଏକ ଝରଣା ମଧ୍ୟ ପ୍ରବାହିତ ହେଉଛି। ସେହି ଝରଣାକୁ ପାଗ ହାରିଣୀ ବୋଲି କୁହାଯାଏ। ଏହି ଝରଣାର ଜଳ ଗଙ୍ଗା ଭଳି ପବିତ୍ର। ଆଉ ଏହାକୁ ଛତିଶଗଡ଼ କି ଗଙ୍ଗା ବୋଲି ମଧ୍ୟ କୁହାଯାଏ। ସେଠାରେ ଲମ୍ବା ଲମ୍ବା ଗଛ ସାଙ୍ଗକୁ ବିରାଟ କାନ୍ଥ ସଦୃଶ ପଥୁରିଆ ରାସ୍ତା ଦେଇ ଗଲେ ଭୀମଧାର ନାମକ ଜଳପ୍ରପାତକୁ ଆପଣ ଦେଖିବାକୁ ପାଇବେ। ସେହି ଛୋଟିଆ ଜଳପ୍ରପାତ ଦେଖିଲେ ତାହା ଖଣ୍ଡାଧାରର ଛୋଟିଆ ରୂପ ପରି ଆପଣଙ୍କୁ ଲାଗିବ ନିଶ୍ଚିତ। ଏଠାରେ ଆପଣ ଦୀର୍ଘ ୨୦ ଫୁଟ ଉପରୁ ତଳକୁ ଲମ୍ଫ ମାରୁଥିବା ଜଳରାଶି ଦେଖିବାକୁ ପାଇବେ। ସେହି ସ୍ଥାନରେ ଥରେ ପହଞ୍ଚିଲେ ଆପଣଙ୍କ ମନ କେବେବି ଆସିବାକୁ ଇଚ୍ଛା ହେବ ନାହିଁ।



